


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୪୦ ● ୧୧ ମାର୍ଚ୍ଚ ୨୦୨୬ ବୁଧବାର ● ଭୁବନେଶ୍ୱର ● Vol -33 ● Issue-40 ● 11th March 2026, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


# ଭାରତରେ ଘରୋଇ ଗ୍ରାହକଙ୍କ ପାଇଁ ଇନ୍ଧନ ଅଭାବ ରହିବ ନାହିଁ

**ନୂଆଦିଲ୍ଲୀ, ୧୦।୩**

କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ମଙ୍ଗଳବାର ଦିନ ଆଶ୍ୱାସନା ଦେଇଛନ୍ତି ଯେ ଭାରତରେ ଘରୋଇ ଗ୍ରାହକମାନେ ପେଟ୍ରୋଲିୟମ୍ ଉତ୍ପାଦ (ପେଟ୍ରୋଲ୍, ଡିଜେଲ୍, ସିଏନ୍‌ଜି)ର କୌଣସି ଅଭାବର ସମ୍ମୁଖୀନ ହେବେ ନାହିଁ। ସେ ଆଶ୍ୱାସନା ଦେଇଛନ୍ତି ଯେ ଦେଶରେ ପର୍ଯ୍ୟାପ୍ତ ଇନ୍ଧନ ମହଜୁଦ ଅଛି।

ଏକ୍ସ-ପୋଷ୍ଟରେ ଜାରି ଏକ ବିବୃତିରେ, କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି ଯେ ଭାରତରେ ଘରୋଇ ଗ୍ରାହକମାନେ କୌଣସି ଇନ୍ଧନ ଅଭାବର ସମ୍ମୁଖୀନ ହେବେ ନାହିଁ। ସେ କହିଛନ୍ତି ଯେ ଦେଶରେ ପର୍ଯ୍ୟାପ୍ତ ଇନ୍ଧନ ମହଜୁଦ ଅଛି ଏବଂ ବିଶ୍ୱ ଉତ୍ତେଜନା ସତ୍ତ୍ୱେ ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରାଯିବ।

ହରଦୀପ ସିଂହ ପୁରୀ ଆଶ୍ୱାସନା ଦେଇଛନ୍ତି ଯେ ଭାରତରେ ଘରୋଇ ଗ୍ରାହକମାନଙ୍କ ପାଇଁ କୌଣସି ଶକ୍ତି ଅଭାବ ରହିବ ନାହିଁ ଏବଂ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ। ପେଟ୍ରୋଲିୟମ୍ *(ପୃଷ୍ଠା ୭ରେ)*

## ରାଜ୍ୟରେ ଯଥେଷ୍ଟ ପରିମାଣର ରନ୍ଧନ ଗ୍ୟାସ୍ ଉପଲବ୍ଧ

# ଜନସାଧାରଣଙ୍କୁ ଚିନ୍ତିତ ନ ହେବାକୁ ମୁଖ୍ୟ ଶାସନ ସଚିବଙ୍କ ପରାମର୍ଶ

**ଭୁବନେଶ୍ୱର, ୧୦।୩**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ରନ୍ଧନ ଗ୍ୟାସ (ଏଲପିଜି) ଏବଂ ପେଟ୍ରୋଲ ଓ ଡିଜେଲର ଉପଲବ୍ଧତା ସମ୍ପର୍କରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମଙ୍ଗଳବାର ଏକ ଉଚ୍ଚସ୍ତରୀୟ ବୈଠକରେ ସ୍ଥିତି ଅନୁଧ୍ୟାନ କରିଛନ୍ତି । ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂଙ୍କ ସମେତ ଜାଳେଣି ଗ୍ୟାସ(ଏଲପିଜି) ଓ ଇନ୍ଧନ ତୈଳ ମାର୍କେଟିଂ କରୁଥିବା ଆଓସିଏଲ୍, ଏଚ୍‌ପିସିଏଲ ଓ ବିପିସିଏଲ ଆଦି କମ୍ପାନୀର କର୍ତ୍ତୃପକ୍ଷମାନେ ଉପସ୍ଥିତ ଥିଲେ ।

ରାଜ୍ୟରେ ଯଥେଷ୍ଟ ପରିମାଣର ରନ୍ଧନ ଗ୍ୟାସ(ଏଲପିଜି) ଉପଲବ୍ଧ ରହିଛି ଏବଂ ଜନସାଧାରଣଙ୍କୁ ଏଥି ନେଇ ବିଶେଷ ଚିନ୍ତିତ



ନ ହେବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି । ବୈଠକରେ ତୈଳ ବିଶୋଧନାଗାର/ ଡିପୋରୁ ଏଲପିଜି ବିତରକ ଓ ରିଟେଲ ଆଉଟ୍‌ଲେଟ୍‌କୁ ବିତରଣ ପ୍ରକ୍ରିୟା ଓ ଯୋଗାଣ ଶୃଙ୍ଖଳ ବ୍ୟବସ୍ଥା ସମ୍ପର୍କରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଖାଉଟିମାନଙ୍କୁ ରନ୍ଧନ ଗ୍ୟାସ, ପେଟ୍ରୋଲ ଓ ଡିଜେଲ ଯୋଗାଣ ନେଇ ସମସ୍ୟା ନ ଥିବା ସମ୍ପର୍କରେ ତୈଳ କମ୍ପାନୀ କର୍ତ୍ତୃପକ୍ଷମାନଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା । ସେହିପରି ଶିକ୍ଷାନୁଷ୍ଠାନ ଓ ଡାକ୍ତରଖାନାଗୁଡ଼ିକ ପାଇଁ ମଧ୍ୟ ରନ୍ଧନ ଗ୍ୟାସ ଯୋଗାଣରେ ସମସ୍ୟା ନାହିଁ । ମୁଖ୍ୟ ଶାସନ ସଚିବ ସୁବିଧାରେ ରନ୍ଧନ ଗ୍ୟାସ ଓ ଇନ୍ଧନ ତୈଳ ଉପଲବ୍ଧ ହେବା ନେଇ ଯୋଗାଣ ଶୃଙ୍ଖଳ *(ପୃଷ୍ଠା ୭ରେ)*

# ଚାଷୀଙ୍କ ହିତ ପାଇଁ ସରକାର କାମ କରୁଛନ୍ତି

**ଭୁବନେଶ୍ୱର, ୧୦।୩**
**ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ବିଭାଗର ସମୁଦାୟ ୬୫୩୮ କୋଟି ୨୭ ଲକ୍ଷ ୬୪ ହଜାର କୋଟି ଟଙ୍କାର ଖର୍ଚ୍ଚ ଦାବି ବା ବଜେଟ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୃହରେ ଆଗତ କରିବା ପରେ ଏହା ଉପରେ ଆଲୋଚନା ଆରମ୍ଭ ହୋଇଥିଲା। ବିରୋଧୀ ଦଳରୁ ବିଜେଡ଼ିର ବରିଷ୍ଠ ବିଧାୟକ ପ୍ରତାପ କେଶରୀ ଦେବ ଖର୍ଚ୍ଚ ଦାବିକୁ ବିରୋଧ କରି କହିଥିଲେ ସରକାରଙ୍କ କଥା ଓ କାର୍ଯ୍ୟ ଭିତରେ ଆକାଶ ପାତାଳ ପ୍ରଭେଦ ରହୁଛି। ଏମ୍‌ଏସ୍‌ପି ଉପରେ ଚାଷୀଙ୍କୁ ୮୦୦ ଟଙ୍କା ବୋନସ ଦେବାକୁ କହିଥିଲେ ମଧ୍ୟ ସରକାର ସେପରି କରିନାହାଁନ୍ତି। ସରକାର ବାସ୍ତବତାକୁ ବୁଝିପାରୁ ନାହାଁନ୍ତି। ସରକାରୀ ଉଦାସୀନତା ଓ ଅବହେଳା କାରଣରୁ ଧାନ ସଂଗ୍ରହ ପ୍ରକ୍ରିୟା ବିଳମ୍ବିତ ହୋଇଛି। ଏଥିପାଇଁ କାହାକୁ ଦାୟୀ କରାଯିବ ବୋଲି ସେ ପ୍ରଶ୍ନ କରିଥିଲେ। ଅନ୍ୟ ପକ୍ଷରେ କଂଗ୍ରେସ ବିଧାୟକ ଅଶୋକ ଦାସ ଧାନକିଣା ପାଇଁ ଚାଷୀଙ୍କୁ ଟୋକନ ଦିଆଯାଇ ନାହିଁ ବୋଲି ଅଭିଯୋଗ ଉଠାଇବା ସହ ଏଥିପାଇଁ ସରକାରଙ୍କୁ ଦାୟୀ କରିଥିଲେ। ଶାସକ ଦଳ ବିଧାୟକ ସନ୍ତୋଷ ଖଟୁଆ ଖର୍ଚ୍ଚଦାବିକୁ ସମର୍ଥନ କରି ନୂଆ ସରକାର ଆସିବା ପରେ ରାଜ୍ୟରେ ଚାଷୀମାନଙ୍କ ଠାରୁ ଦୁଇଗୁଣ ଅଧିକ ଧାନ କିଣିଛନ୍ତି ଓ ୩୦ ହଜାର କୋଟିରୁ ଅଧିକ ଟଙ୍କା ପ୍ରଦାନ କରିଛନ୍ତି ବୋଲି କହିଥିଲେ। ବିଧାୟକ ଦିବ୍ୟଶଙ୍କର ମିଶ୍ର ଓ ମଙ୍ଗୁ ଖିଲ, ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

ମୁଲତବୀ ପ୍ରସ୍ତାବ ଆଲୋଚନାର ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ପାତ୍ର ବିରୋଧୀ ଦଳ ପକ୍ଷରୁ ଉଠାଯାଇଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରିଥିଲେ ଏବଂ ରାଜ୍ୟ ସରକାର ଚାଷୀଙ୍କ ହିତ ଓ ସ୍ୱାର୍ଥରକ୍ଷା ପାଇଁ ଯାହା ସବୁ ପ୍ରତିଶ୍ରୁତି ଦେଇଥିଲେ ତାହାକୁ କାର୍ଯ୍ୟକାରୀ କରି ଚାଲିଛନ୍ତି । ମାତ୍ର ବିରୋଧୀ ଦଳ ମିଥ୍ୟା କଥା କହି ଲୋକଙ୍କୁ ଏବଂ ଗୃହକୁ ବିଭ୍ରାନ୍ତ କରିବାକୁ ଯେଉଁ ଉଦ୍ୟମ କରୁଛନ୍ତି ସେମାନେ ସେଥିରେ ସଫଳ ହେବେ ନାହିଁ । ସରକାରଙ୍କ ଘୋଷଣା ଅନୁସାରେ ପୂର୍ବବର୍ଷ ଅପେକ୍ଷା ଚଳିତ ବର୍ଷ ଚାଷୀ ପଞ୍ଜିକରଣ ସଂଖ୍ୟା ବଢ଼ିଛି ଏବଂ ଚାଷୀଙ୍କ ଠାରୁ ଅଧିକ ପରିମାଣରେ ଧାନ ସଂଗ୍ରହ କରାଯିବା ସହ ପ୍ରାପ୍ୟ ମଧ୍ୟ ପଇଠ କରାଯାଇଛି ।

# ୨ ଦିନ ବଢ଼ିଲା ଭାରତୀୟ ନ୍ୟାୟ ସଂହିତା ପ୍ରଦର୍ଶନୀ

**ଭୁବନେଶ୍ୱର, ୧୦।୩**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଭୁବନେଶ୍ୱରର ୟୁନିଟ୍-୩ ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ଆୟୋଜିତ ଭାରତୀୟ ନ୍ୟାୟ ସଂହିତା ପ୍ରଦର୍ଶନୀ ବୁଲି ଦେଖିବା ସହିତ ଏହି ପ୍ରଦର୍ଶନୀକୁ ଆଉ ଦୁଇ ଦିନ ବଢାଇବା ପାଇଁ ଘୋଷଣା କରିଛନ୍ତି।

ସୂଚନାଥାଉକି, ମଙ୍ଗଳବାର ସମାପ୍ତ ହେବାକୁ ଯାଉଥିବା ଏହି ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଦୁଇ ଦିନ ଅର୍ଥାତ ଚଳିତ ମାସ ୧୨ ତାରିଖ ପର୍ଯ୍ୟନ୍ତ ବଢ଼ାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୬ ତାରିଖ ଦିନ ଏଠାରେ ଭାରତୀୟ ନ୍ୟାୟ ସଂହିତା ସମ୍ପର୍କିତ ଏହି ପ୍ରଦର୍ଶନୀ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହଙ୍କ ଗସ୍ତ ସମୟରେ ଉଦ୍‌ଘାଟିତ ହୋଇଥିଲା ।

ଓଡ଼ିଶା ପୋଲିସ ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀରେ ସଚେତନତା ବାର୍ତ୍ତାବାହୀ ଏକ ପଥପ୍ରାନ୍ତ ନାଟକକୁ ମୁଖ୍ୟମନ୍ତ୍ରୀ ଉଚ୍ଚ ପ୍ରଶଂସା କରିବା ସହିତ ଉକ୍ତ ପ୍ରଦର୍ଶନୀରେ ପ୍ରଦର୍ଶିତ ଗୃହ ବିଭାଗର ବିଭିନ୍ନ ଷ୍ଟଲ ଅତି ଉଚ୍ଚକୋଟୀର ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ଗଣମାଧ୍ୟମକୁ ବିବୃତି ଦେଇ




ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦେଶର ନାଗରିକଙ୍କୁ ସୁରକ୍ଷା ଓ ନ୍ୟାୟ ପ୍ରଦାନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଯେଉଁ ସଂକଳ୍ପ ରହିଛି, ତାହାର ଶ୍ରେଷ୍ଠ ପ୍ରମାଣ ହେଉଛି ଏହି ଭାରତୀୟ ନ୍ୟାୟ ସଂହିତା। ଏହି ପ୍ରଦର୍ଶନୀ ସାଧାରଣ ଲୋକଙ୍କୁ ଏହି ନୂଆ ଆଇନର କାର୍ଯ୍ୟକାରିତା ଓ ଏହାର ପ୍ରଭାବ ସମ୍ପର୍କରେ ସଚେତନ କରିବାରେ ଏକ ଉତ୍ତମ ପଦକ୍ଷେପ । ଏହି ନୂଆ ଆଇନ ଲାଗୁ ହେଲା ପରେ ଭାରତ ବର୍ଷର ଅପରାଧ ନିୟନ୍ତ୍ରଣ ଢାଞ୍ଚାରେ ଉପନିବେଶବାଦୀ ଯୁଗର ଅବସାନ ଘଟିଛି ଏବଂ ସ୍ୱାଧୀନ ଭାରତର ଆଭିମୁଖ୍ୟକୁ ନେଇ ବ୍ୟବସ୍ଥାରେ ପରିବର୍ତ୍ତନ ଆସିଛି ।

ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରୀ ହେବା ପରଠାରୁ ୨୦୨୫ ଶେଷ ପର୍ଯ୍ୟନ୍ତ, ଓଡ଼ିଶାରେ ଦୋଷୀ ସାବ୍ୟସ୍ତ ହାର ୮୭.୬% ବୃଦ୍ଧି ପାଇଛି। ଏହା ଏକ ବିରାଟ ସଫଳତା। ଏହି ଆଇନ ଦ୍ୱାରା ତଦନ୍ତ ଠାରୁ ବିଚାର ପର୍ଯ୍ୟନ୍ତ ପ୍ରାୟ ସବୁ ଷ୍ଟେପ୍‌ରେ ଉନ୍ନତି ଆସିଛି। ୨୦୨୫ ରେ ଜିରୋ *(ପୃଷ୍ଠା ୭ରେ)*

## ରାଜ୍ୟସଭା ନିର୍ବାଚନ ପାଇଁ ବିଧାନସଭାରେ ପହଞ୍ଚିଲା ବାଲଟ ବାକ୍ସ

**ଭୁବନେଶ୍ୱର, ୧୦।୩**
**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୧୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସଭା ନିର୍ବାଚନ ପାଇଁ ଭୋଟ ବାକ୍ସ ପ୍ରସ୍ତୁତ ହୋଇଛି। ମଙ୍ଗଳବାର ଏହି ଭୋଟ ବାକ୍ସ ବିଧାନସଭାରେ ପହଞ୍ଚିଛି । ରାଜ୍ୟସଭା ନିର୍ବାଚନରେ ୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱୀତା କରୁଛନ୍ତି । ବିଜେଡ଼ିରୁ ସନ୍ତୃପ୍ତ ମିଶ୍ର ଓ କମନ୍ କ୍ୟାଣ୍ଡେଟ୍ ଭାବେ ଦତ୍ତେଶ୍ୱର ହୋତା ରହିଥିବା ବେଳେ ବିଜେପିରୁ ମନମୋହନ ସାମଲ, ସୁଜିତ କୁମାର ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ଦିଲ୍ଲୀପ ରାୟ ନିର୍ବାଚନ ଲଢୁଛନ୍ତି। ୧୬ ତାରିଖ ସକାଳ ୯ରୁ ଅପରାହ୍ନ ୪ ଯାଏଁ ନିର୍ବାଚନ ପାଇଁ ଭୋଟ ଗ୍ରହଣ ଅନୁଷ୍ଠିତ ହେବ। ଏଥିରେ ବିଧାୟକମାନେ ଭୋଟ ଦାନ କରିବେ।

## ଶାନ୍ତି ସ୍ଥାପନକାରୀ ପାଲଟିଲେ ପୁଟିନ

# ଇରାନ-ଇସ୍ରାଏଲ ଯୁଦ୍ଧ ଶେଷ ପାଇଁ ଟ୍ରମ୍ପଙ୍କ ସହ ଆଲୋଚନା

**ମସ୍କୋ/ୱାଶିଂଟନ, ୧୦।୩**

ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଗତ ଚାରି ବର୍ଷ ଧରି ୟୁକ୍ରେନ ସହିତ ଯୁଦ୍ଧରେ ଫସି ରହିଛନ୍ତି। ଏବେ ସେ ପଶ୍ଚିମ ଏସିଆରେ ଶାନ୍ତି ସ୍ଥାପନକାରୀ ଭୂମିକା ଗ୍ରହଣ କରୁଥିବା ଦେଖାଯାଉଛି। ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଏକ ଟେଲିଫୋନ୍ ଆଲୋଚନାରେ ପୁଟିନ ଇରାନ ଏବଂ ଆମେରିକା- ଇସ୍ରାଏଲ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧକୁ ବନ୍ଦ କରିବା ପାଇଁ ଏକ ଠୋସ୍ ପ୍ରସ୍ତାବ *(ପୃଷ୍ଠା ୭ରେ)*



## ମହଙ୍ଗା ହେଉଛି ବିମାନ ଯାତ୍ରା

**ନୂଆଦିଲ୍ଲୀ, ୧୦।୩**

ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ବିମାନ ଇନ୍ଧନ ମହଙ୍ଗା ହେବାରେ ଲାଗିଛି। ତାହାର ପ୍ରଭାବରେ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଏୟାରଲାଇନ୍ସ ଟିକଟ ମୂଲ୍ୟ ବଢ଼ାଇବା ଆରମ୍ଭ କରିଛନ୍ତି। ଆଭିଏସନ ଟର୍ବାଇନ୍ ଫୁଏଲ୍ (ଏଟିଏଫ୍) ମୂଲ୍ୟ ହଠାତ୍ ବଢ଼ିଯିବା କାରଣରୁ କମ୍ପାନିଗୁଡ଼ିକର ପରିଚାଳନା ଖର୍ଚ୍ଚ ବଢ଼ିଯାଇଛି। ତାହାକୁ ଦୃଷ୍ଟିରେ ରଖି ସେମାନେ ଟିକଟ୍ ମୂଲ୍ୟ ବଢ଼ାଉଛନ୍ତି। ଅଷ୍ଟ୍ରେଲିଆର କ୍ୱାଣ୍ଟାସ୍, ଏୟାରୱେଜ୍, ସ୍କାଣ୍ଡିନାଭିଆର ଏସ୍‌ଏଏସ୍ ଓ ନ୍ୟୁଜିଲ୍ୟାଣ୍ଡର ଏୟାର ନ୍ୟୁଜିଲ୍ୟାଣ୍ଡ ? ଟିକଟ ଦର ବଢ଼ାଇଛନ୍ତି।

ଯୁଦ୍ଧ ପୂର୍ବରୁ ବିମାନ ଇନ୍ଧନର ବ୍ୟାରେଲ୍ ପିଛା ଦର ୮୫-୯୦ ଡଲାର ଥିଲା। ଏବେ ତାହା ୧୫୦-୨୦୦ ଡଲାରରେ ପହଞ୍ଚିଛି। ହର୍ମୁଜ ପ୍ରଣାଳୀ ଦେଇ ତେଲ ଜାହାଜ ସ୍ୱାଭାବିକ ଭାବେ ଚଳାଚଳ କରିପାରୁନଥିବାରୁ ତେଲ ଦର ବଢୁଛି। ଯଦି ଏହି ସ୍ଥିତି ଲମ୍ବା ସମୟ ଲାଗିରହିବ ତେବେ ବିମାନ ଟିକଟ ଆହୁରି ମହଙ୍ଗା ହେବ।

## ଏସ୍‌ଆଇଆର ପାଇଁ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଆରମ୍ଭ

**ଭୁବନେଶ୍ୱର, ୧୦।୩**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ହେବାକୁ ଥିବା ଆଗାମୀ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟକ୍ରମକୁ ସୁଚାରୁ ଭାବେ କାର୍ଯ୍ୟନ୍ୱୟ କରିବା ଉଦ୍ଦେଶ୍ୟରେ ନିର୍ବାଚନ ଅଧିକାରୀମାନଙ୍କ ପାଇଁ ଚାରିଦିନିଆ ରାଜ୍ୟ ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ଏହି ପ୍ରଶିକ୍ଷଣ ୧୦ ମାର୍ଚ୍ଚ ଠାରୁ ୧୩ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଭୁବନେଶ୍ୱରର ଗୋଠପାଟଣା ସ୍ଥିତ ରେଭେନ୍ୟୁ ଅଫିସର୍ସ ଟ୍ରେନିଂ ଇନଷ୍ଟିଚ୍ୟୁଟ ରେ ଆୟୋଜିତ ହେଉଛି। ପ୍ରଶିକ୍ଷଣ ପ୍ରତିଦିନ ଦୁଇଟି ସେସନ୍‌ରେ ଚାଲିବ।

ପ୍ରଥମ ଦିନ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ. ଗୋପାଳନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଥମ ଦିନର ପ୍ରଶିକ୍ଷଣରେ ବରଗଡ଼, ଝାରସୁଗୁଡା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, କେଉଁଝର, ମୟୁରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଇଆରଓ), ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଏଇଆରଓ) ଓ ଡେପୁଟି କଲେକ୍ଟର (ନିର୍ବାଚନ) ମାନେ ଯୋଗଦେଇଥିଲେ।

ପ୍ରଶିକ୍ଷଣ ସମୟରେ *(ପୃଷ୍ଠା ୭ରେ)*

# ଟାଟା ପାୱାର ଦାୟିତ୍ୱ ନେବା ପରେ ବିଦ୍ୟୁତ୍ ଭିତ୍ତିଭୂମିର ଯଥେଷ୍ଟ ଉନ୍ନତି ଘଟିଛି

**ଭୁବନେଶ୍ୱର, ୧୦।୩**
**ନ୍ୟୁଜ୍ ବ୍ୟୁରୋ**

"ଟାଟା ପାୱାର ଦ୍ୱାରା ଜବରଦସ୍ତ ସ୍ମାର୍ଟ ମିଟର ଲଗାଯିବା, ମନଇଚ୍ଛା ବିଲିଂ କରାଯିବା, ଅଘୋଷିତ ବିଦ୍ୟୁତ୍ କାଟ ହେବା" ସମ୍ପର୍କରେ ମଙ୍ଗଳବାର ବିଧାନସଭାରେ ବିରୋଧୀ ଦଳ ପକ୍ଷରୁ ମୁଲତବୀ ପ୍ରସ୍ତାବ ନୋଟିସ ଆଗତ କରାଯାଇଥିଲା। ଏହି ପ୍ରସଙ୍ଗରେ ବିରୋଧୀ ଦଳରୁ ବିଧାୟକ ପବିତ୍ର ସାଉଁଟା, ସି.ଏସ୍. ରାଜନ ଏକ୍କା, ଅଶୋକ ଦାସ, ଗଣେଶ୍ୱର ବେହେରା, ରମେଶ ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇ ଅଭିଯୋଗ କରିଥିଲେ ଯେ, ରାଜ୍ୟରେ ଟାଟା ପାୱାର ମନୋମୁଖୀ ଭାବେ ସ୍ମାର୍ଟ ମିଟର ଲଗାଇ ଗରିବ ଜନସାଧାରଣଙ୍କୁ ଲୁଟୁଛନ୍ତି। ମନଇଚ୍ଛା ବିଦ୍ୟୁତ୍



ବିଲ୍ ଦେଇ ଅତ୍ୟାଚାର ବଢାଇ ଚାଲିଛନ୍ତି। ସରକାରଙ୍କ ଏ ଦିଗରେ କୌଣସି ଅଙ୍କୁଶ ନାହିଁ। ବହୁ ସ୍ଥାନରେ ଏହାକୁ ନେଇ ଆନ୍ଦୋଳନ ହେଉଥିଲେ ମଧ୍ୟ ତାର ପ୍ରତିକାର କରାଯାଉ ନାହିଁ। ଅନ୍ୟ ପକ୍ଷରେ ଶାସକ ଦଳ ବିଧାୟକ ଇରାଶିଷ ଆଚାର୍ଯ୍ୟ, ପ୍ରତାପ ଚନ୍ଦ୍ର ନାୟକ, ବିଭୂତି ଭୂଷଣ ପ୍ରଧାନ ଓ ପ୍ରକାଶ ଚନ୍ଦ୍ର ସେଠୀ ପ୍ରମୁଖ ଦୃଷ୍ଟି ଆକର୍ଷଣକାରୀ ନୋଟିସ୍ ଆଲୋଚନାରେ ଭାଗ ନେଇଥିଲେ।

ମୁଲତବୀ ପ୍ରସ୍ତାବ ଆଲୋଚନାର ଉତ୍ତର ଦେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ତରଫରୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିରୋଧୀ ଦଳର ଅଭିଯୋଗକୁ ଖଣ୍ଡନ କରିବା ସହିତ କହିଥିଲେ ଯେ, ରାଜ୍ୟରେ ଟାଟା ପାୱାର ଦାୟିତ୍ୱ ନେବା ପରଠାରୁ ବିଦ୍ୟୁତ୍ ଭିତ୍ତିଭୂମିର ଯଥେଷ୍ଟ ଉନ୍ନତି ଘଟିଛି। ନିୟମିତ ବିଦ୍ୟୁତ୍ ସେବା ଏବଂ ଗୁଣାତ୍ମକମାନର ବିଦ୍ୟୁତ୍ ଲୋକେ ପାଉଛନ୍ତି। କେନ୍ଦ୍ର ସରକାରଙ୍କ ସୌଭାଗ୍ୟ ଯୋଜନାରେ ସମସ୍ତ ରାଜସ୍ୱ ଗ୍ରାମକୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି। ପଡ଼ା ଗାଁକୁ ବିଦ୍ୟୁତ ସେବା ଯୋଗାଇବା ପାଇଁ ସର୍ଭେ କରାଯାଉଛି। ଟ୍ରାନ୍ସଫରମର ସଂଖ୍ୟା ୨୨୬୬ରୁ ୨୬୫୯କୁ *(ପୃଷ୍ଠା ୭ରେ)*

## ୧୩ରେ ମିଳିବ ପିଏମ୍ କିଷାନର ଦ୍ୱାବିଂଶ କିସ୍ତି

**ନୂଆଦିଲ୍ଲୀ, ୧୦।୩**

ପିଏମ୍ କିଷାନ ସମ୍ମାନ ନିଧି (ପିଏମ୍-କିଷାନ) ଯୋଜନାର ଦ୍ୱାବିଂଶ କିସ୍ତି ଆସନ୍ତା ୧୩ ତାରିଖରେ ଚାଷୀମାନଙ୍କୁ ମିଳିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୌହାଟୀଠାରେ ଆୟୋଜିତ ଏକ ଉତ୍ସବରେ ଯୋଗଦେଇ ଏହି ରାଶି ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରେରଣ କରିବେ। ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର (ଡିବିଟି) ଜରିଆରେ ୨୦୦୦ ଟଙ୍କା ଲେଖାଏଁ ରାଶି ହିତାଧିକାରୀଙ୍କ ଆକାଉଣ୍ଟରେ ଜମା ହେବ। ଉଲ୍ଲେଖଯୋଗ୍ୟ, ଗତ ନଭେମ୍ବର ୧୯ ତାରିଖରେ ପ୍ରଧାନମନ୍ତ୍ରୀ ମୋଦୀ ତାମିଲନାଡୁର କୋଏମ୍ବାଟୁରରେ ଏକ ଉତ୍ସବରେ ଯୋଗଦେଇ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏହି *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ଲମ୍ବା ଲାଇନିରେ ଠିଆ ହୁଅନାହିଁ
ମିଳିବ ଘରୋଇ ଗ୍ୟାସ୍
ରାଇଜ ପାଖରେ ବହୁତ ଅଛି
ଅଚିନ୍ତାରେ ଘରେ ବସ
ଏ ଯୁଦ୍ଧ କେବେହେବ ଶେଷ
ଏଗୁଡାଙ୍କ ପାଇଁ ଜନେ ଭୋଗୁଛନ୍ତି
ଜୀବନଟା ଲାଗେ ବିଷ।

# କୋଭିଡ୍ ଟିକା ଦ୍ୱାରା ହୋଇଥିବା କ୍ଷତି ନେଇ ସୁପ୍ରିମକୋର୍ଟଙ୍କ ରାୟ




**ନୂଆଦିଲ୍ଲୀ, ୧୦।୩**

କୋଭିଡ୍ ଟିକାର ପାର୍ଶ୍ୱପ୍ରତିକ୍ରିୟା ଯୋଗୁଁ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାର ପାଇଁ ଏକ ଦୋଷହୀନ କ୍ଷତିପୂରଣ ନୀତି ପ୍ରସ୍ତୁତ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଦ୍ୱାରା ପ୍ରଭାବିତ ପରିବାରକୁ ଆଶ୍ୱସ୍ତି ମିଳିବ।

କୋଭିଡ୍-୧୯ ସମୟରେ ଟିକାକରଣ ଏକ ସୁରକ୍ଷା କବଚ ଥିଲା, କିନ୍ତୁ କିଛି ପରିବାର ପାଇଁ ଏହି ସୁରକ୍ଷା ଏକ ଗଭୀର କ୍ଷତ ଛାଡ଼ିଯାଇଥିଲା। ବହୁ ଦିନ ଧରି ଟିକାର ପାର୍ଶ୍ୱ ପ୍ରତିକ୍ରିୟା ଏବଂ ଏହା ଫଳରେ ମୃତ୍ୟୁ ସମ୍ପର୍କରେ ଆଇନଗତ ମହଲରେ ଏକ ବିତର୍କ ଚାଲିଛି। ସୁପ୍ରିମକୋର୍ଟ ଏହି ମାମଲାରେ ଏକ ସମ୍ବେଦନଶୀଳ ଏବଂ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଦେଇଛନ୍ତି। ଯାହା ସିଧାସଳଖ ପ୍ରିୟଜନଙ୍କୁ ହରାଇଥିବା ସାଧାରଣ ନାଗରିକଙ୍କୁ ସହାୟତା ପ୍ରଦାନ କରିବ।

ବିଚାରପତି ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ଟିକାକରଣ ଦ୍ୱାରା ହୋଇଥିବା କ୍ଷତି ପାଇଁ ଏକ କ୍ଷତିପୂରଣ ନୀତି ପ୍ରସ୍ତୁତ କରିବାକୁ କେନ୍ଦ୍ର ସରକାରଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଆଇନଗତ ଲଢ଼େଇ ସେହି ପିତାମାତାଙ୍କ ସଂଘର୍ଷର କାହାଣୀ ବଖାଣୁଛି ଯେଉଁମାନଙ୍କର ଦୁଇ *(ପୃଷ୍ଠା ୭ରେ)*

# ଅଶୋଧିତ ତେଲ ୯୦ ଡଲାରକୁ କମିଲା ସେନ୍‌ସେକ୍ସ ୬୪୦ ପଏଣ୍ଟ ବଢ଼ିଲା

**ମୁମ୍ବାଇ, ୧୦।୩**

ଇରାନ ଯୁଦ୍ଧ ନେଇ ଆମେରିକା ରାଷ୍ଟ୍ରପତି ଦେଇଥିବା ମନ୍ତବ୍ୟର ଅନୁକୂଳ ପ୍ରଭାବ ମଙ୍ଗଳବାର ଅଶୋଧିତ ତେଲ, ଗ୍ୟାସ ଦର ସହିତ ସେୟାର ବଜାର ଉପରେ ପଡ଼ିଛି। ଅଶୋଧିତ ତେଲ ଏବଂ ଗ୍ୟାସ ଦର କମିଥିବା ବେଳେ ସେୟାର ବଜାର ଉପରକୁ ଉଠିଛି। ଇରାନକୁ ନେଇ ଟ୍ରମ୍ପ କହିଛନ୍ତି ଯେ ଯୁଦ୍ଧ ପ୍ରାୟତଃ ଶେଷ ହୋଇ ଆସୁଛି। ସେମାନଙ୍କର ନୌସେନା, ବାୟୁସେନା ଏବଂ ଯୋଗାଯୋଗ ବ୍ୟବସ୍ଥା ନାହିଁ। ସାମରିକ ଦୃଷ୍ଟିରୁ ସେମାନଙ୍କ ନିକଟରେ ଆଉ କିଛି ନାହିଁ ବୋଲି ଟ୍ରମ୍ପ କହିଥିଲେ। ଟ୍ରମ୍ପଙ୍କ ଏହି ମନ୍ତବ୍ୟର ପ୍ରଭାବ ବିଶ୍ୱ ଅର୍ଥନୀତିକୁ ଆଶ୍ୱସ୍ତ କରିଛି। ଷ୍ଟକ୍ ବଜାର ଉର୍ଦ୍ଧ୍ୱମୁଖୀ ହୋଇଥିବାବେଳେ ଅଶୋଧିତ ତେଲ ଏବଂ ଗ୍ୟାସ ଦର କମିଛି।

ସୋମବାର ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୧୨୦ ଡଲାର ନିକଟତର ହୋଇଥିଲା। କିନ୍ତୁ ମଙ୍ଗଳବାର ଏହା ୯୦ ଡଲାର ପାଖାପାଖି ରହିଛି। ଗୋଟେ ସମୟରେ ଏହା ୮୪ ଡଲାର ସ୍ତରକୁ ମଧ୍ୟ ଖସି ଆସିଥିଲା। ଯୁଦ୍ଧ ଆରମ୍ଭ ପୂର୍ବରୁ ଅଶୋଧିତ ତେଲ ଦର ତୁଳନାରେ ଏହା ଅଧିକ ହୋଇଥିଲେ ମଧ୍ୟ ତୈଳ ଉପରେ ଅତ୍ୟଧିକ ନିର୍ଭରଶୀଳ ଦେଶଗୁଡ଼ିକୁ କିଛିଟା ଖୁସି କରିଛି।

ବ୍ରିଟେନରେ ଗତକାଲି *(ପୃଷ୍ଠା ୭ରେ)*





## ଆଦିତ୍ୟ ଆଲୁମିନା ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଆଦିତ୍ୟ ଆଲୁମିନା ରିଫିନେରୀ, କାନ୍‌ହିଗୁଡା ସମୁଦାୟର ସଦସ୍ୟ, ମହିଳା କର୍ମଚାରୀ ଏବଂ କର୍ମଚାରୀଙ୍କ ପତ୍ନୀଙ୍କ ସମେତ ୬୦୦ରୁ ଅଧିକ ମହିଳାଙ୍କ ପ୍ରେରଣାଦାୟକ ଅଂଶଗ୍ରହଣରେ ସହଭାଗରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରିଛନ୍ତି । ଏହି ଉତ୍ସବରେ ପ୍ରଖ୍ୟାତ ଭାରତୀୟ କ୍ରିକେଟର ଦୁତୀ ଚାନ୍ଦ, କର୍ଣ୍ଣେଲ ସ୍ୱେତା ପ୍ରଭୃତି ଏବଂ ହାନା ବେଗ ମିଳିତ ଭାବେ ମହିଳା ସଶକ୍ତିକରଣ, ପ୍ରତିରୋଧ ଏବଂ ନେତୃତ୍ୱ ଉପରେ ପ୍ରେରଣାଦାୟକ ସୂଚନା ଦେଇଥିଲେ । ସ୍ଥାନୀୟ ମହିଳା, ମହିଳା ସୁରକ୍ଷା କର୍ମଚାରୀ, କର୍ମଚାରୀ ଏବଂ ଶିକ୍ଷକମାନଙ୍କ ଦ୍ୱାରା ଉଜ୍ଜ୍ୱଳ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇ ଏହି ଅନୁଷ୍ଠାନିତ ଉତ୍ସବକୁ ଅଧିକ ସମୃଦ୍ଧ କରିଥିଲା । ଏହି ଅବସରରେ ସମୁଦାୟ ଉନ୍ନୟନରେ ଅସାଧାରଣ ଅବଦାନ ପାଇଁ ସ୍ଥାନୀୟ ମହିଳା ସହଯୋଗୀମାନଙ୍କୁ ସମ୍ମାନିତ କରାଯାଇ ସେମାନଙ୍କ ସମର୍ପଣ ଏବଂ ସମାଜରେ ପ୍ରେରଣାଦାୟକ ଭୂମିକା ପାଇଁ ସେମାନଙ୍କୁ ସ୍ୱୀକୃତି ଦିଆଯାଇଥିଲା । ଏହି ଉତ୍ସବ ମହିଳାଙ୍କ ଶକ୍ତି, ସଫଳତା ଏବଂ ଆସ୍ଥା ପାଇଁ ଏକ ହୃଦୟଙ୍ଗମ ଶ୍ରଦ୍ଧାଞ୍ଜଳି ଥିଲା, ଯାହା ଆଦିତ୍ୟ ଆଲୁମିନା ରିଫିନେରୀର ମହିଳାଙ୍କ ସଶକ୍ତିକରଣ ଏବଂ ସେମାନଙ୍କ ଅପରିହାର୍ଯ୍ୟ ଭୂମିକା ପାଇଁ ସମର୍ପଣ ପ୍ରତିପାଦିତ କରେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ବ୍ୟାପକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ଶ୍ରୀମତୀ ପ୍ରାପ୍ତି ସ୍ୱାଇଁ କୁଳେଶ୍ୱରୀ, ଜିଲ୍ଲା ପରିଷଦ ସଦସ୍ୟା ପିଙ୍କି ପ୍ରିୟିକା ସ୍ୱାଇଁ ଏବଂ କଇପଦର ସରପଞ୍ଚ ଲିଲାବତୀ ମାଣ୍ଡିଙ୍ଗା ଉପସ୍ଥିତ ରହି ଏହି ଉତ୍ସବକୁ ସମ୍ମାନିତ କରିଥିଲେ । ସ୍ଥାନୀୟ ମହିଳା, ମହିଳା ସୁରକ୍ଷା କର୍ମଚାରୀ, କର୍ମଚାରୀ ଏବଂ ଶିକ୍ଷକମାନଙ୍କ ଦ୍ୱାରା ଉଜ୍ଜ୍ୱଳ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇ ଏହି ଅନୁଷ୍ଠାନିତ ଉତ୍ସବକୁ ଅଧିକ ସମୃଦ୍ଧ କରିଥିଲା । ଏହି ଅବସରରେ ମହତ୍ତ୍ୱକୁ ବୃଦ୍ଧି କରି ସମୁଦାୟ ଉନ୍ନୟନରେ ଅସାଧାରଣ ଅବଦାନ ପାଇଁ ସ୍ଥାନୀୟ ମହିଳା ସହଯୋଗୀମାନଙ୍କୁ ସମ୍ମାନିତ କରାଯାଇ ସେମାନଙ୍କ ସମର୍ପଣ ଏବଂ ସମାଜରେ ପ୍ରେରଣାଦାୟକ ଭୂମିକା ପାଇଁ ସେମାନଙ୍କୁ ସ୍ୱୀକୃତି ଦିଆଯାଇଥିଲା ।

## ‘ନାରୀ ଶକ୍ତିର ଗତି ରାଷ୍ଟ୍ରର ପ୍ରଗତିରେ ସହାୟକ ହୁଏ’



**ବାଲେଶ୍ୱର, ନ୍ୟୁଜ୍**

କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାରଙ୍କର ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଦ୍ୱାରା ଅନ୍ତର୍ଜାତୀୟ ମହିଳା ଦିବସ ୨୦୨୬ ର ସ୍ଥାନୀୟ ଆଇଟିଆଇ ଛକରେ ଥିବା ଇନ୍‌ଡୋର ଷ୍ଟାଡିୟମ୍ ଠାରୁ ଆରମ୍ଭ ହୋଇ ଉଦ୍‌ଯାପିତ ହୋଇଅଛି । ଯାହାର ପ୍ରସଙ୍ଗ ‘ଶକ୍ତି ସ୍ୱରୂପିଣୀ’, ‘ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର’ ଏବଂ ‘ଶକ୍ତିର ଗତି, ରାଷ୍ଟ୍ରର ପ୍ରଗତି’ ରହିଥିଲା । ଏହି କ୍ରମରେ କାର୍ଯ୍ୟକ୍ରମର ପ୍ରସଙ୍ଗ ‘ଶକ୍ତିର ଗତି ରାଷ୍ଟ୍ରର ପ୍ରଗତି’ ଥିବାବେଳେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଣୀ ପ୍ରତିଭା ବେହେରା, ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ସର୍ବେଶ୍ୱର ଦାସ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଉଦ୍‌ଯାପନ କରିବା ସହ ନାରୀ ଶକ୍ତିର ଗତି କିପରି ରାଷ୍ଟ୍ରର ପ୍ରଗତିରେ ସହାୟକ ହେବ ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ ମହିଳାମାନଙ୍କୁ ନେଇ ଏକ ବିଶାଳ ପଦଯାତ୍ରାର ଆୟୋଜନ କରାଯାଇଥିଲା ଯାହାକୁ ମୁଖ୍ୟଅତିଥି ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ । ଏହି ପଦଯାତ୍ରା ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମରୁ ବାହାରି ଷ୍ଟେସନ୍ ଛକ ପର୍ଯ୍ୟନ୍ତ ଯାଇ ସେଠାରୁ ପୁଣି ପ୍ରତ୍ୟାବର୍ତ୍ତନ କରିଥିଲେ । ପଦଯାତ୍ରାରେ ବିଭିନ୍ନ ବର୍ଗର ୩୦୦ରୁ ଊର୍ଦ୍ଧ୍ୱ ମହିଳା ଭାଗ ନେଇଥିଲେ । ଏହା ସହ କ୍ରୀଡ଼ା କ୍ଷେତ୍ରରେ ଜାତୀୟ ସ୍ତରରେ ପଦକ ହାସଲ କରିଥିବା ଜଣେ ମହିଳା କ୍ରୀଡ଼ାବିତ୍‌ଙ୍କୁ ସମ୍ମାନିତ କରାଯାଇଥିଲା । ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ମଞ୍ଚ ପରିଚାଳନା କରିବା ସହ ପଦଯାତ୍ରାକୁ ସଫଳ ରୂପାୟନ କରିଥିଲେ । ପରିଶେଷରେ ଶ୍ରୀ ଜେନା ଏହି ୩ ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମକୁ ସଫଳ କରିଥିବା ସମସ୍ତ ମହିଳା ତଥା ଅନ୍ୟ ସହଯୋଗୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗ୍ରୀଷ୍ମ ଆରମ୍ଭରୁ ଜଳ ସଙ୍କଟ:ପ୍ରଶାସନର ଦୃଷ୍ଟି ପଡୁ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ବୌଦ୍ଧ ଜିଲ୍ଲାରେ କିଛି ଦିନ ହେଲା ଗ୍ରୀଷ୍ମ ପ୍ରବାହ ବଢୁଥିବା ବେଳେ ଏବେ ବୌଦ୍ଧ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ସରକାର ବଦ୍ଧପରିକର ବୋଲି କହୁଛନ୍ତି । ହେଲେ ତେଲିବନ୍ଧ ପଞ୍ଚାୟତ ଅନ୍ତର୍ଗତ ଧୁଣ୍ଡୁରବାହାଲ, ବକ୍ସୁଗାହିର୍ ୮ ଦିନ ହେଲା ପାନୀୟ ଜଳ ଯୋଗାଣ ବନ୍ଦ ହୋଇଛି । ଫଳରେ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସୂଚନାଯୋଗ୍ୟ ଯେ ବୌଦ୍ଧ ବ୍ଲକ ତେଲିବନ୍ଧ ପଞ୍ଚାୟତ ଅନ୍ତର୍ଗତ ସୁବର୍ଣ୍ଣପୁର ଗ୍ରାମ ନିକଟରେ ପ୍ରାୟ ୪୨୦ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ୱାଟର୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ ହୋଇଛି । ତେବେ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଜଗତି ନିକଟସ୍ଥ ମହାନଦୀ କୂଳରେ ଇନଟେକୱେଲ କରାଯାଇ ଦୁଇଟି ପମ୍ପ ଯୋଗେ ୱାଟର୍ ଟ୍ରିଟମେଣ୍ଟକୁ ଜଳଯୋଗାଣ ହେଉଥିଲା । ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ ମୋଟର ଖରାପ ଯୋଗୁଁ କେବଳ ଗୋଟିଏ ପମ୍ପ ଯୋଗେ ଜଳ ଯୋଗାଣ ହେଉଛି । ଫଳରେ ନିୟମିତ ସବୁ ଅଞ୍ଚଳକୁ ଜଳ ଯୋଗାଣ ହୋଇପାରୁନାହିଁ। ବର୍ତ୍ତମାନ ଗ୍ରୀଷ୍ମଋତୁ ଆରମ୍ଭ ହୋଇଥିବାରୁ ମହାନଦୀର ଜଳସ୍ରୋତ କମିଯିବାର ସମ୍ଭାବନା ଥିବାରୁ ଇନଟେକୱେଲ୍‌କୁ ପାଣି ପର୍ଯ୍ୟାପ୍ତ ପହଞ୍ଚିପାରିବନାହିଁ । ଫଳରେ ଏହି ସମସ୍ୟା ଦ୍ୱିଗୁଣିତ ହେବ । ଏହାର ନିର୍ମାଣ କାର୍ଯ୍ୟ ଓ ଦେଖାରେଖା ଏଲ୍ଏଣ୍ଡଟି କରୁଛି । ପାଖାପାଖି ଦୁଇବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇସାରିଥିବା ବେଳେ ଏହାର ନିର୍ମାଣ ଅବଧି ମଧ୍ୟ ୨୦୨୩ ସେପ୍ଟେମ୍ବରରୁ ସରିଛି । ପ୍ରତ୍ୟେକ ଗ୍ରାମକୁ ପାଇପ୍ ସଂଯୋଗ ସହ ଷ୍ଟାଣ୍ଡପୋଷ୍ଟ ମଧ୍ୟ ବସାଯାଇଛି । ହେଲେ ଆଜି ପର୍ଯ୍ୟନ୍ତ ବ୍ଲକର ଅନେକ ଗ୍ରାମକୁ ପାଣି ମିଳୁନଥିବା ଅଭିଯୋଗ ହୋଇଛି । ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଓ ଅଣଦେଖା ଯୋଗୁଁ ଲୋକେ ପିଇବାପାଣି ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି । ପ୍ରକାଶ ଯେ, ବୌଦ୍ଧ ବ୍ଲକର ବଘିଆପଡା, ଟିକରପଡା, ଆମ୍ଭଝରି ପଞ୍ଚାୟତର ଅନେକ ଗ୍ରାମକୁ ପାଣି ଆସୁନଥିବା ଲୋକେ ଅଭିଯୋଗ କରିଛନ୍ତି । ଏପରିକି ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିଲେ ମଧ୍ୟ ରେଉ ହେତୁ ଟାଙ୍କିର କାର୍ଯ୍ୟ ଅଧାପନ୍ତରିଆ ହୋଇପଡିଛି । ଲୋକେ ବାଧ୍ୟ ହୋଇ ପାହାଡ ଝରଣା କିମ୍ବା ଖୋଲା କୂଅରୁ ପିଇବା ପାଣି ବ୍ୟବହାର କରୁଛନ୍ତି ଅଞ୍ଚଳବାସୀ । ବାରମ୍ବାର ଅଭିଯୋଗ କଲାପରେ ମଧ୍ୟ ବିଭାଗୀୟ ଅଧିକାରୀ ଏହାକୁ ଅଣଦେଖା କରୁଥିବା ଅଭିଯୋଗ କରିଛନ୍ତି । ସରକାର ଲୋକଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରୁଥିବାବେଳେ ଜଳର ଅଭାବ ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଦେଉଛି । ଲୋକେ ପିଇବା ପାଣି ପାଇଁ ବହୁ ଦୂର ଯାଇ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି । ଖରା ସାଙ୍ଗକୁ ଜଳାଭାବ ଜନକଷ୍ଟକୁ ଦୃଷ୍ଟିରେ ରଖି ପଞ୍ଚାୟତ ଉକ୍ତ ପ୍ରକଳ୍ପ ପ୍ରତ୍ୟେକ ଗ୍ରାମକୁ ଜଳ ଯୋଗାଣ ଲକ୍ଷ୍ୟ ରଖିଥିବାବେଳେ ଏହା ଆରମ୍ଭରୁ ଝୁଣ୍ଟି ପଡ଼ିଛି । ବଡ଼ଗାଁ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ମଧ୍ୟ ଦିନେ ଛଡ଼ା ଦିନେ ଜଳ ଯୋଗାଣ ହେଉଛି । ଜହ୍ନାପଙ୍କ ଓ ତେଲିବନ୍ଧ ଗ୍ରାମରେ ମଧ୍ୟ ନିୟମିତ ପାଣି ମିଳୁନାହିଁ। ଷ୍ଟାଣ୍ଡ ପୋଷ୍ଟ ଅଛି କିନ୍ତୁ ପାଣି ବାହାରୁନାହିଁ। ଏହାର ମୁଖ୍ୟ କାରଣ ହେଉଛି ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ସର୍ବ ବୃହତ ଗାଁ ନାରାୟଣ ନଗର।

## ଏଏମ୍/ଏନଏସ୍ ଇଣ୍ଡିଆ ପକ୍ଷରୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ଇଣ୍ଡିଆ) ପକ୍ଷରୁ ଓଡ଼ିଶାରେ ଆନ୍ତର୍ଜାତୀୟ ମହିଳା ଦିବସ ଉତ୍ସାହର ସହିତ ପାଳିତ ହୋଇଯାଇଛି । ତୃଣମୂଳ ସ୍ତରରେ ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଇ ଚଳିତ ବର୍ଷର ବିଷୟବସ୍ତୁ ‘ଗିଭ୍ଟୁଗେନ୍’କୁ ନେଇ ଏହି ଉତ୍ସବ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏସ୍ଏଚ୍‌ଜି, ଛାତ୍ରୀ ଏବଂ ସ୍ଥାନୀୟ ଲୋକମାନଙ୍କ ସମେତ ୧,୦୦୦ରୁ ଅଧିକ ମହିଳା ସକ୍ରିୟତାର ସହିତ ଅଂଶଗ୍ରହଣ କରିଥିଲେ । ପାରାଦ୍ୱୀପର ନୂଆଗଡ଼ ଗ୍ରାମପଞ୍ଚାୟତରେ ଆୟୋଜିତ ଉତ୍ସବରେ ନିକଟସ୍ଥ ଗ୍ରାମର ମହିଳାମାନେ ବିତର୍କ, କୁଇଜ୍ ଏବଂ ଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ଏବଂ ବିଜେତାମାନଙ୍କୁ ସେମାନଙ୍କ ପ୍ରତିଭା ପାଇଁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ୱୟଂସହାୟକ ଗୋଷ୍ଠୀର ପ୍ରତିନିଧି, ଗ୍ରାମ୍ୟ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡ଼ି ସୁପରଭାଇଜର ଏବଂ ସଫେଇ କର୍ମଚାରୀମାନେ ଯୋଗଦେଇଥିଲେ । ମହିଳା ବିକାଶରେ ଉଲ୍ଲେଖନୀୟ ଅବଦାନ ପାଇଁ ପାଞ୍ଚଟି ଏସ୍ଏଚ୍‌ଜି ଯଥା ଜାଗୃତି, କୋହିନୂର, ଜୟଶ୍ରୀରାମ, ନୀଳମାଧବ ଏବଂ ପଦ୍ମ ଭେରାଇଟି ଉତ୍ପାଦକ ଗ୍ରୁପ୍‌କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ, ବିଶିଷ୍ଟ ଲେଖକ ତଥା ସମାଜସେବୀ ଗୋଲାପରାଣୀ ସାହୁ, ପାରାଦ୍ୱୀପ ବନ୍ଦର ପ୍ରାଧିକରଣର ପାଇଲଟ୍ କ୍ୟାପ୍‌ଟେନ୍ ଅମିତକୁମାର, ନୂଆଗଡ଼ର ମାଷ୍ଟର ବୁକ୍‌କିପର (ଏମ୍‌ବିକେ) ସରିତା ସାହୁଙ୍କ ସମେତ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ରହି ମହିଳା ସଶକ୍ତିକରଣ ଉପରେ ସେମାନଙ୍କର ମତ ପ୍ରକାଶ କରିଥିଲେ । ଠାକୁରାଣୀ ଠାରେ ଏଏମ୍/ଏନ୍ଏସ୍ ଇଣ୍ଡିଆ ଦ୍ୱାରା ବାଳିକାମାନଙ୍କ ମଧ୍ୟରେ କ୍ରୀଡ଼ା ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ବଡ଼ବିଲ୍‌ର ସହିଦ ରତନପ୍ରଧାନ ବିଦ୍ୟାଳୟ ଏବଂ ଡାଲକି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟରେ ଏକ ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା । ଏହି ମ୍ୟାଚ୍ ଅତ୍ୟନ୍ତ ଉତ୍ସାହର ସହିତ ଖେଳାଯାଇଥିଲା ଏବଂ ଡାଲକି ୟୁପି ସ୍କୁଲ୍ ୧-୦ରେ ବିଜୟୀ ହୋଇଥିଲା । ଅଙ୍କିତା ପୁର୍ତ୍ତୀ (ଶ୍ରେଷ୍ଠ ଖେଳାଳି), ହୀନାଦାସ (ଶ୍ରେଷ୍ଠ ଗୋଲକିପର), ସୁର୍ତ୍ତି ମୁଣ୍ଡା (ଶ୍ରେଷ୍ଠ ଡିଫେଣ୍ଡର), ଆଲିଆ ପରୱିନ (ଶ୍ରେଷ୍ଠ ସ୍କୋରର) ଏବଂ ସନ୍ତୋଷୀ ଲୋହର (ଶ୍ରେଷ୍ଠ ମିଡଫିଲ୍ଡର)ଙ୍କୁ ବ୍ୟକ୍ତିଗତ ସଫଳତା ପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବଡ଼ବିଲ ସବ୍‌ଡିଭିଜନାଲ ପୋଲିସ ଅଫିସର (ଏସ୍‌ଡିପିଓ) ଦେବେନ୍ଦ୍ରନାଥ ପିଙ୍ଗୁଆଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇ ଶିକ୍ଷା ଓ କ୍ରୀଡ଼ା ମାଧ୍ୟମରେ ଯୁବତୀମାନଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଡାବୁନା ଠାରେ କାଟୁପାଲି, ପୁରୁଣାଡ଼ିହି ଏବଂ ଡାବୁନା ଗ୍ରାମର ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ପାଇଁ ଏକ ଉତ୍ସର୍ଗୀକୃତ ସିଏସ୍ଆର୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ବର୍ତ୍ତମାନ ଚାଲିଥିବା ଜୀବିକା କାର୍ଯ୍ୟକ୍ରମର ମୂଲ୍ୟାଙ୍କନ ଏବଂ ଆର୍ଥିକ ସଶକ୍ତିକରଣ ପାଇଁ ନୂତନ ପଥ ଅନୁସନ୍ଧାନ ପାଇଁ ଏକ ମଞ୍ଚ ଭାବରେ କାର୍ଯ୍ୟ କରିଥିଲା । ଉଦ୍ୟୋଗ, ଦକ୍ଷତା ବିକାଶ ଏବଂ ଉଦୀୟମାନ ବ୍ୟବସାୟିକ ସୁଯୋଗ ଉପରେ ଆଲୋଚନା ସଦସ୍ୟମାନଙ୍କ ମଧ୍ୟରେ ସେମାନଙ୍କ ଉଦ୍ୟୋଗକୁ ବୃଦ୍ଧି କରିବା ପାଇଁ ନୂତନ ଉତ୍ସାହ ସୃଷ୍ଟି କରିଥିଲା, ଯାହା ଆର୍ଥିକ ସ୍ୱାଧୀନତା ହାସଲ କରିବାରେ ସାମୂହିକ କାର୍ଯ୍ୟର ଶକ୍ତିକୁ ଦୃଢ଼ କରିଥିଲା । ସାଗାସାହିର ଭଞ୍ଜପାଲିରେ ଏହି ଉତ୍ସବ ପାଳନ କରିବା ସମୟରେ ସ୍ଥାନୀୟ ଗୋଷ୍ଠୀର ୧୦୦ରୁ ଅଧିକ ମହିଳା ଓ ବାଳିକା ଏକାଠି ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଉତ୍ସାହଜନକ ଖେଳ ଏବଂ ଏକ ରଙ୍ଗୋଲି ପ୍ରତିଯୋଗିତା ପ୍ରଦର୍ଶିତ ହୋଇଥିଲା । ଯେଉଁଥିରେ ବିଜେତାମାନଙ୍କୁ ସେମାନଙ୍କର ସୃଜନଶୀଳତା ପାଇଁ ସମ୍ମାନିତ କରାଯାଇଥିଲା । କାସିରା ଗ୍ରାମପଞ୍ଚାୟତର ସରପଞ୍ଚ ରାନୀ ଲୋହର ମହିଳା ନେତୃତ୍ୱ ଏବଂ ସକ୍ରିୟ ଗୋଷ୍ଠୀ ସମ୍ପୃକ୍ତି ଉପରେ ଏକ ପ୍ରେରଣାଦାୟକ ଅଭିଭାଷଣ ପ୍ରଦାନ କରିଥିଲେ । ଏଏମ୍/ଏନ୍ଏସ୍ ଇଣ୍ଡିଆ ଓଡ଼ିଶାରେ ଏହାର କାର୍ଯ୍ୟକ୍ଷେତ୍ର ଗୁଡିକରେ ବିବିଧ ପଦକ୍ଷେପ ମାଧ୍ୟମରେ ମହିଳା ସଶକ୍ତିକରଣକୁ ତ୍ୱରାନ୍ୱିତ କରିବା ଦିଗରେ ନିଜର ପ୍ରତିବଦ୍ଧତାକୁ ପୁନଃ ପ୍ରତିପାଦିତ କରିଛି ।

## ବ୍ଲଡ୍ କ୍ୟାନ୍ସରରେ ଆକ୍ରାନ୍ତ ଛାତ୍ରଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ:ସହାୟତା ନିବେଦନ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**



ଗଞ୍ଜାମ ବ୍ଲକ ଅନ୍ତର୍ଗତ ରାମଗଡ଼ ପଞ୍ଚାୟତ ଅଧିନସ୍ଥ ପାଲୁର ଗ୍ରାମର ୧୨ ବର୍ଷର ନାବାଳକଙ୍କୁ ବ୍ଲଡ୍ କ୍ୟାନ୍ସର ରୋଗରେ ଆକ୍ରାନ୍ତ ହୋଇଥିବା ଖବର ମିଳିଛି । ନାବାଳକ ଜଣଙ୍କ ହେଲେ ପାଲୁର ପଦ୍ମପୁର ସାହିର ଦୟାନିଧି ବେହେରାଙ୍କ ପୁଅ ଚିନ୍ମୟ ବେହେରା । ବର୍ତ୍ତମାନ ଚିନ୍ମୟ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଛନ୍ତି । କିନ୍ତୁ ଚିନ୍ମୟଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ । ଚିନ୍ମୟ ଜଣେ ମେଧାବୀ ଛାତ୍ର । ନବୋଦୟ ସ୍କୁଲରେ ଷଷ୍ଠ ଶ୍ରେଣୀରେ ପାଠ ପଢ଼ନ୍ତି । ବାପା ଦୟାନିଧି ଜଣେ ମତ୍ସ୍ୟଜୀବୀ ଓ ମା’ ସୁରଭି ଜଣେ ଗୃହିଣୀ । ଚିଲିକାରୁ ଯାହା ଆଦାୟ କରେ ଦୁଇ ପିଲାଙ୍କ ପାଠ ପଢ଼ା ସହ ପରିବାର ପ୍ରତିପୋଷଣ କରିଥାନ୍ତି । କିନ୍ତୁ ଚିଲିକାରୁ ଦୈନିକ ୫୦ରୁ ୧୦୦ ଟଙ୍କା ବି ରୋଜଗାର ହେଉନଥିବା ଦୟାନିଧି ଅଭିଯୋଗ ବାଢିଛନ୍ତି । ଏଭଳି ପରିସ୍ଥିତିରେ ଚିନ୍ମୟଙ୍କ ହଠାତ୍ ଅସୁସ୍ଥ ଖବର ଶୁଣି ବ୍ରହ୍ମପୁର ଏମ୍‌କେସିଜି ପରେ ସମ୍ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ । ସେଠାକାର କିଛି ଲୋକଙ୍କ ପରାମର୍ଶକ୍ରମେ ଭୁବନେଶ୍ୱର ଏମ୍ସ ହସ୍ପିଟାଲ୍‌ରେ ନେଇ ଚିକିତ୍ସା କରୁଛନ୍ତି । ଚିନ୍ମୟଙ୍କ ଚିକିତ୍ସା ପାଇଁ ଋଣ କରି ଲକ୍ଷେରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଲାଣି । ତଥାପି ସଂଘର୍ଷ ଜାରି କରି ଚିନ୍ମୟଙ୍କ ଚିକିତ୍ସା କରୁଛନ୍ତି ବାପା ଦୟାନିଧି । ଚିକିତ୍ସା ପାଇଁ ଅର୍ଥ ନଥିବାରୁ ପରିବାରବର୍ଗ ଭାଙ୍ଗି ପଡିଛନ୍ତି । ଚିନ୍ମୟଙ୍କ ଚିକିତ୍ସା ପାଇଁ ଯେଉଁ ବ୍ୟକ୍ତି ସ୍ୱଇଚ୍ଛାରେ ଦାନ କରିବାକୁ ଚାହୁଁଛନ୍ତି ତାହେଲେ ଏକାଉଣ୍ଟ ନଂ ୩୪୦୩୬୧୫୭୧୨୦, ଆଇଏଫ୍‌ସି କୋଡ଼ ଏସ୍‌ବିଆଇଏନ୍ ୦୦୦୩୮୧୬ ଏକାଉଣ୍ଟ ହୋଲ୍ଡର ଅଥବା ଚିନ୍ମୟଙ୍କ ମା’ ସୁରଭି ବେହେରାଙ୍କ ଏକାଉଣ୍ଟ ନମ୍ବରକୁ ପଠାଇପାରିବେ । ଚିନ୍ମୟଙ୍କ ଚିକିତ୍ସାରେ ବିଭିନ୍ନ ସାମାଜିକ ସଂଗଠନ, ଟ୍ରଷ୍ଟ, ଗଞ୍ଜାମ ଜିଲ୍ଲାପାଳ ଓ ସରକାର ଆର୍ଥିକ ସହାୟତା ଯୋଗାଇବା ପାଇଁ ଚିନ୍ମୟଙ୍କ ବାପା ମା’ ଆକୁଳ ନିବେଦନ ଜଣାଇଛନ୍ତି ।




## ମା’ ସୁରେଶ୍ୱରୀଙ୍କ ଆଶୀର୍ବାଦ ଭିକ୍ଷାକଲେ ରାଜ୍ୟସଭା ପ୍ରାର୍ଥୀ ଡା. ଦଣ୍ଡେଶ୍ୱର ହୋତା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ମୂଳ ନିବାସୀ ତଥା ରାଜ୍ୟସଭା ପ୍ରାର୍ଥୀ ଡାକ୍ତର ଦଣ୍ଡେଶ୍ୱର ହୋତା ସୋନପୁରରେ ପହଞ୍ଚି ପ୍ରଥମେ ଉଲୁଣ୍ଡା ବ୍ଲକ୍ ତେଲେଣ୍ଡା ସ୍ଥିତ ମା’ ରାମଚଣ୍ଡୀ ଓ ରଣେଶ୍ୱର୍ ବାବା ଏବଂ ସୁବର୍ଣ୍ଣପୁର ଅଧିଷ୍ଠାତ୍ରୀ ଦେବୀ ମା’ ସୁରେଶ୍ୱରୀଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି । ଏହି ଅବସରରେ ତାଙ୍କ ସଫଳତା କାମନା କରି ଦଳ ମତ ନିର୍ବିଶେଷରେ ଉଲୁଣ୍ଡା ଅଞ୍ଚଳ ତଥା ସୋନପୁର ସହରର ବିଭିନ୍ନ ରାଜନେତା, ସମାଜସେବୀ, ବୁଦ୍ଧିଜୀବୀ, ଆଇନଜୀବୀ, ମିଡିଆ ଓ ଶତାଧିକ ଶୁଭେଚ୍ଛୁ ଡ଼ା. ହୋତାଙ୍କ ବିଜୟ ପାଇଁ ମନ୍ଦିରରେ ପହଞ୍ଚି ସୁବର୍ଣ୍ଣପୁରର ଅଧିଷ୍ଠାତ୍ରୀ ଦେବୀ ମା’ ସୁରେଶ୍ୱରୀଙ୍କୁ ପ୍ରାର୍ଥନା କରିବା ସହ ଡ଼ାକ୍ତର ହୋତାଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ମା’ ସୁରେଶ୍ୱରୀ ଯଜ୍ଞ କମିଟି, ବରିଷ୍ଠ ନାଗରିକ ସଂଘ, ସ୍ୱଚ୍ଛ ଭାରତ ସଙ୍ଗଠନ, ଶ୍ରୀ ଗୋପାଳ ଜୀ ଯୋଗାଳୟ, ଓ ଅନେକ ସଂଗଠନ ପକ୍ଷରୁ ସହରର ଶ୍ରୀ ପଞ୍ଚରଥ ଓ ବିଭିନ୍ନ ମନ୍ଦିରରେ ଡ଼ା. ହୋତାଙ୍କ ପାଇଁ ପୂଜା ଅର୍ଚ୍ଚନା ପ୍ରାର୍ଥନା କରାଯାଇଥିଲା ।

## ବଲାଙ୍ଗୀରରେ ‘ତହଁକ୍ ତିହାର୍’ ଉଦ୍‌ଯାପିତ



**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ କୌଶଳ କଳା ମଣ୍ଡଳ ପୁରୁଣା ମଞ୍ଚରେ ତହଁକ୍ ତିହାର ଅନୁଷ୍ଠିତ ହୋଇଯାଇଛି । ଗତ ୬, ୭ ଓ ୮ ତାରିଖ ତିନିଦିନ ଧରି ଚାଲିଥିବା ଏହି ଉତ୍ସବର ପ୍ରଥମ ଦିନରେ କୁରୁଲ ଉଚ୍ଚ ବିଦ୍ୟାଳୟରେ କୋସଲି ହକାବାଦି, ଦ୍ୱିତୀୟ ଦିନ ଆଲୋଚନା ଚକ୍ର ଓ ତୃତୀୟ ଦିନରେ ମହା ଆଡମ୍ବରରେ କଳାକାର ଏବଂ କବିଙ୍କ ସମାବେଶ ହୋଇଥିଲା । ରାଜେଶ ଦଣ୍ଡସେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ଦବକୀ ସେଠ, ମୁଖ୍ୟବକ୍ତା ସୁଶୀଲ ଗୁରୁ, ସମ୍ମାନିତ ଅତିଥି ସୁଷମା ବେହେରା, ଶାଶ୍ୱତ କୁମାର ତ୍ରିପାଠୀ, ସଞ୍ଜୟ କୁମାର ଗଡତିଆ, ହିମାଞ୍ଚଳ ମେହେର, ଲକ୍ଷ୍ମୀ ପଧାନ, ଜୟକୃଷ୍ଣ ମିଶ୍ର ମଞ୍ଚାସୀନ ଥିଲେ । ବିଶିଷ୍ଟ କଣ୍ଠଶିଳ୍ପୀ ବ୍ୟାସଦେବ ପୁରୋହିତ, ଶାଶ୍ୱତ ତ୍ରିପାଠୀ, ତମାସା ମହାପାତ୍ରଙ୍କ ଗୀତର ଯାଦୁରେ ଦର୍ଶକଙ୍କୁ ମନମୁଗ୍ଧ କରିଥିଲେ । ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ମ୍ୟୁନିସିପାଲିଟି ଅଧ୍ୟକ୍ଷା ଲୀକା ସାହୁ, ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରି, ବଲାଙ୍ଗୀର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ଅଶୋକ କୁମାର ସାହୁ, ମାନସ ନନ୍ଦ, ଜ୍ୟୋତିପ୍ରକାଶ ସାହୁ ମଞ୍ଚାସୀନ ଥିଲେ । ଏହି କାର୍ଯ୍ୟକ୍ରମରେ ତହଁକ ସମ୍ମାନରେ କବି ସୁଶାନ୍ତ ବାଗ, ଆଶୁତୋଷ ଠାକୁର, ରୀନା ସାହୁ, ଇଂ ରାଜକିଶୋର ଷଡଙ୍ଗୀ, ଶତୃଘ୍ନ ବେହେରା, ବିମଳା ପଧାନ ଓ ଦେବାଳୟ ସୁରକ୍ଷା କମିଟି ବଲାଙ୍ଗୀର ସଭାପତି ଜୟକୃଷ୍ଣ ମିଶ୍ରଙ୍କୁ ତହଁକ ସମ୍ମାନରେ ସମ୍ମାନିତ କରାଯାଇଥିଲା । ବୌଦ୍ଧ, ସୋନପୁର, ବରଗଡ, ବଲାଙ୍ଗିରର ଶତାଧିକ କବି କଳାକାର ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅର୍ଜୁନ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ କବି ଶ୍ରିୟାକାନ୍ତ ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । କବିତା ଆସର ଅଧିବେଶନ ଦିଲ୍ଲିପ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସସ୍ମିତା ମେହେର, ପ୍ରଭାସିନି ଭୋଇ, ଶୁଦେଷନା ମିଶ୍ର, ମାନସୀ ସାହୁ, ନିକିତା ସା, ଜ୍ୟୋତିରାଣୀ ମିଶ୍ର, ପୁଷ୍ପାଞ୍ଜଳି ମେହେର ସଂଯୋଜନା କରିଥିଲେ । ମିଳନ ପଣ୍ଡା, ଭାରତ ମେହେର, ରଘୁନାଥ ନନ୍ଦ, ସାଳିନୀ ସା, ଦେବବ୍ରତ ମିଶ୍ର, ଗୋପିନାଥ ଦଣ୍ଡସେନା, ଗୋପାଳ ମେହେର, ରାଜିବ ଭୋଇ, ଗରିବ ମଲ୍ଲିକ୍, ଗିରୀଶ ପାତ୍ର, ରାଜେଶ ଶର୍ମା, ଅଖୋଜ ଷାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ ।

## ମହାଦେବ ଓ ବନଦୁର୍ଗା ମନ୍ଦିର ନିର୍ମାଣ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**



ବଲାଙ୍ଗିର ଜିଲ୍ଲାର ସର୍ବବୃହତ ଜଳସେଚନ ପ୍ରକଳ୍ପ ଭାବେ ଗଢି ଉଠିଥିବା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଜିଲ୍ଲା ପାଇଁ ଏକ ଐତିହାସିକ ପଦକ୍ଷେପ । ଏହି ପ୍ରକଳ୍ପ ଦ୍ୱାରା ପ୍ରାୟ ୩୦ଟିରୁ ଊର୍ଦ୍ଧ୍ୱ ଗ୍ରାମ ପ୍ରଭାବିତ ହୋଇଥିବା ସହ ଅନେକ ପରିବାର ସମ୍ପୂର୍ଣ୍ଣ ବିସ୍ଥାପିତ ହୋଇ ପୁନର୍ବାସ ଓ ଥଇଥାନ କଲୋନୀରେ ବସବାସ କରୁଛନ୍ତି । ପ୍ରକଳ୍ପ ନିର୍ମାଣ ସମୟରେ ଏହି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରିଥିବା ଅଞ୍ଚଳର ଅନେକ ଅଂଶ ଉଜୁଡିଯାଇଛି । ଏହି ଅଞ୍ଚଳକୁ ପୁନଃ ଉନ୍ନତି କରି ଓଡ଼ିଶାର ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଭାବେ ଗଢି ତୋଳାଯାଇପାରିବ । ଏହା ମାଧ୍ୟମରେ ଅଞ୍ଚଳର ଅନେକ ଲୋକଙ୍କ ପାଇଁ ଲୋକଙ୍କର ରୋଜଗାର ସୃଷ୍ଟି ହେବା ସହ ସାମାଜିକ ସାଂସ୍କୃତିକ ଉନ୍ନତି ମଧ୍ୟ ସମ୍ଭବ । ବନଦୁର୍ଗା ମହୋତ୍ସବ କମିଟି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସହ ଆଲୋଚନାରେ ଏହା ମତ ପ୍ରକାଶ ପାଇଥିଲା ଓ ଟିଟିଲାଗଡ ବିଧାୟକ ମଧ୍ୟ ଉପସ୍ଥିତ ଥିଲେ । କମିଟି ନିଷ୍ପତ୍ତି ଅନୁଯାୟୀ ୧୨ ଗୋଟି ପ୍ରସ୍ତାବ ଯଥା ସୁକତେଲ ଡ୍ୟାମ ତଳି ଅଞ୍ଚଳରେ ଥିବା ଖେଳ ପଡିଆକୁ ଉଚ୍ଚ ମାନର ଷ୍ଟାଡିୟମ୍, ବାବା ବର୍ଫାନି ମହାଦେବ ମନ୍ଦିର ଏବଂ ବନଦୁର୍ଗା ମନ୍ଦିର ନିର୍ମାଣ ପାଇଁ ୧୦୦ କୋଟି ଅନୁଦାନ, ସଂସ୍କୃତି ବିଶ୍ୱ ବିଦ୍ୟାଳୟ, ୧୦୦ରୁ ଅଧିକ ଷ୍ଟଲ୍, ଫଳ ଓ ଔଷଧୀୟ ଉଦ୍ୟାନ, ମୟୂର ଓ ଅନ୍ୟାନ୍ୟ ବନ୍ୟ ପ୍ରାଣୀଙ୍କ ସୁରକ୍ଷା ପାଇଁ ଏକ ପାହାଡକୁ ସୁରକ୍ଷିତ ପକ୍ଷୀ ଓ ବନ୍ୟପ୍ରାଣୀ ଅଭୟାରଣ୍ୟ, ଏକ ଅତିଥି ନିବାସ ସହ କନ୍‌ଫରେନ୍ସ ହଲ୍ ନିର୍ମାଣ, ସୁକତେଲ ଡ୍ୟାମ୍‌କୁ ସଂଯୋଗ କରୁଥିବା ବଲାଙ୍ଗିର ପାଟଣାଗଡ ରାସ୍ତାରେ ବାରପୁଡୁଗିଆ ଛକ ନିକଟରେ ଉଚ୍ଚ ସୁକତେଲ ଗେଟ୍ ନିର୍ମାଣ, ଲର୍କପାଲି ଆର୍.ଆର୍. କଲୋନୀ ବିଦ୍ୟାଳୟକୁ ଉନ୍ନତି ଉଚ୍ଚ ବିଦ୍ୟାଳୟ (ଯୁକ୍ତ ଦୁଇ), ସମସ୍ତ ଆର୍.ଆର୍. କଲୋନୀରେ ସାମାଜିକ ସାଂସ୍କୃତିକ କାର୍ଯ୍ୟ ପାଇଁ ସ୍ଥାୟୀ କଲ୍ୟାଣ ମଣ୍ଡପ ୨ କୋଟି ଅନୁଦାନ, ସମସ୍ତ କଲୋନୀରେ ସ୍ଥାୟୀ ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ର, ପିଇବା ପାଣି, ଗାଧୋଇବା ପାଇଁ ପୋଖରୀ ଓ ସ୍ୱାସ୍ଥ୍ୟସେବା ପାଇଁ ଆରୋଗ୍ୟ ମନ୍ଦିର ନିର୍ମାଣ କରିବା ଆଦି ବିଭିନ୍ନ ପ୍ରସ୍ତାବ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ ଓ ଜିଲ୍ଲାପାଳଙ୍କୁ ମଧ୍ୟ ପ୍ରଦାନ କରାଯାଇଛି । ଏହି ଆଲୋଚନାରେ ସଭାପତି ସଂଜୟ ଗଡତ୍ୟା, ସମ୍ପାଦକ ଜୟକୃଷ୍ଣ ମିଶ୍ର, ଉପ-ସଭାପତି କୈଳାସ ଚନ୍ଦ୍ର ସିଂଦେଓ, ସହ-ସମ୍ପାଦକ ବିକାଶ ରଂଜନ ରଥ, କୋଷାଧ୍ୟକ୍ଷ ନରେନ୍ଦ୍ର ବିଶି, ସ୍ୱେଚ୍ଛାସେବୀ ବିଶ୍ୱଜିତ ନାଥ, ଶାନ୍ତନୁ ସିଂ, ବ୍ୟାସଦେବ ବନଛୋର, ଅଜୟ ଗଡତ୍ୟା, ପ୍ରମୋଦ ପଟେଲ, ଗିରିଧାରୀ ପୁଟା, ସଦାନନ୍ଦ ମହଲା ପ୍ରମୁଖ ଭାଗ ନେଇଥିଲେ ।

## ମାଟ୍ରିକ୍ ସାର୍ଟିଫିକେଟ୍ ନଦେବାରୁ ଜିଲ୍ଲାକାର୍ଯ୍ୟାଳୟ ଆଗରେ ଧାରଣା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଆଳି ତହସିଲ୍ ଅନ୍ତର୍ଗତ ଜାଭିୟର୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ ପାଠ ପଢୁଥିବା ରିତୁରାଜ ବିଶ୍ୱାଳଙ୍କର ମାଟ୍ରିକ୍ ସାର୍ଟିଫିକେଟ୍ ନଦେବାରୁ ରିତୁରାଜଙ୍କ ଅଭିଭାବକ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ସହ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି । ଅଭିଭାବକ କହିବା ମୁତାବକ ତାଙ୍କ ପୁଅ ଦୀର୍ଘବର୍ଷ ହେଲା ସ୍କୁଲରେ ପାଠ ପଢି ଆସୁଛି ଏବଂ ନିୟମିତ ଭାବରେ ସ୍କୁଲର ପେଠ କରିଆସୁଛନ୍ତି । କୋଭିଡ୍ ସମୟରେ ତାଙ୍କ ପାଖରେ କାମ ଧନ୍ଦା ନଥିବାରୁ ସ୍କୁଲର କିଛି ଅର୍ଥ ବାକି ରହିଯାଇଥିଲା । ୨୦୨୩ ମସିହାରେ ତାଙ୍କର ଗୁରୁତର ଭାବେ ସଡକ ଦୁର୍ଘଟଣା ହେବାରୁ ସେ ସ୍କୁଲର ପେଠ ଦେବାରେ ଅସମର୍ଥ ହୋଇଥିଲେ । ବର୍ତ୍ତମାନ ତାଙ୍କ ପୁଅ ଏସ୍ଏନ୍ ମହାବିଦ୍ୟାଳୟରେ ବିଜ୍ଞାନ ବିଭାଗରେ ନାମ ଲେଖାଇଛନ୍ତି । ଦୀର୍ଘ ୮ ମାସ ହେଲା ଛାତ୍ରର ପିତା ଚିରଞ୍ଜିବୀ ବିଶ୍ୱାଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପାଖକୁ ଦୌଡି ଦୌଡି ନିରାଶ ହେବା ପରେ ଜିଲ୍ଲା କାର୍ଯ୍ୟାଳୟ ଆଗରେ ସାର୍ଟିଫିକେଟ୍ ନେବାପାଇଁ ଧାରଣାରେ ବସିରହିଛନ୍ତି ।




## “ଆଖିରେ ତୁ” ଏକ ସୁନ୍ଦର ରୋମାଣ୍ଟିକ ଗୀତ ବିଶ୍ୱବ୍ୟାପି ମୁକ୍ତିଲାଭ




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ନୂତନ ଓଡ଼ିଆ ରୋମାଣ୍ଟିକ ଗୀତ “ଆଖିରେ ତୁ” ସମ୍ପ୍ରତି ବିଶ୍ୱବ୍ୟାପି ଭାବେ ମୁକ୍ତିଲାଭ କରି ସଙ୍ଗୀତପ୍ରେମୀ ମାନଙ୍କ ମନକୁ ଛୁଇଁଛି । ମନକୁ ଛୁଇଁଯାଉଥିବା ଏହି ମଧୁର ଡୁଏଟ୍ ଗୀତରେ ଆଧୁନିକ ସଙ୍ଗୀତ ଓ ରୋମାଣ୍ଟିକ ଭାବନାର ଏକ ସୁନ୍ଦର ସମନ୍ୱୟ ଦେଖିବାକୁ ମିଳିଛି । ଏହି ଗୀତଟିରେ ଭାରତୀୟ ସଙ୍ଗୀତ ମଞ୍ଚର ପରିଚିତ କଣ୍ଠଶିଳ୍ପୀ ସୋହିନୀ ମିଶ୍ର (ଇଣ୍ଡିଆନ୍ ଆଇଡଲ୍ ଖ୍ୟାତ) ଓ ଲଣ୍ଡନ୍‌ରେ ବସବାସ କରୁଥିବା ଓଡ଼ିଆ କଣ୍ଠଶିଳ୍ପୀ ବିଶ୍ୱଜିତ ନନ୍ଦ ନିଜର ସୁମଧୁର କଣ୍ଠ ଦେଇ ଗୀତକୁ ଆହୁରି ମନୋମୁଗ୍ଧକର କରିଛନ୍ତି । ଗୀତଟିର ଗୀତ ଓ ସଙ୍ଗୀତ ରଚନା କରିଛନ୍ତି ପରିଚିତ ସାହିତ୍ୟିକ ଓ ସଙ୍ଗୀତ ସ୍ରଷ୍ଟା ନିହାର ଆଚାର୍ଯ୍ୟ । ସଙ୍ଗୀତର ଆରେଞ୍ଜମେଣ୍ଟ କରିଛନ୍ତି ଜି. ଟୁବୁ । ଗୀତଟିର ଡବିଙ୍ଗ ଓ ମାଷ୍ଟରିଂ କଟକର ୟାଶ୍ ମ୍ୟୁଜିକାଲ୍ସରେ ସୁବୁ ଦାଦାଙ୍କ ଦ୍ୱାରା ସମ୍ପନ୍ନ ହୋଇଥିବାବେଳେ ଏହାକୁ କଣ୍ଠଶିଳ୍ପୀ ବିଶ୍ୱଜିତ ନନ୍ଦଙ୍କ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମୁଡ୍ ସ୍ୱିଙ୍ଗ ଓଡ଼ିଶା ୟୁଟ୍ୟୁବ୍ ଚ୍ୟାନେଲ୍ ସହଯୋଗରେ ପ୍ରକାଶ କରାଯାଇଛି । ମଧୁର ସୁର, ରୋମାଣ୍ଟିକ ଶବ୍ଦ ଓ ଦୁଇ କଣ୍ଠଶିଳ୍ପୀଙ୍କ ସୁମଧୁର କଣ୍ଠ ମିଶି ଏହି ଗୀତଟିକୁ ଏକ ଅଲଗା ରୂପ ଦେଇଛି । ମୁକ୍ତିଲାଭ କରିବା ପରେ ଏହି ଗୀତଟି ସମାଜିକ ଗଣମାଧ୍ୟମରେ ଭଲ ପ୍ରତିକ୍ରିୟା ପାଇ ଦ୍ରୁତ ଲୋକପ୍ରିୟ ହେଉଛି । ସଙ୍ଗୀତପ୍ରେମୀ ମାନେ ଆଶା କରୁଛନ୍ତି ଯେ “ଆଖିରେ ତୁ” ଗୀତଟି ଆସନ୍ତା ଦିନରେ ଓଡ଼ିଆ ରୋମାଣ୍ଟିକ ସଙ୍ଗୀତରେ ଏକ ନୂଆ ମାଇଲଷ୍ଟୋନ୍ ସୃଷ୍ଟି କରିବ ।

## ଏକ୍ସିଲେଟର ମୋଡୁଛନ୍ତି ନାବାଳକ:ଧିମେଇଯାଉଛି ଧରପଗଡ଼

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ପେଁ ପେଁ ହୋଇ ଛୁଟୁଛନ୍ତି । ପବନକୁ କାଟି ଏତେ ଦ୍ରୁତଗତିରେ ଯାଉଛନ୍ତି ଯେ, ଦୁର୍ଘଟଣା ଘଟିଲେ ଜୀବନ ଯିବା ଥୟ । ଜଣକର ଭୁଲ୍ ପାଇଁ ଏବେ ଅନ୍ୟମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି । ବ୍ରହ୍ମପୁର ସହରରେ ନାବାଳକଙ୍କ ହାତକୁ ବାଇକ୍ ଆସିବା ପରେ ସେମାନେ ଆଉ କାହାକୁ ମାନୁନାହାନ୍ତି । ଟ୍ରାଫିକ୍ ପୋଲିସ ତା ବାଟରେ ଛିଡ଼ା ହୋଇ ରହୁଥିବା ବେଳେ ନାବାଳକ ଚାଳକ ମନଇଚ୍ଛା ଏକ୍ସିଲେଟର୍ ମୋଡ଼ି ଉଡୁଛନ୍ତି । ଏପରିକି କିଛି ବାଇକ୍‌ରେ ନମ୍ବର ପ୍ଲେଟ୍ ନଥିବା ଦେଖିବାକୁ ମିଳୁଛି । ଫଳରେ ସିସି କ୍ୟାମେରାରେ ଗାଡ଼ିକୁ ଠାବ କରାଯାଇପାରୁନାହିଁ । ନାବାଳକ ଚାଳକ ଧରପଗଡ଼ ଧିମେଇ ଯାଇଥିବାରୁ ଆଉ କେହି କାହାକୁ ଖାତିର କରୁନାହାନ୍ତି । ଗୋସାଇଁନୂଆଗାଁ ଓଭରବ୍ରିଜ୍ ଉପରେ ଏକ ଭୟାନକ ଦୁର୍ଘଟଣା ଘଟିଥିଲା । ଯାହାକି ସେଠାରେ ଉପସ୍ଥିତ ଥିବା ଲୋକଙ୍କ ଛାତି ଥରାଇ ଦେଇଥିଲା । ସ୍ଥାନୀୟ ଲୋକେ ଉଦ୍ଧାର ପାଇଁ ଆସିଲା ବେଳେ ଜଣାପଡ଼ିଲା ଯେ, ଦୁଇଜଣ ନାବାଳକ ଛାତ୍ର ଏକ ବାଇକ୍‌ରେ ଯାଉଥିବା ବେଳେ କାର୍ ସହିତ ଧକ୍କା ହୋଇଥିଲେ । ବାଇକ୍‌ରେ ଯାଉଥିବା ଦୁଇ ଜଣ ନାବାଳକ ସମ୍ମୁଖରୁ ଆସୁଥିବା ଏକ କାର୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଉଭୟ ଏକ ଘରୋଇ ସ୍କୁଲର ଛାତ୍ର ବୋଲି ଜଣାପଡ଼ିଥିଲା । କିନ୍ତୁ ଏନେଇ କୌଣସି ମାମଲା ହୋଇନଥିବା ଜଣାପଡ଼ିଛି । ତେବେ ନାବାଳକଙ୍କୁ ବାଇକ୍ ଦେଲା କିଏ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପୋଲିସ ମଧ୍ୟ ଏ ଦିଗରେ କିଛି ପଦକ୍ଷେପ ଗ୍ରହଣ କରିନାହିଁ । କିଛି ଦିନ ପୂର୍ବରୁ ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ର ଅଶାନ୍ତି ଦେଖାଯାଇଥିଲା । ଛାତ୍ର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ଏନେଇ ଜଣାପଡ଼ିଲା ଯେ, ଅଶାନ୍ତିର କାରଣ ହେଉଛି ବାଇକ୍ । ବିଦ୍ୟାଳୟ ପରିସରରେ ବାଇକ୍ ରଖିବାକୁ ଅନୁମତି



ନମିଳିବାରୁ ଛାତ୍ରମାନେ ଆନ୍ଦୋଳନ କରିଥିଲେ । ଏଥିରୁ ସ୍ପଷ୍ଟ ହେଉଛି ଯେ, ନାବାଳକ ଛାତ୍ରମାନେ କିଭଳି ବାଇକ୍ ମୋହରେ ପଡ଼ିଛନ୍ତି । ଅନ୍ୟପଟେ ମାତାପିତା ମଧ୍ୟ ନାବାଳକ ଛାତ୍ରଛାତ୍ରୀଙ୍କୁ ଗାଡ଼ି ଦେବା ପୂର୍ବରୁ ଟିକିଏ ମଧ୍ୟ ଚିନ୍ତା କରୁନାହାନ୍ତି । ଯଦି କିଛି ଅଘଟଣ ଘଟେ ତେବେ ପ୍ରଥମେ ତାଙ୍କର କ୍ଷତି ହେବ । ଏଣୁ ମାତାପିତା ପ୍ରଥମେ ସଚେତନ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ବେପରୁଆ ଗାଡ଼ି ଚାଳନା ଯୋଗୁଁ ଅଧିକାଂଶ ଦୁର୍ଘଟଣା ଘଟୁଛି । କିଛି ଚାଳକ ବିକଟାଳ ଶବ୍ଦ କରି ବାଇକ୍ ଚଳାଉଛନ୍ତି । ଏକ୍ସିଲେଟର୍ ମୋଡ଼ି ଢ଼ୋ ଢ଼ା ଶବ୍ଦ ସୃଷ୍ଟି କରୁଛନ୍ତି । ଯାହାକି ସାଧାରଣ ଲୋକଙ୍କୁ ଭୟଭୀତ କରୁଛି । ସରକାରୀ ନିୟମ ଅନୁସାରେ ନାବାଳକ ଚାଳକ ଧରାପଡ଼ିଲେ ୨୫ ହଜାର ଜରିମାନା ସହ ଅଭିଭାବକଙ୍କୁ ୩ ବର୍ଷ କାରାଦଣ୍ଡର ପ୍ରାବଧାନ ରହିଛି । କିନ୍ତୁ ଏହା କଡ଼ାକଡ଼ି ହେଉନାହିଁ । ପୋଲିସ ଓ ପରିବହନ ବିଭାଗ ତରଫରୁ ମିଳିତ ଭାବେ ଧରପଗଡ଼ ଆରମ୍ଭ କରିବାକୁ ଦାବି ହୋଇଛି । ଏନେଇ ଆର୍‌ଟିଓ ଦେବାଶିଷ ସ୍ୱାଇଁ କହନ୍ତି, ବିଭିନ୍ନ ଶିକ୍ଷାନୁଷ୍ଠାନରେ ସଚେତନତା ସୃଷ୍ଟି କରାଯିବା ସହିତ ଧରପଗଡ଼ ଜାରି ରହିଛି ।

32 YEARS
ସମ୍ବାଦ କଳିକା






# କଳାହାଣ୍ଡି ଜିଲ୍ଲାରେ ଶହଶହ ନକଲି ଶିକ୍ଷକ:ସୂଚନା ମାଗିଲେ ମିଳୁନି ତଥ୍ୟ


**ଭବାନୀପାଟଣା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ଓ କେନ୍ଦ୍ର ସରକାର ସାଧାରଣ ଲୋକେ କିପରି ଶିକ୍ଷା ପାଇପାରିବେ ସେଥିପାଇଁ ସରକାର ଯୋଜନା ଉପରେ ଯୋଜନା କରୁଛନ୍ତି ହେଲେ ନକଲି ପ୍ରମାଣ ପତ୍ର ଓ ଅସାଧୁ କର୍ମଚାରୀ ମାନଙ୍କ ଗଠଯୋଡ ଯୋଗୁଁ ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ଭୁଷୁଡି ପଡିଛି । ଜିଲ୍ଲାର ମଦନପୁର ରାମପୁର, ଜୁନାଗଡ, କୋକସରା, ଗୋଲାମୁଣ୍ଡା, କର୍ଲାମୁଣ୍ଡା ଆଦି ବ୍ଲକରେ ପ୍ରାଥମିକ ଶିକ୍ଷକ ଓ ବ୍ଲକଗ୍ରାଣ୍ଟ ଶିକ୍ଷକ ନକଲି ପ୍ରମାଣପତ୍ର ଦେଇ ଶିକ୍ଷକତା କରୁଥିବା ଯୋଗୁଁ ଶିକ୍ଷାଦାନରେ ବାଧାସୃଷ୍ଟି ହେବାସହ ଯୋଗ୍ୟ ପ୍ରାର୍ଥି ଚାକିରି ପାଇବାରୁ ବଞ୍ଚିତ ହେଉଛନ୍ତି । ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା ଶିକ୍ଷା ବିଭାଗ କର୍ଯ୍ୟାଳୟରେ ସୂଚନା ଅଧିକାରୀ ଦାଇତ୍ୱରେ ଥିବା ଅନେକ କର୍ମଚାରୀ ନକଲି ପ୍ରମାଣ ପତ୍ର ଦେଇ ଚାକିରି ହାତେଇଛନ୍ତି । ଯାହାଦ୍ୱାରା ଆର.ଟି.ଆଇ ଜରିଆରେ ତଥ୍ୟ ମାଗିଲେ ମଧ ତଥ୍ୟ ମିଳୁନି । ପ୍ରଥମ ଅପିଲ୍ ପାଇଁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟକୁ ଗଲେ ବିଭିନ୍ନ କାମରେ ବ୍ୟସ୍ତ ଥିବା ଦର୍ଶାଇ ହିଅରିଙ୍ଗ କରୁନଥିବା ଯୋଗୁଁ ମାସ ମାସ ଧରି ତଥ୍ୟ ମିଳିପାରୁନାହିଁ । ସେହିପରି ଜୁନାଗଡ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସୂଚନା ଆଇନ୍ ଅନୁଯାଇ ତଥ୍ୟ ମାଗିଲେ ମଧ ସମ୍ପୂର୍ଣ ତଥ୍ୟ ଦେଉନଥିବା ଦେଖିବାକୁ ମିଳୁଛି । ଜିଲ୍ଲାର ବିଭିନ୍ନ ବ୍ଲକରେ ମାଟ୍ରିକ୍, ବି.ଇ.ଡି, ସି.ଟି ଆଦି ପ୍ରମାଣ ପତ୍ର ନକଲି ଥିବା ଏକ ନକଲି ଶିକ୍ଷକ ମାନଙ୍କ ତାଲିକା କୁଆଡେ ୨୦୨୪ ମସିହାରେ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଶିକ୍ଷା ବିଭାଗର ଏକ ପତ୍ରରୁ ଜଣାପଡିଛି । ସବୁଠୁ ବଡ ପ୍ରଶ୍ନ ଯେ ୨୦୨୪ ମସିହାରେ ଜିଲ୍ଲାପାଳଙ୍କୁ ଏକ ତାଲିକା ଦେଇଥିବା ବେଳେ କାହା ଚାପ ଯୋଗୁଁ ନକଲି ଶିକ୍ଷକ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହୋଇନି ଏହା ତଦନ୍ତ ସାକ୍ଷେପ । ଅନ୍ୟ ପକ୍ଷେ ଅଭିଭାବକମାନେ ନିଜ ପୁଅ, ଝିଅ ମାନଙ୍କୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ବିଭିନ୍ନ ବେସରକାରୀ କଲେଜ ସ୍କୁଲରେ ପାଠ ପଢାଇ ସେମାନଙ୍କ ଭବିଷ୍ୟତ ନିର୍ମାଣ କରିବା ପାଇଁ ଉଦ୍ୟମ କରୁଥିବା ବେଳେ ନକଲି ପ୍ରମାଣ ପତ୍ର ଯୋଗୁଁ ଯୋଗ୍ୟ ଛାତ୍ରଛାତ୍ରୀମାନେ ଏଥିରୁ ବଞ୍ଚିତ ଯୋଗୁଁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ସେହିପରି ସମଗ୍ର ଶିକ୍ଷା କାର୍ଯ୍ୟାଳୟରେ ଜୈନିକ କିରାଣି ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ଅବସର ହୋଇଥିଲେ ମଧ ଏପର୍ଯ୍ୟନ୍ତ ବିଭାଗକୁ ଦାୟିତ୍ୱ ଦେଇନଥିବା ଯୋଗୁଁ ବିଭାଗର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି । ଏହି ବିଷୟରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପଚାରିବାରୁ ସେ କହିଥିଲେ ଅବସର ନେଇଥିବା କିରାଣି କିଛି କାଗଜ ପତ୍ର ଦେଇଛନ୍ତି ଓ ତାଙ୍କୁ ବିଭାଗ ପକ୍ଷରୁ ତୁରନ୍ତ ସମସ୍ତ କାଗଜ ପତ୍ର ଦେବାପାଇଁ କୁହାଯାଇଛି ବୋଲି କହିଥିଲେ ।

# ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ଗୌରୀଶଙ୍କର, ରମାଦେବୀଙ୍କ ଗ୍ରାମ ସାମିଲ

**କଟକ, ନ୍ୟୁଜ୍ ବ୍ୟୁରୋ**

'ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା'ରେ କର୍ମବୀର ଗୌରୀଶଙ୍କର ଓ ମା' ରମାଦେବୀଙ୍କ ଗ୍ରାମ ସାମିଲ୍ କରିଛନ୍ତି ରାଜ୍ୟ ସରକାର। ପ୍ରଥମ ପର୍ଯ୍ୟାୟରେ କଟକ ଜିଲ୍ଲାର ଏହି ଦୁଇଟି ଗାଁ 'ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା'ରେ ସ୍ଥାନ ପାଇଛି। ଗୌରୀଶଙ୍କରଙ୍କ ଜନ୍ମ ସ୍ଥାନ ଅସୁରେଶ୍ୱରର ଦୀକ୍ଷିତପଡ଼ା ଗ୍ରାମ ଓ ମା' ରମାଦେବୀଙ୍କ ଜନ୍ମସ୍ଥାନ ସାଲେପୁର ବ୍ଲକ୍ ସତ୍ୟଭାମାପୁରକୁ ରାଜ୍ୟ ସରକାର ସ୍ୱତନ୍ତ୍ର ଅନୁଦାନରେ ବିକାଶ କରିବେ । ଏଥିରେ ଜନ୍ମପୀଠକୁ ସଂଗ୍ରହାଳୟରେ ପରିଣତ କରାଯିବା ସହ ଅନ୍ୟାନ୍ୟ ପାରିପାର୍ଶ୍ୱିକ ବିକାଶ କରାଯିବ। ଫଳରେ ଏହି ଦୁଇ ଗାଁ ନୂଆ ରୂପ ନେବ ବୋଲି ଆଶା କରାଯାଉଛି। ରାଜ୍ୟ ସରକାର ଓଡ଼ିଶାର ବରପୁତ୍ର, ସ୍ୱାଧୀନତା ସଂଗ୍ରାମୀ ଏବଂ ମହାନ୍ ବ୍ୟକ୍ତିତ୍ୱଙ୍କ ସ୍ମୃତିକୁ ଅମଳିନ ରଖିବା ସହ ସେମାନଙ୍କ ତ୍ୟାଗ ଓ ଅବଦାନକୁ ପରପିଢ଼ିଙ୍କୁ ଅବଗତ କରିବା ଲାଗି 'ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା' ପ୍ରଣୟନ କରିଛନ୍ତି। ଏହି ଯୋଜନାରେ ବରପୁତ୍ରମାନଙ୍କ ବାସଭବନକୁ ସଂଗ୍ରହାଳୟ ଭାବେ ବିକାଶ କରାଯିବ। ବ୍ୟାଖ୍ୟାନ କେନ୍ଦ୍ର, ଗ୍ରନ୍ଥାଗାର, ସମ୍ମିଳନୀ କକ୍ଷ, ମୁକ୍ତାକାଶ ରଙ୍ଗମଞ୍ଚ, ଶିଶୁ ଉଦ୍ୟାନ ଆଦି ସ୍ଥାପନ କରାଯିବ। ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ । ସ୍ଥାନୀୟ ଜୀବିକାକୁ ପ୍ରୋତ୍ସାହନ ଦେବା ଲାଗି ସେହି ଅଞ୍ଚଳର ପ୍ରସିଦ୍ଧ ବ୍ୟଞ୍ଜନ, ହସ୍ତକଳା ଏବଂ ହସ୍ତଶିଳ୍ପ ଆଦିର ପ୍ରଚାର, ପ୍ରସାର ପାଇଁ ବିକ୍ରୟ କେନ୍ଦ୍ର ମଧ୍ୟ ସ୍ଥାପନ କରାଯିବ। ବରପୁତ୍ରଙ୍କ ଜୀବନୀ ଉପରେ ବିଭିନ୍ନ ସମ୍ମିଳନୀ, ଚର୍ଚ୍ଚା, ଆଲୋଚନା ଚକ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ସେମାନଙ୍କ ଆଦର୍ଶ, ପ୍ରେରଣା ଏବଂ ମୂଲ୍ୟବୋଧର ପ୍ରଚାରପ୍ରସାର କରାଯିବ। ଏଥିଲାଗି ବରପୁତ୍ରଙ୍କ ଜନ୍ମସ୍ଥାନକୁ ଲାଗି ପ୍ରାୟ ୨ ଏକର ଜମି ଯୋଗାଇ ଦେବାକୁ ରାଜ୍ୟ ସରକାର ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି। ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଝିଆରୀ ହେଉଛନ୍ତି ମା' ରମାଦେବୀ ଚୌଧୁରୀ। ତେଣୁ ସତ୍ୟଭାମାପୁରରେ ମଧୁବାବୁଙ୍କ ଘରକୁ ହିଁ ଏହି ଯୋଜନାରେ ସାମିଲ୍ କରାଯାଇ ରମାଦେବୀଙ୍କ ସ୍ମୃତି ରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ସୂଚନା ଦେଇଛନ୍ତି । ସତ୍ୟଭାମାପୁର ସ୍ଥିତ ଘରେ ରମାଦେବୀଙ୍କର ବାଲ୍ୟକାଳ କଟିଥିଲା। ତାଙ୍କର ଅନେକ ସ୍ମୃତି ଏହି ଘର ସହ ଜଡ଼ିତ। ସେହିପରି ଓଡ଼ିଶାର ପ୍ରଥମ ଖବରକାଗଜ 'ଉତ୍କଳ ଦୀପିକା'ର ପ୍ରତିଷ୍ଠାତା ତଥା ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଲଢ଼ିଥିବା କର୍ମବୀର ଗୌରୀଶଙ୍କର ରାୟଙ୍କ ଜନ୍ମପୀଠ ଦୀକ୍ଷିତପଡ଼ାକୁ ଏହି ଯୋଜନାରେ ସାମିଲ୍ କରାଯାଇଛି। ଜମି ମିଳିଲେ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି।





❖ ନୂଆ ରୂପ ନେବ ଦୀକ୍ଷିତପଡ଼ା, ସତ୍ୟଭାମାପୁର
❖ ଦୁଇ ଏକର ଲେଖାଏଁ ଜମି ଯୋଗାଇ ଦେବାକୁ ପ୍ରଶାସନକୁ ଚିଠି ଲେଖିଲେ ସରକାର

# ଚାଷୀଙ୍କୁ ଦଳି ଦେଲା ହାତୀ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଶୌଚ କରିବାକୁ ଆସିଥିବା ଚାଷୀଙ୍କୁ ଦଳିଦେଲା ହାତୀ । ଆଉ ଘଟଣାସ୍ଥଳରେ ଚାଷୀଙ୍କ ଜୀବନ ଚାଲିଗଲା । ମୃତକ ହେଲେ ବରଗଡ଼ ଜିଲ୍ଲା ଅମ୍ବାବିରା ବ୍ଲକ ଟାମରଗରା ପଞ୍ଚାୟତ ଅନ୍ଧାରିପାଲି ଗାଁର ୬୫ ବର୍ଷୀୟ ବେଣୁଧର ଛୁରିଆ । ପ୍ରାତଃ ସମୟରେ ସମ୍ବଲପୁର ଅଞ୍ଚଳରୁ ଏକ ବଣୁଆ ହାତୀ ଅନ୍ଧାରିପାଲି ଗାଁ ରାସ୍ତା ଦେଇ ପାର ହେଉଥିବା ବେଳେ ଚାଷୀ ବେଣୁଧରଙ୍କୁ ଦଳି ଦେଇଥିଲା । ଖବରପାଇ ବରଗଡ଼ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି । ହାତୀଟି ନିକଟସ୍ଥ ଗ୍ରାମ୍ୟ ଜଙ୍ଗଲରେ ଲୁଚି ରହିଥିବାରୁ ବନ ବିଭାଗ କର୍ମଚାରୀମାନେ ଗ୍ରାମବାସୀଙ୍କ ସୁରକ୍ଷା ପାଇଁ ହାତୀର ଗତିବିଧି ଉପରେ ନଜର ରଖିଛନ୍ତି । ମୃତକଙ୍କ ପରିବାରକୁ ବନ ବିଭାଗ ପକ୍ଷରୁ ୧୦ ଲକ୍ଷ ଟଙ୍କା ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ବରଗଡ଼ ଡିଏଫ୍ଓ ସରୋଜ କୁମାର ପଣ୍ଡା କହିଛନ୍ତି । ହାତୀ ଅଞ୍ଚଳରେ ଘୁରି ବୁଲୁଥିବାରୁ ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ଡାକବାଜି ଯନ୍ତ୍ରରେ ସତର୍କ ରହିବାକୁ କୁହାଯାଇଛି ।

# ସମାଜରେ ପୁରୁଷଙ୍କ ଅପେକ୍ଷା ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣ ଭାରତୀ ପରିବାର ଓ ଭାରତ ବିକାଶ ପରିଷଦ ମିଳିତ ସହଯୋଗରେ ସ୍ଥାନୀୟ ପଟା ଭାଡ଼ି ସ୍ଥିତ ଦୟାନନ୍ଦ ପବ୍ଲିକ୍ ସ୍କୁଲ ଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ସୋନପୁର ସହରର ସ୍ୱେଚ୍ଛାସେବୀ, ଇଂରାଜୀ ପୁସ୍ତକ ଲେଖିକା ତଥା ସୁସାହିତ୍ୟକ ୭୮ ବର୍ଷୀୟା ମହିଳା ଡ଼. କ୍ରିଷ୍ଣା ହୋତା ମୁଖ୍ୟ ଅତିଥି ଭାବେ, ସ୍ୱତନ୍ତ୍ର ଅତିଥି ଭାବେ ଉପଜିଲ୍ଲାପାଳ ଡ଼. ସୌମ୍ୟରୂପା ରଥ, ଭାରତ ବିକାଶ ପରିଷଦର ମହିଳା ସହଭାଗିତା ଆବାହିକା ଡ଼. ପ୍ରତିମା ରଥ, ଦୟାନନ୍ଦ ପବ୍ଲିକ୍ ସ୍କୁଲ ଅଧକ୍ଷା କେ. କୁମାରୀ, ଦୟାନନ୍ଦ ପବ୍ଲିକ୍ ସ୍କୁଲର ନିର୍ଦ୍ଦେଶକ ଶିବ ପାତ୍ର ଯୋଗଦେଇ ଏହି ମହିଳା ଦିବସ ପାଳନର ଉଦ୍ଦେଶ୍ୟ ଉପରେ ବିସ୍ତାର ଭାବେ ବୁଝାଇ ଥିଲେ ଓ ସମାଜରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହି ପୁରୁଷମାନଙ୍କ ଠାରୁ ମହିଳାମାନେ କୌଣସି ଗୁଣରେ କମ୍ ନୁହେଁ ବୋଲି କହିଥିଲେ । ଅନୁଷ୍ଠାନ ପକ୍ଷରୁ ଉପ ଜିଲ୍ଲାପାଳ ଡ. ସୌମ୍ୟରୂପା ରଥଙ୍କୁ ଶ୍ରୀ ଗୋପାଳ ଜି ବିଭୁ କୃପା ସାହିତ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ସଭା ପୂର୍ବରୁ କାର୍ଯ୍ୟକ୍ରମ ସଂଯୋଜିକା ଅଧାପିକା ସୁନନ୍ଦା ସାହୁ, ଓ ଅଧାପକ କୈଳାଶ ଚାନ୍ଦ ହୋମ ହବ୍ନ କରି ପରିବେଶକୁ ପବିତ୍ର କରିଥିଲେ । ଏହି ଅବସରରେ ଏକ ନାରୀ ଧର୍ମୀ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଭାରତ ବିକାଶ ପରିଷଦର ସଭାପତି ଦୁର୍ଯ୍ୟୋଧନ ସାହୁ, ସମ୍ପାଦକ ଅଧାପକ ଉମାକାନ୍ତ ନାଗ, କୋଷାଧ୍ୟକ୍ଷ ଅଧାପକ କ୍ଷୀରୋଦ ମେହେର, ପରିବାର ସେବା ପ୍ରମୁଖ ବୈକୁଣ୍ଠ ଶତପଥୀ, ସଂସ୍କାର ପ୍ରମୁଖ ହରିଶଙ୍କର ମିଶ୍ର, ପର୍ଯ୍ୟାବରଣ ପ୍ରମୁଖ ସୁଶିଲ ପଟ୍ଟନାୟକ, ସଦସ୍ୟା ଗୀତାଞ୍ଜଳି ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । କବିତା ପାଠ ଉତ୍ସବ ର କବୟିତ୍ରୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସୁବର୍ଣ୍ଣ ଭାରତୀ ସମ୍ମାନ ସମାରୋହର ସ୍ମରଣିକା 'ଦିବ୍ୟତା'ର ଶୁଭ ଉନ୍ମୋଚନ ହୋଇଥିଲା ଓ ସମସ୍ତ ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ସ୍ମରଣିକା ପ୍ରଦାନ କରାଯାଇଥିଲା । ସ୍କୁଲ ଅଧକ୍ଷା କେ. କୁମାରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପରିଷଦ ସଦସ୍ୟା କଳ୍ପନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାନ ରଖି ଚାଷୀଙ୍କ ଧାରଣା

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**



ଆଉ ଗୋଟିଏ ଦିନ ପରେ ରବି ଋତୁ ଧାନ ବିକ୍ରି ପାଇଁ ପଞ୍ଜିକରଣ ଆରମ୍ଭ ହେବ ହେଲେ ଖରିଫ ଋତୁର ଧାନ କିଣା ସରିନାହିଁ । ଭେଡେନ୍ ବ୍ଲକ ସହରାଟିକ୍ରା ମଣ୍ଡି ଅନ୍ତର୍ଗତ ବହଳପାଲି, ଡାଲମେଣ୍ଡା, ଦେବ୍ରୁକବା, ପାତରପାଲି, ବେହେରାପାଲି, ସାରପିପିଲି ପାଲି, ବଗର୍ଦ ପାଲି, ଖରସିପାଲି ଗ୍ରାମର ଚାଷୀମାନେ ନିଜ କଷ୍ଟ ଉପାର୍ଜିତ ଧାନ ବିକ୍ରି ନହେବାରୁ ମୋଟର ସାଇକେଲରେ ଆଣି ଜିଲ୍ଲାପାଳ ଅଫିସରେ ପକାଇ ଧାରଣାରେ ବସିଛନ୍ତି । ଏଠାରେ ପ୍ରକାଶ ଥାଉ ଯେ ଗତ ଅଗଷ୍ଟ ମାସରେ ଧାନ ବିକ୍ରି ପଞ୍ଜିକରଣ ପାଇଁ ଆବଶ୍ୟକ କାଗଜପତ୍ର ଦେଇ ଆବେଦନ କରିଥିଲେ । ହେଲେ ପ୍ରଶାସନିକ ତ୍ରୁଟି କାରଣରୁ ପଞ୍ଜିକୃତ ହୋଇପାରିନଥିଲେ । ସେହିଦିନ ଠାରୁ ଚାଷୀମାନେ ବାରମ୍ବାର ଅଫିସକୁ ଧାଇଁ ଧାଇଁ ନୟନ ହୋଇଗଲେଣି ହେଲେ ତାହିଁକ ବାହିତ କୌଣସି ଉତ୍ତର ନାହିଁ । ବିଭିନ୍ନ ମଣ୍ଡିମାନେ ବନ୍ଦ ହେବାକୁ ଗଲାଣି ହେଲେ ବାଛିଥିବା ଚାଷୀମାନଙ୍କ ଟୋକେନ୍ ଆସିନାହିଁ ବା ଧାନ କିଣାଯାଉନାହିଁ । ସେଥିପାଇଁ ଚାଷୀମାନେ ସାମୁହିକ ନିଷ୍ପତ୍ତି କରି ୫ ତାରିଖରେ ୧୫ ପାକେଟ୍ ଧାନ ପକାଇ ଧାରଣାରେ ବସିଥିଲେ । ରାତିରେ ଘରକୁ ଯାଇ ପୁଣି ସକାଳୁ ଆସିଲା ବେଳେକୁ ଜିଲ୍ଲାପାଳ ଅଫିସରେ ଧାନ ନାହିଁ । ପୋଲିସକୁ ପଚାରିଲେ ଜାଣିନଥିବା ପ୍ରକାଶ କରିଛନ୍ତି । ସରକାର ବାରମ୍ବାର ପ୍ରକୃତ ଚାଷୀଙ୍କ ଧାନ କିଣାଯିବ ବୋଲି ବାହାଦୁରୀ ମାରୁଥିବାରୁ ଚାଷୀମାନେ ନିଜର କଷ୍ଟ ଉପାର୍ଜିତ ଧାନ ଧରି ଜିଲ୍ଲାପାଳ ଅଫିସରେ ପକାଇ ଧାରଣାରେ ବସିଛନ୍ତି । ଜିଲ୍ଲା ପ୍ରଶାସନ ତରଫରୁ ଏଆରସିଏସ୍ ରାଧେ ମେହେର, ସିଏସ୍ଓ ବଡ଼ମାଳି, ବ୍ୟୋମକେଶ ମାଝୀ, ଅତିରିକ୍ତ ଉପଜିଲ୍ଲାପାଳ ମଦନଲାଲ ପଣ୍ଡା ଆସି ଦୁଇଦିନ ସମୟ ଦିଅନ୍ତୁ ବୋଲି କହିଥିଲେ । ହେଲେ ଚାଷୀମାନେ ମଧ ଧାନ ବିକ୍ରି ନହେବା ପର୍ଯ୍ୟାୟ ଏହି ଧାରଣା ଜାରି ରହିବ ବୋଲି ସ୍ପଷ୍ଟ ଭାବରେ ଶୁଣାଇଦେଇଥିଲେ । ଏହି ଧାରଣାରେ ବିଭିନ୍ନ ଗ୍ରାମର ରୋହିତ ଭୋଇ, ମନୋଜ ଭୋଇ, ଅଚ୍ୟୁତାନନ୍ଦ ସାହୁ, କଳାକାର ଦେହେରୀ, ଲିଙ୍ଗରାଜ ଦେହେରୀ, ଜାବର୍ଦ୍ଧନ ଦେହେରୀ, ଶ୍ରୀଧା କର୍ମୀ, ଫକୀର ସାହୁ, ସୌମ୍ୟନାରାୟଣ ବେହେରା, ଗଦାଧର ଦେହେରୀ, ଲକ୍ଷ୍ମଣ ସାହୁ ସମେତ ସଂଯୁକ୍ତ କୃଷକ ସଂଗଠନର ରମେଶ ମହାପାତ୍ର, ରବିଶଙ୍କର ପଧାନ, ସୁରେଶ ନିରଙ୍କେ, ଯୋଗେଶ ପଧାନ, ନିରଞ୍ଜନ ପଧାନ ନେତୃତ୍ୱ ନେଇଥିବା ବେଳେ ବିଜୁ ଜନତା ଦଳ ପାର୍ଟିର କର୍ମକର୍ତ୍ତାମାନେ ସମର୍ଥନ ଦେଇଛନ୍ତି ।



# ବାରୋ ଗାଁରେ ପାନୀୟ ଜଳ ସଂକଟ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୋ ଗ୍ରାମରେ ଶତାଧିକ ମହିଳା ତାଙ୍କ ଗ୍ରାମରେ ଦୀର୍ଘ ୮ ଦିନ ହେଲା ପାନୀୟ ଜଳ ସଂକଟ ହେବାରୁ ପିଇବାକୁ ବୁନ୍ଦାଏ ପାଣି ନଥିବାରୁ ସେମାନେ ଅକଥନୀୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୬ ଗୋଟି ୱାର୍ଡକୁ ନେଇ ଗଠିତ ଏହି ଗ୍ରାମର ଶେଷ ମୁଣ୍ଡରେ ଥିବା ବେହେରା ସାହି, ଢସାହି ଓ ହରିଜନ ସାହିର ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ପାଇପ୍ ଯୋଗେ ପାଣି ପାଉଥିଲେ। ଏବେ ଦୀର୍ଘ ୮ ଦିନ ହେଲା ଏହି ଗ୍ରାମକୁ ପାଣି ନଯିବାରୁ ଗ୍ରାମବାସୀମାନେ ପାଣି ପିଇବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୋମବାର ଶତାଧିକ ମହିଳା ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ପାନୀୟ ଜଳ ଯୋଗାଇ ଦେବାପାଇଁ ଗ୍ରାମର ସୁମିତ୍ରା ଦାସ, ରିତା ବେହେରା, ଉର୍ମିଳା ପଢିଆରୀ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଦାବି କରିଛନ୍ତି।

# ଏମ୍‌କେସିଜିରେ ମିଳୁନି ପେନ୍‌କିଲର୍ ଇଞ୍ଜେକ୍‌ସନ୍:ହନ୍ତସନ୍ତ ହେଉଛନ୍ତି ୩ ବିଭାଗର ରୋଗୀ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଏମ୍‌କେସିଜି ମେଡ଼ିକାଲ୍‌ରେ ଦୀର୍ଘ ୩ ମାସରୁ ଅଧିକ ଦିନ ହେବ ପେନ୍ କିଲର୍ ଇଞ୍ଜେକ୍‌ସନ୍ ଘୋର୍ ଅଭାବ ଦେଖାଦେଇଛି । ଏହାର ପ୍ରଭାବ ସିଧାସଳଖ ରୋଗୀଙ୍କ ଉପରେ ପଡିଛି । ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ମେଡ଼ିକାଲ୍‌କୁ ଆସୁଥିବା ପେନ୍ କିଲର୍ ଇଞ୍ଜେକ୍‌ସନ୍ ଅଭାବରୁ ରୋଗୀଙ୍କ କଷ୍ଟ ଦ୍ୱିଗୁଣିତ ହୋଇଯାଇଛି । ସମସ୍ୟା ସମ୍ପର୍କରେ ଏକାଧିକ ବିଭାଗୀୟ ମୁଖ୍ୟ ମେଡ଼ିକାଲ୍ ଷ୍ଟୋର୍‌କୁ ଅବଗତ କରିଥିଲେ ହେଁ ସମସ୍ୟାର ସମାଧାନ ହେଉନଥିବା ଦେଖିବାକୁ ମିଳିଛି । ଫଳରେ ଡ଼ାକ୍ତରଖାନାର ଅସ୍ଥିଶଲ୍ୟ, ସର୍ଜରୀ ଓ ସ୍ତ୍ରୀ ପ୍ରସୂତି ରୋଗ ଆଦି ବିଭାଗର ରୋଗୀଙ୍କୁ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେବାକୁପଡୁଛି । ବିଶେଷ କରି ଅସ୍ତ୍ରୋପଚାର ପରେ ରୋଗୀଙ୍କୁ ଭୟଙ୍କର ବେଦନାରେ ଛଟପଟ ହେଉଛନ୍ତି । ମେଡ଼ିକାଲ୍‌କୁ ଉପରୋକ୍ତ ବିଭାଗଗୁଡ଼ିକରେ ଦୈନିକ ୫ ଶହରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସା ନିମନ୍ତେ ଭର୍ତ୍ତି ହେଉଛନ୍ତି । ଏମାନଙ୍କ ଚିକିତ୍ସା ସମୟରେ ଯନ୍ତ୍ରଣା ହ୍ରାସ କରିବାକୁ ତୁରନ୍ତ ପେନ୍ କିଲର୍ ଇଞ୍ଜେକ୍‌ସନ୍‌ର ଆବଶ୍ୟକତା ରହିଥାଏ । କିନ୍ତୁ ଦୀର୍ଘ ୩ ମାସ ଧରି ମେଡ଼ିକାଲ୍ ଷ୍ଟୋର୍‌ରେ ଏହି ଇଞ୍ଜେକ୍‌ସନ୍ ଉପଲବ୍ଧ ନଥିବା ଜଣାପଡ଼ିଛି । ସାଧାରଣତଃ ରୋଗୀଙ୍କ କଷ୍ଟ ଦୂର କରିବାପାଇଁ ଡ଼ାଇକ୍ଲୋଫିନେକ୍ ଓ ଏସିକ୍ଲୋଫିନେକ୍ ଇଞ୍ଜେକ୍‌ସନ୍ ଅତ୍ୟନ୍ତ ଗୁରୁତ୍ୱ ବହନ କରୁଥିବା ବେଳେ ମେଡ଼ିକାଲ୍ ଷ୍ଟୋର୍‌ରେ ତାହା ଆଦୌ ଉପଲବ୍ଧ ନାହିଁ । ଏଭଳି ସ୍ଥିତିରେ ମେଡ଼ିକାଲ୍‌ରେ ରୋଗୀକୁ ଆବଶ୍ୟକ ସ୍ଥଳେ ପେନ୍ କିଲର୍ ଟାବ୍‌ଲେଟ୍ ବା ବଟିକା ଦିଆଯାଉଥିଲେ ହେଁ ତାହା ସଠିକ୍ ଭାବେ କାର୍ଯ୍ୟ କରୁନଥିବା ଅଭିଯୋଗ ହୋଇଛି । ଫଳରେ ବହୁ ସମୟରେ ରୋଗୀଙ୍କୁ ବାହାର ଔଷଧ ଦୋକାନରୁ ଅଧିକ ମୂଲ୍ୟରେ ଇଞ୍ଜେକ୍‌ସନ୍ କିଣି ଖର୍ଚ୍ଚାନ୍ତ ହେବାକୁ ପଡୁଛି । ସେପଟେ ଲୋକାଲ୍ ପରଚେଜ ନିମନ୍ତେ ବ୍ୟବସ୍ଥା ରହିଥିବା ବେଳେ ଏଥିରେ ଅନେକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି । ଔଷଧର ଲୋକାଲ୍ ପରଚେଜ୍ ନିମନ୍ତେ ବିଭିନ୍ନ ବିଭାଗ ପକ୍ଷରୁ ଅନେକ ନୀତି ନିୟମ ଅନୁକରଣ କରିବାକୁ ପଡ଼ିଥାଏ । ଏଭଳି କ୍ଷେତ୍ରରେ ପ୍ରତିଦିନ ଶତାଧିକ ରୋଗୀଙ୍କୁ ଲୋକାଲ୍ ପରଚେଜ୍ ଔଷଧ ଯୋଗାଇବା କଷ୍ଟକର । ସରକାରୀ ମେଡ଼ିକାଲ୍‌ରେ ମାଗଣା ଚିକିତ୍ସା ସୁବିଧା ଥିଲେ ମଧ ଆବଶ୍ୟକ ଔଷଧ ମିଳୁନଥିବାରୁ ରୋଗୀ ଓ ସେମାନଙ୍କ ଆତ୍ମୀୟ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ଡ଼ାକ୍ତରଖାନା ପ୍ରଶାସନ କିମ୍ବା ସମ୍ପୃକ୍ତ ବିଭାଗ ପକ୍ଷରୁ କୌଣସି ପ୍ରଭାବଶାଳୀ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ହୋଇଛି । ଏହି ପରିସ୍ଥିତିରେ ତୁରନ୍ତ ପେନ୍ କିଲର୍ ଇଞ୍ଜେକ୍‌ସନ୍ ଯୋଗାଣ ସୁନିଶ୍ଚିତ କରି ରୋଗୀଙ୍କୁ ଉପଯୁକ୍ତ ସୁବିଧା ଯୋଗାଇବାକୁ ସାଧାରଣରେ ତଥା ରୋଗୀଙ୍କ ପରିବାର ପକ୍ଷରୁ ଦାବି ହୋଇଛି । ଅନ୍ୟପକ୍ଷରେ ଇଞ୍ଜେକ୍‌ସନ୍‌ର ଲୋକାଲ୍ ପରଚେଜ୍ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ଖୁବ୍‌ଶୀଘ୍ର ରୋଗୀଙ୍କୁ ପେନ୍ କିଲର୍ ଇଞ୍ଜେକ୍‌ସନ୍ ଯୋଗାଇ ଦିଆଯିବ ବୋଲି ଏମ୍‌କେସିଜି ମେଡ଼ିକାଲ୍ ଅଧିକ୍ଷକ ପ୍ରଫେସର ଡ଼ା. ଦୁର୍ଗା ମାଧବ ଶତପଥୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

# ଜନଗଣନା ନିମନ୍ତେ କ୍ଷେତ୍ର ପ୍ରଶିକ୍ଷକମାନଙ୍କ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ

**କଟକ, ନ୍ୟୁଜ୍ ବ୍ୟୁରୋ**

ଜନଗଣନାକୁ ସ୍ୱଚ୍ଛତା ଅବଲମ୍ବନ ପୂର୍ବକ ନିର୍ଭୁଲ୍ ଭାବେ ସମ୍ପନ୍ନ କରିବା ଲକ୍ଷ୍ୟ ନେଇ ଜିଲ୍ଲା ପ୍ରଶାସନ ତରଫରୁ କ୍ଷେତ୍ର ପ୍ରଶିକ୍ଷକମାନଙ୍କ ପାଇଁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଛି । ୯ ମାର୍ଚ୍ଚ ରୁ ୧୬ ମାର୍ଚ୍ଚ ପର୍ଯ୍ୟନ୍ତ ଦୁଇଟି ବ୍ୟାଚ୍‌ରେ ଆୟୋଜିତ ହେବାକୁ ଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କଟକ ଜିଲ୍ଲାପାଳ ତଥା ଜିଲ୍ଲା ପ୍ରମୁଖ ଜନଗଣନା ଅଧିକାରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ତାଙ୍କ ନିର୍ଦ୍ଦେଶାନୁସାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ କମଲଜିତ ଦାସଙ୍କ ସହ ପରିଚାଳନା ଓ ପ୍ରଶାସନିକ ତଦାରଖ ପୂର୍ବକ କରାଯାଉଛି । ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରଥମ ଦିନରେ ଜନଗଣନା ସମ୍ପର୍କିତ ବିଭିନ୍ନ ଆଇନ୍‌ଗତ ଦିଗ, ଏନୁମେରେଟର ଓ ସୁପରଭାଇଜର ମାନଙ୍କୁ ପ୍ରଶିକ୍ଷଣ ଦେବାର ପଦ୍ଧତି ସହିତ ଅନ୍ୟାନ୍ୟ ବିଭିନ୍ନ ଆବଶ୍ୟକୀୟ ଦିଗ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା । ଆସନ୍ତା ଏପ୍ରିଲ୍ ୧ରୁ ଏପ୍ରିଲ୍ ୭ ପର୍ଯ୍ୟନ୍ତ ଜିଲ୍ଲାର ଏନ୍ୟୁମେରେଟର ଓ ସୁପରଭାଇଜର ମାନଙ୍କୁ ପ୍ରଶିକ୍ଷଣ ଦିଆଯିବ । ପରବର୍ତ୍ତୀ ପର୍ଯ୍ୟାୟରେ ୭ ଏପ୍ରିଲ୍‌ରୁ ୧୫ ଏପ୍ରିଲ୍ ପର୍ଯ୍ୟନ୍ତ ଏନ୍ୟୁମେରେଟର ଓ ସୁପରଭାଇଜର ମାନଙ୍କ ପାଇଁ ଏକ ପ୍ରାକ୍ଟିସ୍ ୱିଣ୍ଡୋ ଖୋଲାଯିବ । ଯାହାଦ୍ୱାରା ପ୍ରଶିକ୍ଷଣରେ ଶିଖିଥିବା ପ୍ରକ୍ରିୟାକୁ ସେମାନେ ପ୍ରାୟୋଗିକ ଭାବେ ଅଭ୍ୟାସ କରିପାରିବେ । ଏହି ଜରିଆରେ ଅଧିକାରୀମାନେ କ୍ଷେତ୍ରସ୍ତରରେ ତଥ୍ୟ ସଂଗ୍ରହ କରିବାବେଳେ ଜନଗଣନାରେ ନିୟୋଜିତ ଏନ୍ୟୁମେରେଟେର ମାନଙ୍କ ଭୂମିକା ଓ ଦାୟିତ୍ୱ ସମ୍ପାଦନ କରିବା ସହ ତଥ୍ୟ ସଂଗ୍ରହ ପ୍ରକ୍ରିୟାରେ ସକ୍ରିୟତା ଅବଲମ୍ବନ କରିପାରିବେ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦାସ ସୂଚନା ଦେଇଛନ୍ତି। ଜନଗଣନା କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ନିୟୋଜିତ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ସତର୍କତା, ଦାୟିତ୍ୱବୋଧ ଓ ସମୟାନୁବର୍ତ୍ତୀତା ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରଥମଥର ପାଇଁ ଏହି ଜନଗଣନା ସମ୍ପୂର୍ଣ୍ଣଭାବେ ଡିଜିଟିକରଣ ମାଧ୍ୟମରେ କରାଯାଉଛି ବୋଲି ସୂଚନା ଦେଇ ଉଭୟ ସହକାରୀ ନିର୍ଦ୍ଦେଶକ (ରାଜ୍ୟ ଜନଗଣନା ପରିଚାଳନା କେନ୍ଦ୍ର) ମିଳିତା ଦତ୍ତ ଓ ଡେପୁଟି କଲେକ୍ଟର, (ଜନଗଣନା) ନୁରି ପରଭିନ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଅନୁଷ୍ଠିତ ହେବାକୁଥିବା ୨୦୨୭ ଷୋଡଶ ଜନଗଣନା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କ୍ଷେତ୍ରସ୍ତରୀୟ ଅଧିକାରୀ ଭାବେ ପ୍ରଶାସନିକ ଅଧିକାରୀ, ଡେପୁଟୀ କଲେକ୍ଟର, ସହକାରୀ ଜିଲ୍ଲାପାଳ, ଅତିରିକ୍ତ ତହସିଲଦାର, ଅଧ୍ୟାପକ ପ୍ରଶିକ୍ଷଣ ଗ୍ରହଣ କରିବେ । ଜନଗଣନା କାର୍ଯ୍ୟକ୍ରମ ଦେଶର ସାମାଜିକ ଓ ଆର୍ଥିକ ପରିକଳ୍ପନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ତେଣୁ ଏହାକୁ ସଠିକ୍ ଓ ସ୍ୱଚ୍ଛ ଭାବେ ସମ୍ପନ୍ନ କରିବାକୁ ସମସ୍ତ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଯଥୋଚିତ ପ୍ରଶିକ୍ଷଣ ଦେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି ।

# ଆଜିର ଭଲମନ୍ଦ




**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com


**ଉଦୟକାଳୀନ ଗ୍ରହଚକ୍ର**


| | | |
|---|---|---|
| ୪ ୫ବୃ | ୩ | ୨ଶୁ ୧ଚନ୍ଦ୍ରମଙ୍ଗଳ |
| ୬ | ୧୮ / ୮ | ୧୨ |
| ୭କେ ୮ | ୯ | ୧୧ ୧୦ର |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୧୧।୦୩।୨୦୨୬, ଫାଲ୍‌ଗୁନ ଦି୨୭ନ, ବୁଧବାର**
**ସୂର୍ଯ୍ୟୋଦୟ- ଘ ୫।୫୯।୩୮ ଚନ୍ଦ୍ରୋଦୟ- ରାଘ ୧୨।୫୬।୦୯**
**ଅଷ୍ଟମୀ-** ରାଘ ୪।୨୦ ପର୍ଯ୍ୟନ୍ତ, ଜ୍ୟେଷ୍ଠା ନକ୍ଷତ୍ର ରାଘ ୯।୫୮ ପର୍ଯ୍ୟନ୍ତ। **ବିଛା ଚନ୍ଦ୍ର-** ରାଘ ୯।୫୮ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର । ରାଘ ୯।୫୮ ଗତେ ମିଥୁନ, କର୍କଟ, କନ୍ୟା, ଧନୁ, ମକର, ମୀନ ରାଶିର। **ଘାତ ଚନ୍ଦ୍ର-** ରାଘ ୯।୫୮ ଗତେ ତୁଳା ଓ କୁମ୍ଭ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ, ଆମିଷ ରାଘ ୪।୨୦ ଗତେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୦୪ ଗତେ ଦିଘ ୭।୩୮ ମଧ୍ୟେ । ଦିଘ ୧।୫୭ ଗତେ ଦିଘ ୫।୦୬ ମଧ୍ୟେ। **ପର୍ବୋତ୍ସବ-** କାଳୀଷ୍ଟମୀ, ଧୂମପାନ ନିଷେଧ ଦିବସ, ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ।


**ମେଷ:** ଶାରୀରିକ ପୀଡ଼ା ଅନୁଭବ କରିବେ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବେ। ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିବେ। ବ୍ୟୟର ମାତ୍ରା ଅଧିକ ହେବ। ଗୃହରେ ଅଶାନ୍ତି ଦେଖାଦେବ ।


**ବୃଷ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଦେହ ଓ ମନ ଭଲ ରହିବ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ସୁଖ ସନ୍ତୋଷ ଲାଭ ହେବ। ଶୁଭ କାର୍ଯ୍ୟରେ ଯୋଗଦାନ କରିବେ ।


**ମିଥୁନ:** ମନ ସର୍ବଦା ଚଳଚଞ୍ଚଳ ରହିବ। ଆଜିର ଯାତ୍ରାରେ ଲକ୍ଷ୍ୟ ହାସଲ ହେବ। ପାରିବାରିକ ଅବୁଝାମଣା ଦେଖାଦେବ। ଶତ୍ରୁମାନେ ପରାଜିତ ହେବେ। ରୋଜଗାର ମଧ୍ୟମ ଧରଣର ହେବ ।


**କର୍କଟ:** କର୍ମକ୍ଷେତ୍ରରେ ମାନହାନିର ସୂଚନା। ମନ ଚଞ୍ଚଳ ଯୋଗୁ କୌଣସି କାମରେ ସ୍ଥିରତା ଆସିବନାହିଁ। କଚେରି ମାମଲାର ସ୍ଥିତି ଅନୁକୂଳ ହେବ। ରୋଜଗାରରେ ଉନ୍ନତି ହେବ। ଶରୀର ସୁସ୍ଥ ରହିବ ।


**ସିଂହ:** ହଠାତ୍ କେତେକ ସମସ୍ୟା ଦେଖାଦେଇପାରେ। ଆପଣଙ୍କ ନିକଟରେ ଶାନ୍ତି ବଜାୟ ରହିବ। ଆୟର ପରିମାଣ ସ୍ଥିର ରହିବ। ବ୍ୟସ୍ତତା ଲାଗି ରହିବାର ସମ୍ଭାବନା। ଦେହ ଓ ମନ ଭଲ ରହିବ ।


**କନ୍ୟା:** କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନର ଅଧିକାରୀ ହେବେ। ସତ୍ କର୍ମରେ ଲିପ୍ତ ରହିବେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ। ପରିଶ୍ରମ ତୁଳନାରେ ପାରିଶ୍ରମିକ ହେବନାହିଁ। ଗୃହେ ଶାନ୍ତି ଲାଭ ହେବ ।


**ତୁଳା:** କର୍ମକ୍ଷେତ୍ର ପାଇଁ ମନରେ ନୂତନ ଆଶାର ସଞ୍ଚାର ଆସିବ। ବିଭିନ୍ନ କ୍ଷେତ୍ରରେ ବିଜୟୀ ହେବେ। ଲୋଭରେ ପଡ଼ିବେ। ଆୟରେ ଉନ୍ନତି ହେବ। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।


**ବିଛା:** କାର୍ଯ୍ୟକ୍ଷେତ୍ରରେ ସମ୍ମାନିତ ହେବେ। ଦେହ ଭଲ ରହିବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ରୋଜଗାର ମଧ୍ୟମ ଧରଣର ହେବ। ଗୃହରେ ଜଞ୍ଜାଳ ବଢ଼ିବାର ସୂଚନା ମଧ୍ୟ ରହିଛି ।


**ଧନୁ:** ବ୍ୟବସାୟରେ ଲାଭବାନ୍ ହେବେ। ଆୟ ଓ ବ୍ୟୟ ସମାନ ରହିବ। ଘରେ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା। ମହିଳାମାନେ ସୁଖୀ ହେବେ। ପିଲାମାନେ ପଢ଼ାପଢ଼ିରେ ଆଗେଇବେ।


**ମକର:** କର୍ମକ୍ଷେତ୍ରରେ ପଥରୋଧର ସମ୍ମୁଖୀନ ହେବେ। ଦୁଃସାହସିକ କାର୍ଯ୍ୟ କରିବେ। ବନ୍ଧୁମାନେ ଦୂରେଇ ଯିବେ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ଗୃହରେ ଆନନ୍ଦ ବଜାୟ ରହିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ ।


**କୁମ୍ଭ:** କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ଶୁଭ ଖବର ପ୍ରାପ୍ତ ହେବ। ସମସ୍ତ କ୍ଷେତ୍ରରେ ବିଜୟୀ ହେବେ। ପାରିବାରିକ ସୁଖ ସମ୍ମାନ ଲାଭ କରିବେ। ରୋଜଗାର ବୃଦ୍ଧି ହେବାର ସୂଚନା । ଶରୀର ସୁସ୍ଥ ରହିବ ।


**ମୀନ:** ଚାକିରୀ କ୍ଷେତ୍ରରେ କାର୍ଯ୍ୟ ସଫଳ ହେବ। ଦେହ ସୁସ୍ଥ ରହିବ। ବନ୍ଧୁ ସହଯୋଗ ପ୍ରାପ୍ତ ହେବ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବାର ସୂଚନା ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୧୨।୦୩।୨୦୨୬, ଫାଲ୍‌ଗୁନ ଦି୨୮ନ, ଗୁରୁବାର**
**ସୂର୍ଯ୍ୟୋଦୟ- ଘ ୫।୫୯।୪୯ ଚନ୍ଦ୍ରୋଦୟ- ରାଘ ୧।୪୭।୨୮**
**ନବମୀ-** ଅହୋରାତ୍ର। ମୂଳା ନକ୍ଷତ୍ର ରାଘ ୧୨।୪୫ ପର୍ଯ୍ୟନ୍ତ। **ଧନୁ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର, ମୀନ ରାଶିର। **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୦୨ ଗତେ ଦିଘ ୭।୩୮ ମଧ୍ୟେ । ଦିଘ ୧୦।୪୭ ଗତେ ଦିଘ ୧।୦୯ ମଧ୍ୟେ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଭୟଭୀତ ଅବସ୍ଥାରେ ନିବେଶକ

ମଧ୍ୟପ୍ରାଚ୍ୟରେ ଯୁଦ୍ଧର ତାଣ୍ଡବ । ଏଭଳି ସ୍ଥିତିରେ ରୁନ୍ଧି ହୋଇଗଲାଣି ଭାରତୀୟ ବଜାର । ତୈଳ, ଟଙ୍କା ଏବଂ ପୁଞ୍ଜି ବଜାରରେ ଦେଖାଦେଇଛି ଅସ୍ଥିରତା । ଭୟଭୀତ ଅବସ୍ଥାରେ ନିବେଶକ । ଯୁଦ୍ଧ ଆରମ୍ଭ ହେବାଠାରୁ ବର୍ତ୍ତମାନ ମଧ୍ୟରେ ୨୨ ଲକ୍ଷ କୋଟି ଟଙ୍କାରୁ ଅଧିକ ହରାଇ ବସିଲେଣି ଦେଶର ଇକ୍ୱିଟି ବଜାର ନିବେଶକ । ଅଶୋଧିତ ତୈଳ ବଜାରରେ ଲାଗିଥିବା ନିଆଁ ଯୋଗୁ ବ୍ୟାରେଲ ପିଛା ବ୍ରେଣ୍ଟ କ୍ରୁଡ୍ ଦର ୧୦୦ ଡଲାର ପାର କରିଗଲାଣି । ଏହା ଅର୍ଥବ୍ୟବସ୍ଥା ପାଇଁ ସୃଷ୍ଟି କରିଛି ଆଶଙ୍କାର ମାହୋଲ । ଅନ୍ୟପଟେ ଡଲାର ତୁଳନାରେ ଦୁର୍ବଳ ହୋଇଚାଲିଛି ଟଙ୍କା । ୧ ଡଲାର ଏବେ ୯୨.୩୩ ଟଙ୍କା ସମତୁଲ୍ୟ । ସେହିଭଳି ଏଲ୍‌ପିଜି ଗ୍ୟାସ ଅଭାବଜନିତ ସ୍ଥିତି ମଧ୍ୟ ଉପୁଜିଛି । ଜଳୁଛି ବିଶ୍ୱ ତୈଳ ବଜାର । ମଧ୍ୟପ୍ରାଚ୍ୟରେ ୩୦ରୁ ଊର୍ଦ୍ଧ୍ୱ ତୈଳ ଡିପୋରେ ହମ୍ଲା ହେବା ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ସାଢ଼େ ୩ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ସୋମବାର କାରବାରରେ ଏହା ୨୫% ବୃଦ୍ଧି ପାଇ ବ୍ୟାରେଲ ପିଛା ୧୧୫ ଡଲାରରେ ପହଞ୍ଚିଯାଇଥିଲା । ପରେ ଏଥିରେ ସାମାନ୍ୟ ହ୍ରାସ ଘଟିଥିଲା ଓ ଏବେ ଏହା ପ୍ରାୟ ୧୦୫ ଡଲାରରେ ଅଛି । ୧୦ ଦିନରେ ଅଶୋଧିତ ତୈଳ ଦର ୫୦% ମହଙ୍ଗା ହୋଇଛି । ଏହାପୂର୍ବରୁ ୨୦୨୨ରେ ରୁଷ-ୟୁକ୍ରେନ ଯୁଦ୍ଧ ସମୟରେ ଏହା ୧୦୦ ଡଲାର ପାର୍ କରିଯାଇଥିଲା । ବିଶେଷଜ୍ଞଙ୍କ କହିବାନୁସାରେ, ବ୍ୟାରେଲ ପିଛା ତୈଳ ଦର ୧୫୦ ଡଲାର ପର୍ଯ୍ୟନ୍ତ ଯାଇପାରେ । ଏହାର ପ୍ରଭାବ ଭାରତରେ ପେଟ୍ରୋଲ ଏବଂ ଡିଜେଲ ଦର ଉପରେ ପଡ଼ିପାରେ । ଲିଟର ପିଛା ଇନ୍ଧନ ଦର ୫ରୁ୬ ଟଙ୍କା ବଢ଼ିପାରେ । ତେବେ ଭାରତ ସରକାରଙ୍କ କହିବାନୁସାରେ, ଦେଶରେ ପର୍ଯ୍ୟାପ୍ତ ତେଲ ଅଛି । ବର୍ତ୍ତମାନ ପାଇଁ ପେଟ୍ରୋଲ ଏବଂ ଡିଜେଲ ଦର ବଢ଼ିବ ନାହିଁ । କିନ୍ତୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ୧୩୦ ଡଲାର ଛୁଇଁଲେ ଦର ବୃଦ୍ଧି ଉପରେ ବିଚାର ହୋଇପାରେ । ସେହିଭଳି ଟଙ୍କା ମଧ୍ୟ ଦୁର୍ବଳ ହୋଇଚାଲିଛି । ଆମେରିକୀୟ ଡଲାର ତୁଳନାରେ ଏହା ଆଜି ୪୬ ପଇସା ହ୍ରାସ ପାଇ ୯୨.୩୩ ଟଙ୍କା ସ୍ତରରେ ପହଞ୍ଚିଛି । ବଜାରରେ ଏକ ପ୍ରକାର ଭୟର ବାତାବରଣ । ଲୋକେ ଆତଙ୍କିତ ଅବସ୍ଥାରେ । ବଜାରରୁ ଅଧିକ ସିଲିଣ୍ଡର ଉଠାଇ ଦେବାକୁ ଏଜେନ୍ସିଗୁଡ଼ିକ ଆଗରେ ଭିଡ଼ ଦେଖିବାକୁ ମିଳୁଛି । ଜାତୀୟ ରାଜଧାନୀ ଦିଲ୍ଲୀରେ ଲୋକେ ସିଲିଣ୍ଡର ପିଛା ଘରୋଇ ଏଲ୍‌ପିଜିକୁ ୧୫୦୦ ଟଙ୍କା ପର୍ଯ୍ୟନ୍ତ ଦରରେ କିଣିବାକୁ ବି ପଛଘୁଞ୍ଚା ଦେଉନାହାନ୍ତି । ଏଭଳି ପରିସ୍ଥିତିରେ କଳାବଜାରୀକୁ ରୋକିବା ପାଇଁ ଉଦ୍ୟମ କରିଛନ୍ତି କେନ୍ଦ୍ର ସରକାର । ପୂର୍ବରୁ ଗୋଟିଏ ସିଲିଣ୍ଡର ବୁକ୍ କରିବାର ୨୧ ଦିନ ପରେ ଦ୍ୱିତୀୟ ସିଲିଣ୍ଡର ପାଇଁ ବୁକିଂ ହୋଇପାରୁଥିଲା । ଏବେ ଏହାକୁ ୨୫ ଦିନକୁ ବଢ଼ାଇ ଦେଇଛନ୍ତି ସରକାର । ସମସ୍ତଙ୍କୁ ସମାନ ପରିମାଣରେ ରନ୍ଧନ ଗ୍ୟାସ ଯୋଗାଇଦେବା ଏହାର ଉଦ୍ଦେଶ୍ୟ । ତେବେ ତୈଳ କମ୍ପାନିଗୁଡ଼ିକ ପାଖରେ ପର୍ଯ୍ୟାପ୍ତ ପରିମାଣରେ ଏଲ୍‌ପିଜି ମହଜୁଦ ଥିବା ସରକାର ସୂଚନା ଦେଇଛନ୍ତି । ସେହିଭଳି ଭାରତୀୟ ଇକ୍ୱିଟି ବଜାରରେ ଦେଖାଦେଇଛି ବଡ଼ ପତନ । ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ସେନସେକ୍ସ ୧୩୫୩ ପଏଣ୍ଟ ଖସି ୭୭,୫୬୬ ପଏଣ୍ଟରେ ବନ୍ଦ ହୋଇଛି । ନ୍ୟାସ୍ନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ) ନିଫ୍ଟି ୪୨୨ ପଏଣ୍ଟ ଖସି ୨୪,୦୨୮ ପଏଣ୍ଟରେ ବନ୍ଦ ହୋଇଛି । ବ୍ୟାଙ୍କ, ଅଟୋ, ଧାତବ ଏବଂ ଏଫ୍‌ଏମ୍‌ସିଜି ସେୟାର ମୂଲ୍ୟରେ ବୃହତ୍ ହ୍ରାସ ଘଟିଛି । ଯୁଦ୍ଧ ଯୋଗୁ ଆଶଙ୍କିତ ନିବେଶକ ଇକ୍ୱିଟି ବଜାରରୁ ଟଙ୍କା ଉଠାଇ ଅନ୍ୟତ୍ର ନିବେଶ କରିବାରେ ବ୍ୟସ୍ତ । ଫଳରେ ବଜାରରେ ଦେଖାଦେଇଛି ଝଡ଼ । ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଅର୍ଥାତ ଫେବ୍ରୁଆରୀ ୨୭ରେ ବିଏସ୍‌ଇରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମୋଟ ବଜାର ମୂଲ୍ୟ ୪୬୩ ଲକ୍ଷ କୋଟି ଟଙ୍କା ଥିଲା । ମାର୍ଚ୍ଚ ୯ ସୁଦ୍ଧା ଏହା ୪୪୧ ଲକ୍ଷ କୋଟି ଟଙ୍କାକୁ ଖସିଆସିଥିବା ଜଣାପଡ଼ିଛି ।

# ଶ୍ମଶାନର ସଙ୍କେତ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଶ୍ମଶାନ (ଶ୍ମନ୍=ଶବ-ଶାନ=ଶୟନ, ଶ୍ମଶାନଂ ଶ୍ମଶୟନମ୍) ଶବ୍ଦର ଅର୍ଥ ଶବର ଶୟନ ବା ଶବଦାହ ସ୍ଥାନକୁ କୁହାଯାଇଥାଏ । ଶ୍ମଶାନକୁ ମଶାଣି ମଧ୍ୟ କୁହାଯାଏ । ମଶାଣିକୁ ନେଇ ବହୁ ଲୋକଗୀତ ଓ ଲୋକକଥା ପ୍ରତି ଜନପଦରେ ପ୍ରଚଳିତ । ପ୍ରଚଳିତ ପଲ୍ଲିଗୀତ ମଧ୍ୟରେ "ବରଗଛ ତିଖରେ ବସି, ଦୁଇଗୋଡ଼ ମେଲି ଶିଶୁର ଏନ୍ତୁଡ଼ି ଜାଳି ସେକୁଥାଏ ଚିରୁଗୁଣୀ ବିକଟ ହସି" ଇତ୍ୟାଦି ବେଶ୍ ଲୋକପ୍ରିୟ । ଗ୍ରାମମାନଙ୍କରେ ଆଈ ମା' କାହାଣୀରେ ଥାଏ ମଶାଣିରେ ଡାହାଣୀ, ଚିରୁଗୁଣୀ, ଭୂତ, ଭୁତୁଣୀ, ଡାକିନୀ, ଯୋଗିନୀମାନଙ୍କର ରହିବାର ସ୍ଥାନ । ଗାଁର ବୁଢ଼ା, ବୁଢ଼ୀମାନଙ୍କ ଠାରୁ ଏପରି ଗପସବୁ ଶୁଣି ପିଲାଦିନେ ମନରେ ଭୟ ଆସିଯାଉଥିଲା । ଦୁଷ୍ଟାମି ନ କରି ଶୋଇ ପଡୁଥିଲୁ । ପୁଣି କୁହାଯାଏ ଶିବଙ୍କର ରହିବାର ସ୍ଥାନ ହେଉଛି ଶ୍ମଶାନ । ସେଥିପାଇଁ ସେହି ସ୍ଥାନ ଅତି ପବିତ୍ର ଭାବରେ ଗଣାଯାଏ । କାରଣ ଶିବ ହେଉଛନ୍ତି ପ୍ରେତପତି । ଆଈ ମା' କାହାଣୀର ଉପର୍ଯ୍ୟୁକ୍ତ ଶ୍ମଶାନ ବା ମଶାଣୀବାସୀମାନେ ଶିବ ଓ ଶିବାଙ୍କର ସହଚର ବା ସହଚରୀ ଭାବେ ପରିଗଣିତ । ସେ ଯାହାହେଲେ ମଧ୍ୟ ପ୍ରତି ଶ୍ମଶାନ ଥାଏ ସେହି ଗ୍ରାମର ଭୟଙ୍କର ତଥା ପବିତ୍ର ସ୍ଥାନ । ଶ୍ମଶାନରେ ମଳ, ମୂତ୍ର ତ୍ୟାଗ, ଧୂମପାନ ଇତ୍ୟାଦି ମନାଥାଏ । ବାଟରେ ଗଲାବେଳେ ଗ୍ରାମବାସୀମାନେ ଶ୍ମଶାନ ଦେଖିଲେ ପ୍ରଣାମ କରିଥାନ୍ତି । କାରଣ ସେଠାରେ ତାଙ୍କ ପୂର୍ବପୁରୁଷମାନଙ୍କର ଚିତା ଜଳିଯାଇଛି । ତାନ୍ତ୍ରିକମାନେ ମଧ୍ୟ ମଶାଣିକୁ ନେଇ ସେମାନଙ୍କର ତନ୍ତ୍ରସାଧନା କରିଥାନ୍ତି । ଶ୍ମଶାନକୁ ନେଇ ତନ୍ତ୍ର ସାଧନା କରିବାର ଗପ ମଧ୍ୟ ବେଶ୍ ପ୍ରଚଳିତ ।

ଗ୍ରାମ୍ୟ ଶ୍ମଶାନମାନଙ୍କରୁ ସେହି ଜନପଦବାସୀଙ୍କର ମୃତ୍ୟୁର ସଙ୍କେତ ମଧ୍ୟ ମିଳିଥାଏ । ଶ୍ମଶାନରୁ ରାତ୍ରୀରେ ଲୁହା ସହ ଲୁହାର ବାଡ଼େଇ ହେବା ଶବ୍ଦ, କୁକୁର ବା ଅଣ୍ଡିରା ବିଲୁଆମାନଙ୍କର କ୍ରନ୍ଦନ ଭଳି ସ୍ୱର, ସେଠାରେ ଥିବା ଗଛ ଭାଙ୍ଗି ପଡ଼ିବାର ଶବ୍ଦ ବା ଜୋର୍‌ରେ କେହି କୁନ୍ଥାଉଥିବା ଇତ୍ୟାଦିର ଶବ୍ଦ ଶୁଣାଗଲେ ସେହି ଗ୍ରାମର କେହିହେଲେ ଜଣେ ନିଶ୍ଚିତ ମରିଯିବାର ସଙ୍କେତ ମିଳିଥାଏ । ବର୍ତ୍ତମାନର ଶ୍ମଶାନ ଦିନଭଳି ବିଦ୍ୟୁତ ଆଲୋକରେ ଆଲୋକିତ । ବ୍ୟାପକ ଗଛ କଟା ଏବଂ ବିଲୁଆ ବଂଶ ନିପାତ ହେତୁ ଏହିସବୁ ଏବେ ଲୋକକଥାରେ ରହିଗଲାଣି । ମାତ୍ର ଶୁଣିଥିବା ଲୋକର ମନରୁ ତାହା କେବେହେଲେ ଲିଭିଯାଇ ନାହିଁ ।

ବହୁ କାବ୍ୟ, କବିତା, ଲୋକଗୀତ ଶ୍ମଶାନ ବା ମଶାଣି ଉପରେ ରଚିତ ହୋଇଛି । ପୁଣି ମନେ ପଡ଼ିଯାଏ ଆଈ ମା' କାହାଣୀର ଗପ । ସେଥିପାଇଁ କଥାରେ ଅଛି, "ନିଜ ଗାଁ ମଶାଣି- ପର ଗାଁ ପାଣି ।" ନିଜ ଗାଁ ମଶାଣିରେ ଯେପରି ଭୟ ଆସିଥାଏ ଅନ୍ୟ ଗାଁର ନଦୀ ବା ପୋଖରୀ ପାଣିର ଗଭୀରତାକୁ ସେପରି ସହଜରେ ଆକଳନ କରିହୁଏ ନାହିଁ । ମଶାଣିରେ ଅଙ୍ଗେ ନିଭାଇଥିବା କେତେକ ଯୁବକଙ୍କର ସ୍ମୃତିରୁ କିଛି ନିମ୍ନରେ ଗପ ଆକାରରେ ପ୍ରଦତ୍ତ ହୋଇଛି ।

୨୦୦୯ ମସିହାର ଘଟଣା । ବାଙ୍ଗାଲୋରରେ ଥିବା ଏକ ଇଞ୍ଜିନିୟରିଙ୍ଗ୍ ସଂସ୍ଥାର ସମ୍ମିଳନୀରେ ଯୋଗ ଦେବା ନିମନ୍ତେ ଅନ୍ୟମାନଙ୍କ ସହିତ ଇଂଜିନିୟର ମୋହନ ଭଟ୍ଟନଗର ସେଠାରେ ପହଞ୍ଚିଥିଲେ । ସେଠାରେ ସମୁଦାୟ କାର୍ଯ୍ୟକ୍ରମ ଥିଲା ପାଞ୍ଚଦିନ । ସମ୍ପୃକ୍ତ କମ୍ପାନୀର ଏକ ଗେଷ୍ଟହାଉସରେ ସେମାନେ ରହୁଥିଲେ । ଶ୍ରୀ ଭଟ୍ଟନଗରଙ୍କ କୋଠରିରେ ତାଙ୍କ ସହିତ ଅନ୍ୟ ତିନିଜଣ ସହକର୍ମୀ ମଧ୍ୟ ଥିଲେ ଯାହାଙ୍କର ନାମ ଥିଲା ଅଜୟ, ନବୀନ ଓ ଶୈଳେଶ । ଅନ୍ୟମାନଙ୍କ ସହ ସେମାନଙ୍କର ଯେ ବନ୍ଧୁତା ନଥିଲା ତାହା ନୁହେଁ । ଯେହେତୁ ଏହି ତିନି ଜଣ ଗୋଟିଏ କୋଠରିରେ ରହୁଥିଲେ ସେମାନଙ୍କ ମଧ୍ୟରେ ବନ୍ଧୁତା ହୋଇଯାଇଥିଲା ନିବିଡ଼ । ଅଜୟ ଥିଲା ଜଣେ ପଞ୍ଜାବୀ ଯୁବକ । ସବୁବେଳେ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ଥିଲା ତାହାର ପ୍ରକୃତି । ଶୈଳେଶର ଘର ଥିଲା ବମ୍ବେରେ । ସେ ମଧ୍ୟ ଥିଲା ତୀକ୍ଷ୍ଣ ବୁଦ୍ଧିସମ୍ପନ୍ନ ଯୁବକ । ନବୀନର ଘର ବାଙ୍ଗାଲୋରରେ ଓ ସେ ମଧ୍ୟ ସେହିପରି ଥିଲା ବୁଦ୍ଧିମାନ ।


ସେହି ଗେଷ୍ଟହାଉସ୍ ନିକଟରେ ଥିଲା ଗୋଟାଏ ଶ୍ମଶାନ । ସେହି ଶ୍ମଶାନଟିକୁ ଜଗୁଥିଲା ବାଙ୍ଗାଲୋର ମହାନଗର ନିଗମର ଜଣେ କର୍ମଚାରୀ । ଶ୍ମଶାନ ଆଡ଼କୁ ଯାଇଥିବା ରାସ୍ତାଟି ଥିଲା ନିର୍ଜନ । ରାତିରେ ସେହି ରାସ୍ତାରେ ଜଣେ ହେଲେ ଲୋକ ଯିବାର କେହି ଦେଖନ୍ତି ନାହିଁ । କମ୍ପାନୀର ଗେଷ୍ଟହାଉସ୍‌ରେ ଯେଉଁମାନେ ରୁହନ୍ତି ଶ୍ମଶାନ ଆଡ଼କୁ ରାତିରେ ନଯିବା ପାଇଁ ଜଗୁଆଳୀ ଜଣକ ସେମାନଙ୍କୁ ତାଗିଦ କରିଯାଇଥାଏ । ଗେଷ୍ଟହାଉସରେ କାମ କରୁଥିବା କର୍ମଚାରୀମାନେ ମଧ୍ୟ ତାହା କଥାକୁ ସର୍ବଦା ମାନିଥାନ୍ତି । ସେମାନେ ଆଗନ୍ତୁକ ଅତିଥିମାନଙ୍କୁ ମଧ୍ୟ ସେଥିପାଇଁ ସର୍ବଦା ସତର୍କ କରାଇଦେଇଥାନ୍ତି ।

ପାଞ୍ଚଦିନର ବୈଠକ ସରିଯିବା ପରେ ପ୍ରତ୍ୟେକ ନିଜ ନିଜର ଗନ୍ତବ୍ୟ ସ୍ଥଳକୁ ଫେରିଯିବାର ଥିଲା । ଯିବା ଦିନ ପୂର୍ବରାତ୍ରିରେ ନିଜର ବ୍ୟାଗ୍‌ମାନ ସେମାନେ ସଜାଡ଼ି ନେଲେ । ପାଞ୍ଚଦିନର ଏକାଠି ରହଣିର ମୁହୂର୍ତ୍ତଗୁଡ଼ିକର ସ୍ମୃତିଚାରଣ କରୁକରୁ ରାତି ଅଧିକ ହୋଇଗଲା । ପ୍ରସଙ୍ଗ କ୍ରମେ ନବୀନ ନିକଟସ୍ଥ ଶ୍ମଶାନ କଥା ଉଠାଇଲା ଓ ତାହା ଥିଲା ଶ୍ମଶାନର ରାତ୍ରିର ଭୟଙ୍କାରିତା । ମାତ୍ର ପଞ୍ଜାବୀ ଯୁବକ ଅଜୟ ସେପରି କଥାକୁ ଚ୍ୟାଲେଞ୍ଜ ଆକାରରେ ଗ୍ରହଣ କରିନେଲା ଓ ସେହି ରାତ୍ରିରେ ଶ୍ମଶାନ ଆଡ଼କୁ ଯିବାକୁ ନିଷ୍ପତ୍ତି ନେଇଥିଲା । ଶ୍ମଶାନ ଆଡ଼କୁ ଯାଉଥିବା ଅଜୟର ପଛେ ପଛେ ଅନ୍ୟ ଦୁଇଜଣ ବନ୍ଧୁ ମଧ୍ୟ ଶ୍ମଶାନ ଆଡ଼କୁ ଆଗେଇ ଚାଲିଲେ । କାରଣ ସେମାନଙ୍କ ମନରେ ଆଶଙ୍କା ଥିଲା ଯେପରି କୌଣସି ଅଘଟଣ ଘଟି ଅଜୟ ଅସୁବିଧାରେ ପଡିନଯାଉ ।

ଶ୍ମଶାନଠାରୁ ଗେଷ୍ଟହାଉସ୍‌ର ଦୂରତା ଥିଲା ପ୍ରାୟ ଏକ କିଲୋମିଟର । ସେତେବେଳେ ସମୟ ଥିଲା ପ୍ରାୟ ରାତ୍ରି ୧୨.୩୦ମିନିଟ୍ । ଶ୍ମଶାନଟି ଥିଲା ସମ୍ପୂର୍ଣ୍ଣ ପରିତ୍ୟକ୍ତ । ନିକଟସ୍ଥ ଗ୍ରାମର ଲୋକେ ପ୍ରାୟଶଃ ତାହାକୁ ବ୍ୟବହାର କରନ୍ତିନାହିଁ । ସେତେବେଳେ ଥିଲା ଶୀତଋତୁ । ରାତ୍ରୀ ବେଶୀ ହୋଇଥିବାରୁ ଶୀତର ପ୍ରକୋପ ମଧ୍ୟ ବଢ଼ି ଯାଇଥିଲା । ଶ୍ମଶାନର ଫାଟକ ପାଖରେ ପହଞ୍ଚିବା ପରେ ସେଠାରେ ଦେଖାହେଲେ ଜଣେ ବୃଦ୍ଧ । ଯିଏ କି ସେଠାର ସିକ୍ୟୁରିଟିଗାର୍ଡ଼ ଭାବରେ ନିଜର ପରିଚୟ ଦେଇଥିଲେ । ତାଙ୍କୁ 'ଆବୁ ଚାଚା' ନାମରେ ଲୋକେ ଜାଣନ୍ତି ବୋଲି ସେ କହିଲେ । ଏତେ ରାତିରେ ଶ୍ମଶାନକୁ ଆସିବାର ଉଦ୍ଦେଶ୍ୟ କ'ଣ ବୋଲି ଆବୁ ଚାଚା ପଚାରୁ ପଚାରୁ ଅଜୟ ଫାଟକ ଟପି ଭିତରକୁ ପଶିଗଲା । ଅଜୟ ପଶିଗଲା ପରେ ଅନ୍ୟ ଦୁଇଜଣ ମଧ୍ୟ ତା' ପଛରେ ଶ୍ମଶାନ ମଧ୍ୟକୁ ଚାଲିଗଲେ । ମାତ୍ର ବୁଢ଼ା ଲୋକଟି ସେମାନଙ୍କୁ ଭିତରକୁ ନ ଯିବା ପାଇଁ ପଛରୁ ଡାକ ପକାଉଥିଲା । ଶ୍ମଶାନ ମଧ୍ୟରେ ସିମେଣ୍ଟ ରାସ୍ତାର ଦୁଇ ପାର୍ଶ୍ୱରେ ରହିଛି ସମାଧିମାନ । କେତେଗୁଡ଼ିଏ ବୁଲା କୁକୁରଙ୍କ ଛଡ଼ା ସେଠାରେ ଆଉ କେହି ନଥିଲେ । ଶବ ନେଇ ଆସୁଥିବା ଲୋକମାନଙ୍କ ନିମନ୍ତେ ବସିବା ପାଇଁ ଥିଲା ଗୋଟିଏ ସିମେଣ୍ଟ ବେଞ୍ଚ । ସେହି ବେଞ୍ଚ୍‌ରେ ଅଜୟ କିଛି ସମୟ ବସିପଡ଼ିଲା । ଏତେ ରାତିରେ ସେଠାରେ ତାକୁ ବଡ଼ ଅଶ୍ୱସ୍ତି ଲାଗୁଥିଲା । ଅଜୟ ନିଜ ପକେଟରେ ହାତ ପୂରାଇ ସିଗାରେଟ ଖଣ୍ଡେ ବାହାର କରି ସେଥିରେ ନିଆଁ ଧରାଇ ତାକୁ ଟାଣିଲା । ଅନ୍ୟମାନେ ତାକୁ ସେଥିରୁ ନିବୃତ ହେବାକୁ ଯେତେ କହିଲେ ମଧ୍ୟ ସେ ଶୁଣିନଥିଲା । ଶ୍ମଶାନ ଏକ ପବିତ୍ର ସ୍ଥାନ । ତେଣୁ ସେଠାରେ ସିଗାରେଟ୍ ଖାଇବା ପ୍ରାୟଶଃ ମନାଥାଏ । ସିଗାରେଟ୍ ଟାଣିସାରିବା ପରେ ଅଜୟକୁ ପରିସ୍ରା ମାଡ଼ିଲା ଓ ସେ ବାହାରକୁ ନଯାଇ ପାଖରେ ଥିବା ବୁଦାଳିଆ ଗଛ ଆଡ଼କୁ ପରିସ୍ରା ପାଇଁ ଚାଲିଗଲା । ତାହା ସଙ୍ଗେ ଯାଇଥିବା ଅନ୍ୟମାନେ ଶ୍ମଶାନ ମଧ୍ୟରେ ପରିସ୍ରା ନ କରିବା ପାଇଁ ତାକୁ ଯେତେ ଅନୁରୋଧ କଲେ ମଧ୍ୟ ସେ ତାହା ଶୁଣିଲା ନାହିଁ । ସେତେବେଳେ ଅନ୍ୟ ଦୁଇଜଣ ଅନୁଭବ କଲେ ଯେ ସେମାନଙ୍କର ତଣ୍ଟିକୁ କିଏ ଚିପି ଧରିଛି । ବସିଥିବା ସିମେଣ୍ଟ ବେଞ୍ଚ ଉପରୁ ସେମାନେ ଖସି ତଳେ ପଡ଼ିଗଲେ । ମାତ୍ର ଦେଖିଲେ ଯେ ଖସିପଡ଼ିଲା ପରେ ଗୋଟିଏ ଛାୟାମୂର୍ତ୍ତି ସେମାନଙ୍କଠାରୁ ଦୂରେଇ ଯାଉଛି ଓ କିଛି ବାଟ ଯିବା ପରେ ସେମାନଙ୍କ ଆଡ଼କୁ କଟମଟ କରି ସେ ଚାହିଁଥିବା ଦେଖାଗଲା । ମାତ୍ର ପର ମୁହୂର୍ତ୍ତରେ ସେହି ଛାୟା ଅଦୃଶ୍ୟ ହୋଇଯାଇଥିଲା । ଅନ୍ୟ ଦୁଇଜଣ ବନ୍ଧୁ ଏଥିରେ ଏତେ ଡରି ଯାଇଥିଲେ ଯେ ସେମାନଙ୍କର ଭାବନା କ୍ରମଶଃ ଲୋପ ପାଇଯାଉଥିଲା । ସେତେବେଳ ପର୍ଯ୍ୟନ୍ତ ଅଜୟ ଫେରି ନଥାଏ । ସେମାନେ ଯେତେ ପାଟି କରି ତାକୁ ଡାକିଲେ ମଧ୍ୟ ସେ ଉତ୍ତର ଦେଉନଥିଲା । ବହୁ କଷ୍ଟରେ ତଳୁ ଉଠି ଅଜୟ ଯାଇଥିବା ବୁଦା ଆଡ଼କୁ ସେମାନେ ପାଦ ପକାଇଲେ । ସେଠାରେ ସେମାନେ ଦେଖିଲେ ଯେ ଅଜୟ ଅଚେତ ହୋଇ ମାଟିରେ ପଡ଼ିଛି । ଆଗ ପଛ ନ ବିଚାରି ଦୁହେଁ ତାକୁ ଖୁବ୍ ଜୋର୍‌ରେ ହଲାଇଲେ ଓ କ୍ରମଶଃ ତାହାର ଚେତା ଫେରି ଆସିଥିଲା । ସମ୍ପୂର୍ଣ୍ଣ ଚେତା ଫେରିଆସିବା ପରେ ତାହାଠାରୁ ଉତ୍ତର ମିଳିଲା ଯେ ସେ ପରିସ୍ରା କରିବାବେଳେ ତାହା ପଛପଟେ କେହି ଜଣେ ଆସି ଠିଆ ହୋଇଯାଇଥିଲା । କ୍ରମଶଃ ସେ ଅଣନିଶ୍ୱାସୀ ହେବା ଅନୁଭବ କରିଥିଲା । ପଛଆଡ଼େ ଠିଆ ହୋଇଥିବା ବ୍ୟକ୍ତିଠାରୁ ଏକ ଶକ୍ତ ଚାପୁଡ଼ା ଖାଇ ସେ ବେହୋସ ହୋଇପଡ଼ିଥିଲା । ପରେ ଦେଖାଗଲା ଯେ ତାହା ପିଠିରେ ରହିଥିଲା ପାଞ୍ଚ ଆଙ୍ଗୁଳିର ନୋଳା ଚିହ୍ନ । ଏହାପରେ ସେମାନେ ଆଉ ମୁହୂର୍ତ୍ତେ ସେଠାରେ ଅପେକ୍ଷା ନକରି ଶ୍ମଶାନ ଭିତରୁ ବାହାର ଆଡ଼କୁ ଆଗେଇବା ସମୟରେ ହଠାତ୍ ଜଣେ ଯୁବକ ସେମାନଙ୍କ ବାଟ ଓଗାଳି ଶ୍ମଶାନ ଭିତରେ ଏତେ ରାତିରେ କ'ଣ କରୁଥିଲ ବୋଲି ପଚାରିଲା । ଶ୍ମଶାନ ଭିତରକୁ ଆସିବା ପାଇଁ ଆବୁ ଚାଚାଙ୍କର ଅନୁମତି ସେମାନେ ନେଇଛନ୍ତି ବୋଲି ଜଣାଇଲେ । ମାତ୍ର ଯୁବକ ଜଣଙ୍କ ଆଶ୍ଚର୍ଯ୍ୟ ହୋଇ କହିଲା ଶ୍ମଶାନ ଫାଟକରେ ସେ ଗତ ୫ବର୍ଷ ହେଲା ଚୌକିଦାର ଭାବେ ରହିଆସିଛି ଓ ତା' ବ୍ୟତୀତ ଆବୁ ଚାଚା ନାମରେ ସେଠାରେ କୌଣସି ବ୍ୟକ୍ତି ନାହାନ୍ତି । ମାତ୍ର ସେ ଶୁଣେ ଯେ ଆବୁ ଚାଚା ନାମରେ ଜଣେ ବୁଢ଼ା ଲୋକ ରାତ୍ରିରେ ଲୋକମାନଙ୍କୁ ଦେଖାଦିଏ । ଏହି ସମୟରେ ଅଜୟ ହଠାତ୍ ପୁଣି ବେହୋସ ହୋଇ ସେଠାରେ ପଡ଼ିଗଲା ଓ ତାକୁ ସେମାନେ ସେହି ଯୁବକର ଗାର୍ଡ଼ରୁମ୍‌କୁ ଟେକି କରି ନେଇଗଲେ । ଫୋନ୍ ମାଧ୍ୟମରେ ଗେଷ୍ଟହାଉସ୍‌ର ଅନ୍ୟ ସହକର୍ମୀମାନଙ୍କୁ ଡକାଗଲା । ସେତେବେଳକୁ ଅଜୟର ଜ୍ୱର ଆସିଯାଇଥିଲା । ସହକର୍ମୀମାନେ ଗାର୍ଡ଼ରୁମରୁ ତାକୁ ଗେଷ୍ଟହାଉସ୍‌କୁ ନେଇଗଲେ । ତାହାପରେ ଅଜୟକୁ ସେଠାରେ ଦୁଇଦିନ ରହିବାକୁ ପଡ଼ିଲା । ଏହାର କିଛିଦିନ ପରେ ଅଜୟର ଯଥେଷ୍ଟ ପରିବର୍ତ୍ତନ ଦେଖା ଯାଇଥିଲା । ଚ୍ୟାଲେଞ୍ଜ ଗ୍ରହଣ କରୁଥିବା ସେହି ଅଜୟ ହାତରେ ବାନ୍ଧିଥିଲା ଏକ ତାବିଜ୍ ।

ଏହି ଗପଟି କେତେଦୂର ସତ ତାହା କେବଳ ଅନୁଭବୀ ହିଁ ଜାଣିଛି । ମାତ୍ର ସାଧାରଣ ଲୋକେ ଏପରି କଥାସବୁକୁ ଆଦୌ ବିଶ୍ୱାସ କରିନପାରନ୍ତି । ତେବେ ପ୍ରେତ ଜଗତ ଥିବାର ସତ୍ୟତାକୁ ଅସ୍ୱୀକାର କରିହେବନାହିଁ । ସେହି ଜଗତ ସମ୍ପର୍କରେ ଜାଣିବାକୁ କେହି ବି ଇଚ୍ଛା କରିନଥାନ୍ତି । ଇଚ୍ଛା କଲେ ମଧ୍ୟ ଭୟରେ ସେ ସବୁକୁ ଏଡ଼ାଇ ଦେଇଥାନ୍ତି । ବିଶ୍ୱନିୟନ୍ତାଙ୍କ ସୃଷ୍ଟିର ରହସ୍ୟକୁ ଜାଣିବା ଏତେ ସହଜ କଥା ନୁହେଁ । କେବଳ ନତ ମସ୍ତକ କରି କହି ହୁଏ ସମସ୍ତ ସୃଷ୍ଟି କାରଣର ସେ ହିଁ କାରଣ ।

# ସମାଜବାଦ: ଯିଏ ଯେମିତି ଆପଣେଇଲା



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ:
୯୪୩୮୪୮୫୦୯୪

ଦେଶରେ ଗାନ୍ଧୀଙ୍କୁ ନେଇ ଅନେକ ଚର୍ଚ୍ଚା ଚାଲିଛି । ସେହିପରି ସମାଜବାଦ ପ୍ରସଙ୍ଗରେ ମଧ୍ୟ ମତ ଭିନ୍ନଭିନ୍ନ ରହିଛି । ଗାନ୍ଧୀ ଏବଂ ସମାଜବାଦ ଏମିତି ଦୁଇଟି ପ୍ରସଙ୍ଗ ଯାହାକୁ ସବୁ ରାଜନୈତିକ ଦଳ କାମରେ ନ ହେଲେବି କଥାରେ କଥାରେ ଆପଣେଇଥାନ୍ତି । କିନ୍ତୁ ବାସ୍ତବିକତା ଏମିତି ଯେମିତି ଗାନ୍ଧୀଙ୍କ ଚିତ୍ର ଥିବା ନୋଟ (ଟଙ୍କା)ର ଶକ୍ତି ସବୁଠାରୁ ଅଧିକ ବା ଏଥିରେ ସବୁକାମ ହୋଇଥାଏ ଠିକ୍ ସେମିତି ସମାଜବାଦ ନାମରେ ରାଜନୀତି ଚାଲେ।ଗାନ୍ଧୀ ଓ ତାଙ୍କ ବିଚାରଧାରାକୁ ମାନନ୍ତୁ ବା ନମାନନ୍ତୁ ରାଜନୈତିକ ଦଳମାନେ ଗାନ୍ଧୀ ମୂର୍ତ୍ତିକୁ ରଖିବାକୁ ବାଧ୍ୟ । ସମାଜବାଦର ଅବସ୍ଥା ମଧ୍ୟ ଠିକ୍ ଏହିଭଳି । ଗୀତା ଛୁଇଁ ଶପଥ କରି ମଧ୍ୟ ଲୋକେ ମିଛ କହିଥାନ୍ତି ଓ ମିଛ କହିବା ଲୋକଟି ଭାବିଥାଏ ଯେ ସେ ଯେହେତୁ ଗୀତା ଛୁଇଁ ଶପଥ କରିଛି ତେଣୁ ତାର ମିଛକଥାକୁ ସମସ୍ତେ ମାନିନେବେ । ସାଧାରଣତଃ ବ୍ୟବହାରରେ ମଧ୍ୟ ଏଭଳି ଘଟିଥାଏ । ମିଛ କହୁଥିବା ଲୋକେ ବାରମ୍ବାର ଶପଥ/ ରାଣନିୟମ ଖାଇଥାନ୍ତି । ଭାଷଣରେ ଲୋକଙ୍କ ଭରଷା ଜିତିବା ପାଇଁ ଭାଷଣ ଦେଉଥିବା ବ୍ୟକ୍ତି ମଧ୍ୟ ଶପଥ ନେଇଥାଏ । ଲୋକ ପରମ୍ପରାରେ ଶପଥ ବା ରାଣ ନିୟମର ଇଜ୍ଜତ ଏତେ ଥିଲା ଯେ ତୁଳସୀ ଦାସ ଲେଖିଥିଲେ - 'ପ୍ରାଣଯାଏ ପର ବଚନ ନ ଯାଇ ।' ନିର୍ବାଚନରେ ରାଜନୈତିକ ଦଳ ମାନଙ୍କର ଘୋଷଣା ପତ୍ର ମଧ୍ୟ ଏହି ଭଳି ସଂକଳ୍ପ ସହ ଜାରି କରାଯାଇଥାଏ । କିନ୍ତୁ ଲାଜ ଯେତେବେଳେ ନିଜେ ଲାଜକରେ ସେତେବେଳେ ଶପଥର ମୂଲ୍ୟ କ'ଣ ? ତଥାପି ମଧ୍ୟ ଗାନ୍ଧୀ ଏବଂ ସମାଜବାଦର କଥା କହିବା ଜାରି ରହିଛି ।

ଯେତେବେଳେ କୌଣସି ମନ୍ତ୍ରୀ ନିଯୁକ୍ତ ହୁଅନ୍ତି ସେତେବେଳେ ସେ ନିଷ୍ଠାପୂର୍ବକ ସମ୍ବିଧାନର ପାଳନ କରିବା ପାଇଁ ଶପଥ ନେଇଥାନ୍ତି । ସମ୍ବିଧାନରେ ସମାଜବାଦୀ ଶବ୍ଦ ରହିଛି - ଲୋକତାନ୍ତ୍ରିକ ସମାଜବାଦୀ ଗଣରାଜ୍ୟ । ସମ୍ବିଧାନ ପ୍ରସ୍ତୁତି ବେଳେ ବାବା ସାହେବ ଆମ୍ବେଦକର ସମାଜବାଦ ଶବ୍ଦକୁ ଭୁଲିଯାଇଥିଲେ କିମ୍ବା ସମାଜବାଦ ଶବ୍ଦର ଆଗାମୀ ଦିନରେ ସମ୍ମାନହାନୀ ହେବ ବୋଲି ଆଶଙ୍କା କରି ଏହି ଶବ୍ଦକୁ ଯୋଡି ନଥିଲେ । ଏ ଦୁଇଟି ମଧ୍ୟରୁ କିଛି ବି ଠିକ୍ ହୋଇପାରେ । ଇନ୍ଦିରାଗାନ୍ଧୀ ୧୯୭୬ରେ ସମ୍ବିଧାନର ୪୨ ତମ ସଂଶୋଧନ କରି ଏହି ସମାଜବାଦ ଶବ୍ଦକୁ ସାମ୍ବିଧାନୀକ ଶବ୍ଦରେ ପରିଣତ କରିଦେଇଥିଲେ । ଗାନ୍ଧୀଙ୍କୁ କଂଗ୍ରେସ ପୈତୃକ ସମ୍ପତ୍ତି ବୋଲି ଭାବେ କିନ୍ତୁ ସମାଜବାଦକୁ ଅଣଦେଖା କରିଥାଏ । ଇତିହାସରୁ ସ୍ପଷ୍ଟ ଯେ ୧୯୩୪ରେ କଂଗ୍ରେସ ଭିତରେ ମଧ୍ୟ କଂଗ୍ରେସୀ ସମାଜବାଦୀ ଦଳର ସ୍ଥାପନା ହୋଇଥିଲା । ଏହାର ଆବଶ୍ୟକତା କ'ଣ ପାଇଁ ପଡିଥିଲା ସେ କଥା ମଧ୍ୟ ଜାଣିବାର ଆବଶ୍ୟକତା ରହିଛି । ସମାଜବାଦର ବିଲୋମ ହେଉଛି ବ୍ୟକ୍ତିବାଦ । କିନ୍ତୁ ବ୍ୟକ୍ତି ବଦଳରେ ସମାଜ ନିଷ୍ପତ୍ତି ନେବା ଉଚିତ । ଅର୍ଥାତ୍ ସମାଜର ଅନ୍ତିମ ଧାଡିର ବ୍ୟକ୍ତି ମଧ୍ୟ ନିଷ୍ପତ୍ତିରେ ଭାଗ ନେଇପାରିଲେ ତାହା ସମାଜବାଦ ।

ସମାଜବାଦର ଅବଧାରଣା ଗଣତନ୍ତ୍ର ଭଳି ବିଦେଶରୁ ହିଁ ଆସିଛି । କଂଗ୍ରେସର ୧୯୩୦-୧୯୩୩ର ଆନ୍ଦୋଳନର ବିଫଳତା ପରେ କଂଗ୍ରେସ ଭିତରେ 'ଗାନ୍ଧୀ- ନେହେରୁ' କଥିତ ବ୍ୟକ୍ତିବାଦ କାରଣରୁ ଅସନ୍ତୁଷ୍ଟ ନେତା ଜୟପ୍ରକାଶ ନାରାୟଣ, ଆଚାର୍ଯ୍ୟ ନରେନ୍ଦ୍ରଦେବ, ରାମମନୋହର ଲୋହିଆ, ମୀନୁ ମସାନୀ, କମଳା ଦେବୀ ଚଟୋପାଧ୍ୟାୟ, ଅଚ୍ୟୁତ ପଟ୍ଟବର୍ଦ୍ଧନ ଓ ଅଶୋକ ମେହେଟା ଆଦି ସମାଜବାଦର ରାସ୍ତା ଧରିଥିଲେ । ୧୯୪୮ରେ ବିଧିବଦ୍ଧ ଭାବେ ସମାଜବାଦୀ ଦଳ ଗଠିତ ହୋଇଥିଲା । ସେବେଠାରୁ ଅଦ୍ୟାବଧି ସମାଜବାଦୀ ଦଳ ଅନେକ ବାର ବିଖଣ୍ଡିତ ହୋଇ ନୂଆ ନୂଆ ରୂପରେ ଚାଲିଛି । ଗଣତନ୍ତ୍ର ଏବଂ ସମାଜବାଦ ପରସ୍ପରର ପରିପୂରକ । କିନ୍ତୁ ଏହା କେବଳ ସିଦ୍ଧାନ୍ତର କଥା ଏବଂ ସିଦ୍ଧାନ୍ତ କେବେ ବି ବ୍ୟବହାରିକ ସ୍ତରକୁ ଆସିପାରି ନାହିଁ । ସିଦ୍ଧାନ୍ତ ରାଜନୈତିକ ଦଳ ମାନଙ୍କ ପାଇଁ ଏକ ବାଧ୍ୟବାଧକତା ଏବଂ ଜରୁରୀ ଯେମିତି ନୋଟରେ ଗାନ୍ଧୀଙ୍କ ଫଟୋ । ରାଜନୈତିକ ଦଳମାନଙ୍କୁ ସ୍ୱେଚ୍ଛାଚାରିତାକୁ ଘୋଡାଇବା ପାଇଁ ସିଦ୍ଧାନ୍ତ ଭଳି ଭଲ ଖୋଳପା ଆଉ କ'ଣ ହୋଇପାରେ ।

ସାମ୍ୟବାଦୀ ନିଜକୁ ଆଦି ସମାଜବାଦୀ ବୋଲି ମାନି ଆସୁଛନ୍ତି ଏଣୁ ସମାଜବାଦ ଶବ୍ଦକୁ ବ୍ୟବହାର କରିବାର ଆବଶ୍ୟକତା ମଣୁ ନାହାନ୍ତି । କଂଗ୍ରେସ ଗାନ୍ଧୀବାଦ ଭିତରେ ସମାଜବାଦକୁ ଦେଖି ଆସିଛି । ଏଣୁ ଇନ୍ଦିରା ଗାନ୍ଧୀ ସମ୍ବିଧାନରେ ସମାଜବାଦ ଶବ୍ଦକୁ ଯୋଡି କଂଗ୍ରେସର ସିରାପ୍ରସିରାରେ ସମାଜବାଦ ରହିଛି ବୋଲି ସଙ୍କେତ ଦେଇଥିଲେ । ଏକଥା ମଧ୍ୟ ସତ୍ୟ ଯେ ୧୯୭୭ରେ ଇନ୍ଦିରାଗାନ୍ଧୀଙ୍କୁ ନିର୍ବାଚନରେ ହରାଇଥିବା ବ୍ୟକ୍ତି ସମାଜବାଦର ଗର୍ଭରୁ ଆସିଥିବା କଥା କହିଥିଲେ । ୧୯୭୭ରେ ଶାସନକୁ ଆସିବା ପରେ ପରସ୍ପର ମଧ୍ୟରେ ସମାଜବାଦକୁ ନେଇ ଲଢେଇ କରି ରାସ୍ତାକୁ ଆସିଯାଇଥିଲେ । ସେ ସମୟରେ କୃପାଳିନୀ, ଲୋହିଆ କି ନରେନ୍ଦ୍ରଦେବ ନଥିଲେ । ସେଇ ସମୟରୁ ଅଦ୍ୟାବଧି ସମାଜବାଦ କଥା କହି ଅନେକ ଦଳ ଗଢି ଉଠିଛି ଓ ବିଲୋପ ମଧ୍ୟ ହୋଇଛି । ଏସବୁ ପରେ ଏକ ଧ୍ରୁବସତ୍ୟ ସମସ୍ତେ ଜାଣନ୍ତି ଯେ ଶାସନ ଗାଦିକୁ ଆସିବା ପାଇଁ ସମାଜବାଦ ଠାରୁ ଶୀଘ୍ରଗାମୀ ଲିଫ୍ଟ ଆଉ କିଛି ନାହିଁ ।

ଅଟଳବିହାରୀ ବାଜପେୟୀ ସମାଜବାଦର ମହିମାକୁ ଜାଣିପାରିଥିଲେ । ୧୯୮୦ରେ ଯେତେବେଳେ ଜନତାଦଳ ଭାଙ୍ଗିଗଲା ସେତେବେଳେ ଅଟଳଜୀ ଜନସଂଘକୁ ନୂଆ ରୂପରେ ଗାନ୍ଧୀବାଦୀ ସମାଜବାଦ ଚାଦରରେ ଘୋଡେଇ ଭାରତୀୟ ଜନତା ପାର୍ଟିର ରୂପ ଦେଇଥିଲେ । ଅଟଳଜୀଙ୍କ ଦୂରଦୃଷ୍ଟି ଭୁଲ ନଥିଲା ।

୮୦ ମସିହାରେ ୨ରୁ ଆରମ୍ଭ ହୋଇଥିବା ଭାରତୀୟ ଜନତା ପାର୍ଟି ଏବେ ଦେଶକୁ ଶାସନ କରୁଛି । ପୁଣି ସଂଖ୍ୟା ଗରିଷ୍ଠତା ହାସଲ କରି । ଏକଦା ସଂଘର ନିଷ୍ଠାପର ପୂର୍ଣ୍ଣକାଳୀନ ସ୍ୱୟଂସେବକ ଥିବା ନରେନ୍ଦ୍ରମୋଦୀଙ୍କ ଭାରତୀୟ ଜନତା ପାର୍ଟି ପାଖରେ ସବୁକିଛି ଅଛି- ଶାସନ, ଗାନ୍ଧୀ ଏବଂ ସମାଜବାଦ । ସମାଜବାଦକୁ ସମସ୍ତେ ନିଜ ନିଜ ଅନୁସାରେ ବ୍ୟାଖ୍ୟା କରୁଛନ୍ତି । ବ୍ରିଟିଶ ରାଜନୀତି ବିଶାରଦ ହୋରାଲଡ୍ ଲାସ୍କିଙ୍କ କହିଥିଲେ 'ସମାଜବାଦ ହେଉଛି ଏମିତି ଟୋପି ଯାହାକୁ କେହିବି ତାର ନିଜ ଅନୁସାରେ ପିନ୍ଧି ପାରିବ । ଏଣୁ ସମାଜବାଦ ଓ ଗାନ୍ଧୀଙ୍କୁ ଯିଏ ଯେମିତି ପାରିଲା ସେମିତି ଆପଣେଇ ପାରିବ ।

# ଯାଜପୁର ଗାନ୍ଧୀ : ପରମାନନ୍ଦ ମହାନ୍ତି



ପ୍ରଭୁକଲ୍ୟାଣ ମହାପାତ୍ର
ମୋ : ୯୯୩୭୭୧୧୩୮୯

ପୂର୍ବତନ ବିଧାୟକ ପରମାନନ୍ଦ ମହାନ୍ତି ଏଭଳି ଜଣେ ବ୍ୟକ୍ତି ଥିଲେ, ଯାହାଙ୍କୁ ଦଳମତ ନିର୍ବିଶେଷରେ ସମସ୍ତେ ଶ୍ରଦ୍ଧା ଓ ସମ୍ମାନ କରୁଥିଲେ । ମାତ୍ର ୧୩ ବର୍ଷ ବୟସରେ ଦେଶ ପ୍ରେମରେ ଉଦ୍‌ବୁଦ୍ଧ ହୋଇ ସ୍ୱାଧିନତା ସଂଗ୍ରାମରେ ଝାସ ହୋଇଥିବା ପରମାନନ୍ଦବାବୁ ଚାଷୀମାନଙ୍କ ଉତ୍ଥାନ ଲାଗି ଆଜୀବନ ଲଢ଼େଇ କରିଥିଲେ । ଢେଙ୍କାନାଳ ପ୍ରଜା ଆନ୍ଦୋଳନରେ ମାତିଥିବା ବେଳେ ପୋଲିସ୍ ଲାଠିରେ ଶ୍ରବଣ ଶକ୍ତି ହରାଇଥିଲେ । ଜମିଦାର ପରିବାରରେ ଜନ୍ମଗ୍ରହଣ କରି ମଧୁପୁର ଜମିଦାରଙ୍କ ପ୍ରଜା ବିରୋଧି କାର୍ଯ୍ୟକ୍ରମ ବିରୁଦ୍ଧରେ ପ୍ରଜା - ଆନ୍ଦେଳନ ଗଢ଼ି ତୋଳିଥିଲେ । ବିଳାସ ବ୍ୟସନ ଠାରୁ ଯଥେଷ୍ଟ ଦୂରରେ ଥିବା ଏହି ମହାନ କୃଷକ ନେତା ତଥା ସମାଜବାଦୀ ଆନ୍ଦୋଳନର ପ୍ରବକ୍ତା ଜଣକ ମଧୁପୁର ମାଣ୍ଡିପାଟ ଆନ୍ଦୋଳନ, ଚାନ୍ଦପୁର ସତ୍ୟାଗ୍ରହ, ବୋଇରାଣୀ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ସ୍ୱାଧିନତା ପରେ ସେ କଂଗ୍ରେସ ଛାଡ଼ି ସମାଜବାଦୀ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ । ବିଧାୟକ ଥିବାବେଳେ ପରମାନନ୍ଦବାବୁ ତାଙ୍କ ଦରମା ଓ ଭତ୍ତାରୁ ମାତ୍ର ୨୫ ଟଙ୍କା ନିଜ ପାଇଁ ରଖି ଅବଶିଷ୍ଟ ଅର୍ଥକୁ ଦାନ କରିଦେଉଥିଲେ । ନିଜର ଜମି ବିକ୍ରୀ କରି ନିର୍ବାଚନ ମଣ୍ଡଳୀ ତଥା ସାଂଗଠନିକ ଖର୍ଚ୍ଚ ତୁଲାଉ ଥିଲେ । ଅଭାବୀ ଲୋକଙ୍କ ସାଥୀ ଏଇ ରାଜନେତା ଜଣକ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କ ବିଧାୟକ ଏବଂ ସ୍ୱାଧୀନତା ସଂଗ୍ରାମୀ ପେନ୍‌ସନ୍ ବାବଦ ଅର୍ଥରାଶି ଗରିବ ଜନସାଧାରଣଙ୍କୁ ବାଣ୍ଟି ଦେଉଥିଲେ । ତାଙ୍କର ଏହି ସରଳ, ଦରଦୀ ଓ ପରୋପକାର ଆଚରଣ ପାଇଁ ଲୋକମାନେ ତାଙ୍କୁ 'ଯାଜପୁର ଗାନ୍ଧୀ' ବୋଲି ସମ୍ବୋଧନ କରୁଥିଲେ । ପରମାନନ୍ଦଙ୍କ ବିୟୋଗ ପରଦିନ ଅର୍ଥାତ୍ ୨୦୦୮ ଅଗଷ୍ଟ ୨୯ତାରିଖରେ ବିଧାନସଭାରେ ତାଙ୍କ ସ୍ମୃତି ପ୍ରତି ସମ୍ମାନ ଜଣାଇ ଶୋକ ପ୍ରସ୍ତାବ ଆଗତ ହୋଇଥିଲା । ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ ଶୋକ ପ୍ରସ୍ତାବ ଆଗତ କରି ଦର୍ଶାଇଥିଲେ, ୧୯୩୦ ଲବଣ ସତ୍ୟାଗ୍ରହରେ ସାମିଲ ହୋଇଥିବା ପରମାନଙ୍କ ବାବୁ ଭାରତ ଛାଡ଼ ଆନ୍ଦୋଳନ ବେଳେ କାରାବରଣ କରିଥିଲେ । ଚାଷୀମାନଙ୍କ ସ୍ୱାର୍ଥ ରକ୍ଷା ଲାଗି କୃଷକ ସେନା ଗଠନ କରିଥିବା ଏହି ରାଜନେତା ଜଣକ ରସୁଲପୁର ପଂଚାୟତ ସମିତିର ଅଧକ୍ଷ ଓ ୧୯୫୧, ୧୯୬୭ରେ ଧର୍ମଶାଳାର ଦୁଇ ଦୁଇଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ ।

ବିରୋଧୀ ଦଳର ନେତା ଜାନକୀବଲ୍ଲଭ ପଟ୍ଟନାୟକ ଉଲ୍ଲେଖ କରିଥିଲେ, ସ୍ୱାଧୀନତା



ସଂଗ୍ରାମୀ, ସମାଜବାଦୀ ନେତା, ସମାଜସେବୀ ପରମାନନ୍ଦ ବାବୁ ୧୯୩୮ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଦେବୀଙ୍କ ସହିତ ଢ଼େଙ୍କାନାଳ ପ୍ରଜା ଆନ୍ଦୋଳନରେ ଯୋଗ ଦେଇଥିଲେ । ଜାତୀୟ ଆନ୍ଦୋଳନ କାଳରେ ୧୯୩୧, ୧୯୪୧ ମସିହାରେ ସେ ଦୁଇଥର କାରବରଣ କରିଥିଲେ । ରାଜ୍ୟର ବିଭିନ୍ନ ଅଞ୍ଚଳରେ ମୁଣ୍ଡ ଟେକିଥିବା ଜନ- ଆନ୍ଦୋଳନ ସହିତ ସେ ନିଜକୁ ସାମିଲ କରିଥିଲେ । ମୁଖ୍ୟମନ୍ତ୍ର ବିଶ୍ୱଭୂଷଣ ହରିଚନ୍ଦନ ଜଣାଇଥିଲେ, ପରମାନନ୍ଦ ବାବୁ ଏଭଳି ଜଣେ ସଂଗ୍ରାମୀ ନେତା ଥିଲେ, ଯେକି ସାରା ଜୀବନ ସମାଜର ବିଭିନ୍ନ କ୍ଷେତ୍ରର ଲୋକଙ୍କ ପାଇଁ ଲଢ଼େଇ କରିଥିଲେ । କୃଷକଙ୍କ ସ୍ୱାର୍ଥ ରକ୍ଷା ଲାଗି ସେ କୃଷକ ସେନା ଗଠନ କରିଥିଲେ । କଳ୍ପତରୁ ଦାସ କହିଥିଲେ, ରମାଦେବୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପରମାନନ୍ଦ ବାବୁ ମାତ୍ର ୧୩ବର୍ଷ ବୟସରେ ୧୯୨୯ ମସିହାରେ କଟକ ସ୍ୱରାଜ ଆଶ୍ରମରେ ପାଦ ଥାପିବା ସହିତ କଂଗ୍ରେସ ବାନର ସେନାରେ ଯୋଗ ଦେଇଥିଲେ । ସ୍ୱାଧୀନତା ପରେ ସେ କଂଗ୍ରେସ ପରିତ୍ୟାଗ କରି ସମାଜବାଦୀ ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ । ଅଭାବୀ ଲୋକଙ୍କ ସାଥୀ ଭାବେ ପରିଚିତ ପରମାନନ୍ଦ ବାବୁ ଆଜୀବନ ତାଙ୍କ ବିଧାୟକ ଓ ସ୍ୱାଧନତା ସଂଗ୍ରାମୀ ପେନ୍‌ସନ୍ ଅର୍ଥରାଶି ଗରିବ ଲୋକଙ୍କୁ ବାଣ୍ଟି ଦେଉଥିଲେ । ଧର୍ମଶାଳା ଅଞ୍ଚଳରେ ଲୋକମାନେ ତାଙ୍କୁ ଗାନ୍ଧୀ ବୋଲି ଜାଣୁଥିଲେ । ସୀତାକାନ୍ତ ମହାପାତ୍ର ଦର୍ଶାଇଥିଲେ, ଗରିବ ଲୋକଙ୍କ ମୁରବୀ ଭଳି କାମ କରିବା ଥିଲା ପରମାନନ୍ଦ ବାବୁଙ୍କର ସବୁଠାରୁ ଭଲ ଗୁଣ । ଜୀବନ କାଳ ଭିତରେ ସେ କେବେହେଲେ ସରଳ ଜୀବନ ଓ ସମାଜସେବାରୁ ବିଚ୍ୟୁତ ହୋଇନଥିଲେ ।

ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଜଣାଇଥିଲେ, ଅନୁସୂଚିତ ଜାତି, ଜନଜାତି ତଥା ଗରିବ ଲୋକଙ୍କ ପାଇଁ ପରମାନନ୍ଦ ବାବୁଙ୍କ ସମଗ୍ର ଜୀବନ ସମର୍ପିତ ଥିଲା । ଅନ୍ୟ ପକ୍ଷରେ ସଞ୍ଚିତା ମହାନ୍ତି ପରମାନନ୍ଦ ବାବୁଙ୍କୁ 'ଯାଜପୁର ଗାନ୍ଧୀ' ଭାବେ ବର୍ଣ୍ଣନା କରି କହିଥିଲେ, ୧୯୩୭ ମସିହାରେ ଧର୍ମଶାଳାରେ ଏକ ବିଶାଳ କୃଷୀ ସମାବେଶ ଆୟୋଜନ କରିଥିବା ଏହି ଗାନ୍ଧୀବାଦୀ ନେତା ଜଣକ ଯାଜପୁର ଜିଲ୍ଲାରେ ଅନେକ ସ୍କୁଲ, କଲେଜ ସ୍ଥାପନ କରିଥିଲେ । ବାଚସ୍ପତି କିଶୋର କୁମାର ମହାନ୍ତି ଦର୍ଶାଇଥିଲେ ଯେ, ଏହି ରାଜନେତାଙ୍କ ବିୟୋଗରେ ଓଡ଼ିଶା ରାଜନୀତିରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଗୃହର ସଭ୍ୟମାନେ ଏକ ମିନିଟ୍ ନିରବ ପ୍ରାର୍ଥନା କରିବେ । ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ବିମଳ ଲୋଚନ ଦାସ, ଅରୁଣ ଦେ, ଏନ୍. ନାରାୟଣ ରେଡ୍ଡି, ଲକ୍ଷ୍ମଣ ମୁଣ୍ଡା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି ଶୋକ ପ୍ରସ୍ତାବରେ ଭାଗ ନେଇଥିଲେ । ୧୯୧୬ ମସିହା ମାର୍ଚ୍ଚ ୧୧ ତାରିଖ ରେ ଯାଜପୁର ଜିଲ୍ଲା ବାହାଦଲପୁର ଗ୍ରାମରେ ଜନ୍ମିତ ପରମାନନ୍ଦ ବାବୁ ୨୦୦୮ ଅଗଷ୍ଟ ୨୮ତାରିଖରେ ୯୩ବର୍ଷ ବୟସରେ ପରଲୋକ ଗମନ କରିଥିଲେ । ବର୍ତ୍ତମାନ ଆର୍ଥିକ ଦୃଷ୍ଟିରୁ ଅପେକ୍ଷାକୃତ ଯଥେଷ୍ଟ ସ୍ୱଚ୍ଛଳ ବିଧାୟକମାନେ ସେମାନଙ୍କର ଦରମା, ଭତ୍ତା, ପେନ୍‌ସନ୍ ବୃଦ୍ଧି ପାଇଁ ଦୃଢ଼ ଆବାଜ ଉଠାଉଥିବା ବେଳେ ନିଜର ପେନ୍‌ସନ୍ ଅର୍ଥକୁ ଗରିବ ଲୋକଙ୍କୁ ବଣ୍ଟନ, ଦରମାର ସିଂହଭାଗ ଦଳକୁ ଦାନ ଓ ନିଜର ଭୂ-ସମ୍ପତ୍ତି ବିକ୍ରୀକରି ସାଂଗଠନିକ ଖର୍ଚ୍ଚ ଭରଣା କରୁଥିବା ପରମାନନ୍ଦ ବାବୁଙ୍କ ଭଳି ଗାନ୍ଧୀବାଦୀ ନେତାଙ୍କ ଜୀବନାଦର୍ଶ ଆଜିର ରାଜନେତାମାନଙ୍କ ପାଇଁ ଧ୍ୟେୟ ହେବା ଉଚିତ୍ । ତାହାହିଁ ତାଙ୍କ ସ୍ମୃତି ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ପ୍ରତିଦିନ ରୁଟି ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର

ରୁଟି ଅନେକ ଦିନ ଧରି ଭାରତୀୟ ଖାଦ୍ୟର ଏକ ଅବିଚ୍ଛେଦ୍ୟ ଅଂଶ ହୋଇ ରହିଆସିଛି। ବିଶେଷକରି ଉତ୍ତର ଭାରତରେ। ଏହାକୁ ହାଲୁକା, ସନ୍ତୁଳିତ ଏବଂ ହଜମ କରିବାକୁ ସହଜ ବୋଲି ବିବେଚନା କରାଯାଏ। ସରଳତା ଏବଂ ପରମ୍ପରାରେ ମୂଳ ଏହି ଖାଦ୍ୟ ଲୋକପ୍ରିୟ। କିନ୍ତୁ ପ୍ରକୃତରେ କ'ଣ ରୁଟି ଚିନ୍ତାମୁକ୍ତ ହୋଇ ଖାଇପାରିବେ ?




ହରିୟାଣା ଗୁରୁଗ୍ରାମର ଜଣେ ଅର୍ଥୋପେଡିକ୍ ଏବଂ ଆର୍ଥ୍ରୋସ୍କୋପି ବିଶେଷଜ୍ଞ ଡକ୍ଟର ମନୁ ବୋରା ନିଜର ସୋସିଆଲ ମିଡିଆ ପୋଷ୍ଟରେ ଏକ ଭିନ୍ନ ଦୃଷ୍ଟିକୋଣ ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ, ଗହମର ନିୟମିତ ଏବଂ ଅତ୍ୟଧିକ ବ୍ୟବହାର, ବିଶେଷକରି ଯେଉଁମାନେ ନିଜ ଓଜନ ଏବଂ ମେଟାବୋଲିକ୍ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତିତ, ସେମାନଙ୍କ ପାଇଁ ଲୁକ୍କାୟିତ ବିପଦ ସୃଷ୍ଟି କରିପାରେ। ଡକ୍ଟର ବୋରାଙ୍କ ଅନୁଯାୟୀ, 'ଯଦି ଖାଦ୍ୟରେ ସବୁଠାରୁ ଖରାପ ଜିନିଷ ଅଛି, ତେବେ ତାହା ଗହମ ହୋଇପାରେ। ଅଧିକାଂଶ ଲୋକ ପ୍ରତିଦିନ ମିଠା ଖାଆନ୍ତି ନାହିଁ, କିଛି ଲୋକ ସେଗୁଡ଼ିକୁ ଆଦୌ ଖାଆନ୍ତି ନାହିଁ। ଚିନି ବ୍ୟବହାର ମଧ୍ୟ ସମସ୍ତଙ୍କ ପାଇଁ ସମସ୍ୟା ସୃଷ୍ଟି କରେ ନାହିଁ। କିନ୍ତୁ ଯେଉଁମାନେ ନିରନ୍ତର ଭାବରେ ସେମାନଙ୍କ ଦୈନନ୍ଦିନ ଖାଦ୍ୟରେ ଗହମ ବ୍ୟବହାର କରନ୍ତି, ସେମାନଙ୍କ ପାଇଁ ଏହା କ୍ଷତିକାରକ ହୋଇପାରେ। ପ୍ରାଚୀନ କାଳରେ, ମଣିଷ ପ୍ରାକୃତିକ ଭାବରେ ଗହମ ବ୍ୟବହାର କରୁନଥିଲେ।

ତାଙ୍କ ମତରେ, ଆମେ ଯାହାକୁ ସାଧାରଣ ଏବଂ ସୁରକ୍ଷିତ ବୋଲି ବିବେଚନା କରୁ, ତାହା ମଧ୍ୟ ଯଦି ଅତ୍ୟଧିକ ସେବନ କରାଯାଏ ତେବେ ଶରୀର ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ। ବିଶେଷକରି ଆଜିର ଦୁନିଆରେ, ଯେତେବେଳେ ଗହମ ପ୍ରାୟତଃ ପ୍ରକ୍ରିୟାକୃତ କିମ୍ବା ପରିଷ୍କୃତ ରୂପରେ ବ୍ୟବହାର କରାଯାଏ, ଏହାର ପ୍ରଭାବ ଆହୁରି ବଢ଼ିପାରେ। ଡକ୍ଟର ବୋରା ବ୍ୟାଖ୍ୟା କରନ୍ତି ଯେ, ଅତ୍ୟଧିକ ପ୍ରକ୍ରିୟାକୃତ ଗହମ ଉତ୍ପାଦ ପ୍ରଦାହ, ଓଜନ ବୃଦ୍ଧି ଏବଂ ମେଟାବୋଲିକ୍ ବିକାର ଭଳି ସମସ୍ୟା ସୃଷ୍ଟି କରିପାରେ। ଅଧିକ ପରିମାଣରେ ଏବଂ ନିୟମିତ ଭାବରେ ସେବନ କଲେ, ଏହା ଧୀରେ ଧୀରେ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିପାରେ। ଏହି କାରଣରୁ ସେ ସନ୍ତୁଳନ ଏବଂ ସଂଯମତା ଉପରେ ଗୁରୁତ୍ୱ ଦିଅନ୍ତି।

ତେବେ ଏହାର ଅର୍ଥ ନୁହେଁ ଯେ ଆପଣ ରୁଟି ସମ୍ପୂର୍ଣ୍ଣ ଭାବରେ ଛାଡିଦେବା ଉଚିତ, କିନ୍ତୁ ଏହା ବୁଝିବା ଗୁରୁତ୍ୱପୂର୍ଣ୍ଣ ଯେ ଏହାର ପରିମାଣ ଏବଂ ଗୁଣବତ୍ତା ଉଭୟ ଗୁରୁତ୍ୱପୂର୍ଣ୍ଣ। ସମ୍ପୂର୍ଣ୍ଣ ଶସ୍ୟ ବାଛିବା, ସେଗୁଡ଼ିକୁ ସୀମିତ ପରିମାଣରେ ଖାଇବା ଏବଂ ସନ୍ତୁଳିତ ଖାଦ୍ୟ ଗ୍ରହଣ କରିବା ଅଧିକ ବୁଦ୍ଧିମାନର ହୋଇପାରେ। ତାଙ୍କ ମତରେ, ଆପଣଙ୍କ ଦୈନନ୍ଦିନ ପ୍ଲେଟରେ ଥିବା ଖାଦ୍ୟ ମଧ୍ୟ ମନମୁଖୀ ଭାବରେ ନ ଖାଇ ବୁଦ୍ଧିମାନ ଭାବରେ ବାଛିବା ଉଚିତ। ଏକ ସୁସ୍ଥ ଖାଦ୍ୟ କେବଳ ଆପଣ କ'ଣ ଖାଆନ୍ତି ତାହା ଉପରେ ନୁହେଁ ବରଂ କେତେ ଏବଂ କେଉଁ ଆକାରରେ ଖାଆନ୍ତି ତାହା ଉପରେ ମଧ୍ୟ ନିର୍ଭର କରେ।

# ଭଗବତ୍ ପ୍ରାପ୍ତିର ସରଳ ସୂତ୍ର: ଭଗବାନଙ୍କ ନାମ

ନାମ୍ନାମକାରି ବହୁଧା ନିଜ ସର୍ବ ଶକ୍ତିସ୍ତତ୍ରାର୍ପିତା ନିୟମିତଃ ସ୍ମରଣେ ନ କାଳଃ। ଏତାଦୃଶୀ ତବ କୃପା ଭଗବନ୍ମମାପି ଦୁଃଦେବ ମିଦୃଶମିହାଜନି ନାନୁରାଗଃ । – ଶ୍ରୀ ଚୈତନ୍ୟ, ଶିକ୍ଷାଷ୍ଟକମ୍।। 'ଶିକ୍ଷାଷ୍ଟକମ୍' ଶ୍ରୀଚୈତନ୍ୟଙ୍କର ଏକ ଆଠ ଶ୍ଳୋକ ବିଶିଷ୍ଟ ସଂସ୍କୃତ ରଚନା। ଯଦିଓ ଶ୍ରୀ ଆଦିଶଙ୍କରା ଚାର୍ଯ୍ୟଙ୍କ ରଚନା ରୂପେ ପ୍ରସିଦ୍ଧ 'ଶ୍ରୀଜଗନ୍ନାଥାଷ୍ଟକମ୍'କୁ କେହି କେହି ଶ୍ରୀଚୈତନ୍ୟଙ୍କ ରଚନା ବୋଲି କହନ୍ତି, ତାହା କିନ୍ତୁ ପ୍ରମାଣିତ ହୋଇ ପାରି ନାହିଁ। ସେ ଦୃଷ୍ଟିରୁ 'ଶିକ୍ଷାଷ୍ଟକମ୍' ଶ୍ରୀଚୈତନ୍ୟଙ୍କର ଏକମାତ୍ର ରଚନା ବୋଲି ସ୍ୱୀକୃତ ହୋଇଛି। ଦୋଳପୂର୍ଣ୍ଣିମା ଦିନ ସେ ଜନ୍ମଗ୍ରହଣ କରିଥିବା ଜଣାଯାଏ। 'ଶିକ୍ଷାଷ୍ଟକମ୍'ର ତୃତୀୟ ଶ୍ଳୋକ 'ତୃଣାଦପି ସୁନୀଚେନ...'ଠାରୁ ଆରମ୍ଭ କରି ଅଷ୍ଟମ ଶ୍ଳୋକ 'ଆଶ୍ଳିଷ୍ୟ ବା ପାଦରତାଂ ପିନଷ୍ଟୁ...' ପର୍ଯ୍ୟନ୍ତ ଛଅଟି ଶ୍ଳୋକ ଅତ୍ୟନ୍ତ ପ୍ରସିଦ୍ଧ। କିନ୍ତୁ ଏହି 'ଅଷ୍ଟଶ୍ଳୋକୀ' ରଚନାର ପ୍ରଥମ ଦୁଇଟି ଶ୍ଳୋକ ମଧ୍ୟ ବିଶେଷ ମହତ୍ତ୍ୱପୂର୍ଣ୍ଣ।



ସେଥି ମଧ୍ୟରୁ ପ୍ରଥମ ଶ୍ଳୋକରେ ଶ୍ରୀଚୈତନ୍ୟ କହିଛନ୍ତି–ଶ୍ରୀକୃଷ୍ଣଙ୍କ ନାମ ସଂକୀର୍ତ୍ତନର ପରମ ବିଜୟ ହେଉ। ଏହି ନାମ ସଂକୀର୍ତ୍ତନ ହୃଦୟରେ ବର୍ଷ ବର୍ଷ ଧରି ସଞ୍ଚିତ ମଇଳାକୁ ସଫା କରିଦିଏ। ଏହା ବାରମ୍ବାର ଏହି ସଂସାରର ଜନ୍ମ-ମୃତ୍ୟୁ-ଜନିତ ମହା ଅନଳକୁ ଶାନ୍ତ କରିଥାଏ। ଏହି ନାମ ସଂକୀର୍ତ୍ତନ ଯଜ୍ଞ ମନୁଷ୍ୟ ନିମନ୍ତେ ପରମ କଲ୍ୟାଣକାରୀ। କାରଣ, ଏହା ଚନ୍ଦ୍ରଙ୍କ କିରଣ ପରି ଶୀତଳତା ପ୍ରଦାନ କରେ। ସମସ୍ତ ଅପ୍ରାକୃତ ବିଦ୍ୟାରୂପୀ ବଧୂର ଏହା ଜୀବନସ୍ୱରୂପ। ଏହା ଆନନ୍ଦ-ସମୁଦ୍ରକୁ ବୃଦ୍ଧି କରେ ଏବଂ ପ୍ରତିଦିନ ଅମୃତର ଆସ୍ୱାଦନ କରାଏ।

ଉପରୋକ୍ତ ସୁଭାଷିତ ହେଉଛି ଏହା ପରର ଦ୍ୱିତୀୟ ଶ୍ଳୋକ। ଏଥିରେ କୁହାଯାଇଛି–ହେ ଭଗବାନ। ଏକମାତ୍ର ଆପଣଙ୍କର ନାମ ହିଁ ଜୀବର ସବୁପ୍ରକାରର ମଙ୍ଗଳକାରୀ। କୃଷ୍ଣ, ଗୋବିନ୍ଦ ଆଦି ଆପଣଙ୍କର ଅନେକ ନାମ। ଆପଣ ଏହିସବୁ ନାମକୁ ଆପଣଙ୍କର ସମସ୍ତ ଅପ୍ରାକୃତ ଶକ୍ତି ସମର୍ପିତ କରିଛନ୍ତି। ଆପଣଙ୍କର ଏହି ସବୁ ନାମଙ୍କର ସ୍ମରଣ ନିମନ୍ତେ ଦେଶ, କାଳ, ଆଦିର କୌଣସି ନିୟମ ନାହିଁ। ଆପଣ ଆପଣଙ୍କର କୃପା ହେତୁ ମୋତେ ଆପଣଙ୍କୁ ପାଇବାର ଏହି ସରଳ ସୂତ୍ର ବତାଇ ଦେଇଛନ୍ତି। କିନ୍ତୁ ମୁଁ ଏପରି ଦୁର୍ଭାଗା ଯେ ଆପଣଙ୍କର ନାମ ପ୍ରତି ମୋର ଏବେ ବି ଅନୁରାଗ ଆସିନାହିଁ। ଏଣୁ ଏହା ମାଧ୍ୟମରେ ଶ୍ରୀଚୈତନ୍ୟ ଆମକୁ କହିଛନ୍ତି–ଭଗବାନଙ୍କ ନାମ ପ୍ରତି ଅନୁରାଗ ଆସିଲେ ଏବଂ ତାଙ୍କର ନାମ ନେଲେ ଭଗବାନଙ୍କୁ ପାଇହେବ। ଏହା ତାଙ୍କୁ ପାଇବାର ସରଳସୂତ୍ର।

# ଏକାଦଶୀର ନାଆଁ ପାପମୋଚନୀ

ଚୈତ୍ରମାସ କୃଷ୍ଣପକ୍ଷ ଏକାଦଶୀର ନାମ 'ପାପମୋଚନୀ' ଏକାଦଶୀ। 'ପଦ୍ମପୁରାଣ' ଅନୁସାରେ, ଯୁଧିଷ୍ଠିରଙ୍କ ପ୍ରଶ୍ନରେ ଶ୍ରୀକୃଷ୍ଣ ତାଙ୍କୁ ଏହାର ମାହାତ୍ମ୍ୟ କହିଛନ୍ତି। ସେ କହିଛନ୍ତି- ଏକଦା ଚକ୍ରବର୍ତ୍ତୀ ରାଜା ମାନ୍ଧାତାଙ୍କୁ ମହର୍ଷି ଲୋମଶ ଏହା କହିଥିଲେ। ତାଙ୍କ ଅନୁସାରେ, ଏହି ଏକାଦଶୀ ପିଶାଚତ୍ୱର ବିନାଶ କରି, କାମନାର ପୂରଣ କରେ ଓ ସିଦ୍ଧି ଦିଏ। ଏହି ଏକାଦଶୀ କଥା ଅନୁସାରେ– ଏକଦା ସୁନ୍ଦର ଚୈତ୍ର ବନରେ ଗନ୍ଧର୍ବକନ୍ୟା ଓ କିନ୍ନରମାନେ ନୃତ୍ୟବାଦ୍ୟ ସହିତ କ୍ରୀଡ଼ା କରୁଥିଲେ। ଇନ୍ଦ୍ରାଦି ଦେବଗଣ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ତାହା ଥିଲା ମୁନିମାନଙ୍କର ତପୋଭୂମି। ମେଧାବୀ ନାମକ ଜଣେ ବ୍ରହ୍ମଚାରୀ ମୁନି ତାଙ୍କ ମଧ୍ୟରେ ଥିଲେ। ଅପ୍?ସରା କନ୍ୟାମାନେ ତାଙ୍କୁ ମୋହିତ କରିବାକୁ ଉଦ୍ୟମ କଲେ। ବିଶେଷ କରି ମଞ୍ଜୁଘୋଷା ନାମ୍ନୀ ଏକ ଅପ୍‌ସରା ତାଙ୍କ ପ୍ରତି ଅତ୍ୟନ୍ତ ଆକୃଷ୍ଟା ହେଲେ।



ମେଧାବୀ ଥିଲେ ନବଯୁବକ ଓ କାମଦେବଙ୍କ ପରି ସୁନ୍ଦର। ମଞ୍ଜୁଘୋଷା ହାତର କଙ୍କଣ ଓ ପାଦର ନୂପୂର ବଜାଇ ମୃଦୁ ମଧୁର ସ୍ୱରରେ ଗୀତଗାଇ ତାଙ୍କୁ ଆକର୍ଷିତ କରିବାକୁ ଉଦ୍ୟମ କଲେ। ଅଙ୍ଗଭଙ୍ଗୀ ଓ କଟାକ୍ଷରେ ମେଧାବୀଙ୍କୁ ମୋହିତ କଲେ। ମେଧାବୀ ମଧ୍ୟ କାମାସକ୍ତ ହୋଇ ତାଙ୍କ ସହ ମିଳିତ ହେଲେ। କିଛିବର୍ଷ ବିତିଗଲା। ମଞ୍ଜୁଘୋଷା ଦେବଲୋକକୁ ଯିବାକୁ ବାହାରିଲେ। ମେଧାବୀ ଏପରି ମୋହିତ ଥିଲେ ଯେ କହିଲେ- ତୁମେ ତ ଆଜି ସନ୍ଧ୍ୟାରେ ହିଁ ମୋ ପାଖକୁ ଆସିଛ। ସକାଳ ଯାଏ ଅନ୍ତତଃ ରୁହ! ମେଧାବୀ କାଳେ ଅଭିଶାପ ଦେବେ, ସେହି ଭୟରେ ମଞ୍ଜୁଘୋଷା ତାଙ୍କ ପାଖରେ ରହିଲେ। ଏହିପରି ଆହୁରି ୫୫ବର୍ଷ ୯ ମାସ ତିନି ଦିନ ବିତିଗଲା। କିନ୍ତୁ ମେଧାବୀଙ୍କୁ ଲାଗୁଥିଲା, ମୋଟେ ଅଧରାତି ହୋଇଛି। ଚୈତ୍ରମାସ କୃଷ୍ଣପକ୍ଷ ଏକାଦଶୀର ନାମ 'ପାପମୋଚନୀ' ଏକାଦଶୀ। 'ପଦ୍ମପୁରାଣ' ଅନୁସାରେ, ଯୁଧିଷ୍ଠିରଙ୍କ ପ୍ରଶ୍ନରେ ଶ୍ରୀକୃଷ୍ଣ ତାଙ୍କୁ ଏହାର ମାହାତ୍ମ୍ୟ କହିଛନ୍ତି। ସେ କହିଛନ୍ତି- ଏକଦା ଚକ୍ରବର୍ତ୍ତୀ ରାଜା ମାନ୍ଧାତାଙ୍କୁ ମହର୍ଷି ଲୋମଶ ଏହା କହିଥିଲେ। ତାଙ୍କ ଅନୁସାରେ, ଏହି ଏକାଦଶୀ ପିଶାଚତ୍ୱର ବିନାଶ କରି, କାମନାର ପୂରଣ କରେ ଓ ସିଦ୍ଧି ଦିଏ। ମଞ୍ଜୁଘୋଷା ପୁଣି ବିଦାୟ ନେଇ ସ୍ୱର୍ଗପୁରକୁ ଯିବାକୁ ବାହାରିଲେ। କିନ୍ତୁ ମେଧାବୀ କହିଲେ- ସକାଳର ସନ୍ଧ୍ୟାତର୍ପଣ ସାରେ, ତା'ପରେ ଯିବ। ଅପ୍‌ସରା ମୁରୁକି ହସି କହିଲେ- କେତେ ଯେ ସନ୍ଧ୍ୟାତର୍ପଣ ଏ ଭିତରେ ବିତିଗଲାଣି, ତାହା କ'ଣ ଆପଣଙ୍କର ମନେ ଅଛି ? ସେତେବେଳକୁ ଯାଇ ମେଧାବୀ ସଚେତନ ହେଲେ ଯେ ଦୀର୍ଘ ସତାବନ ବର୍ଷ ବିତି ଗଲାଣି। ତପସ୍ୟା ନଷ୍ଟ ହେଲା ଜାଣି ସେ ଅତ୍ୟନ୍ତ କ୍ରୋଧିତ ହେଲେ। ମଞ୍ଜୁଘୋଷାଙ୍କୁ ପିଶାଚୀ ହୋଇଯିବାପାଇଁ ସେ ଅଭିଶାପ ଦେଲେ। ମାତ୍ର ମଞ୍ଜୁଘୋଷା ବିନୟ ହୋଇ କହିଲେ–ସଜ୍ଜନଙ୍କ ସଙ୍ଗ ତ ଦି'ପଦ କଥା ହେଲେ ଓ ମାତ୍ର ସାତପାଦ ଚାଲିଲେ ହୋଇଯାଏ। ମୁଁ ତ ଆପଣଙ୍କ ସହ ଏତେଗୁଡ଼ିଏ ବର୍ଷ ବିତାଇଛି !

ତାହା ଶୁଣି ମେଧାବୀ କହିଲେ–ଚୈତ୍ର କୃଷ୍ଣପକ୍ଷ ଏକାଦଶୀ ହେଉଛି ପାପମୋଚନୀ ଏକାଦଶୀ। ତାହା ସମସ୍ତ ପାପରୁ ମୁକ୍ତି ଦିଏ। ତୁମେ ସେହି ଏକାଦଶୀ ବ୍ରତ କର। ପିଶାଚତ୍ୱରୁ ମୁକ୍ତି ପାଇବ। ଚ୍ୟବନ ମହର୍ଷି ଥିଲେ ମେଧାବୀଙ୍କର ପିତା। ତାଙ୍କ ପରାମର୍ଶରେ ପାପମୋଚନୀ ଏକାଦଶୀ କରି ମେଧାବୀ ମଧ୍ୟ ପୁଣି ସୁବ୍ରତୀ ହେଲେ। ମଞ୍ଜୁଘୋଷା ବି ସେହି ବ୍ରତକରି ପିଶାଚିନୀ ଜନ୍ମରୁ ମୁକ୍ତି ପାଇଲେ।


## ରାତିର ପାଦ ଯନ୍ତ୍ରଣା ହେଉଛି କି?

# ରେଷ୍ଟଲେସ୍ ଲେଗ୍ ସିଣ୍ଡ୍ରୋମ ନୁହେଁ ତ !

ରାତିରେ ଖଟ ଉପରେ ପଡିବା ପରେ ପାଦରେ ଅଜବ ପ୍ରକାରର ସମସ୍ୟା ଅନୁଭବ ହେଉଛି କି ? ଚଲାବୁଲା କରିବା ପରେ ପାଦକୁ ଆରାମ ମିଳୁଛି ? ଯଦି ହଁ, ତେବେ ଏହା ଆଦୌ ସାମାନ୍ୟ ସମସ୍ୟା ନୁହେଁ । ବରଂ ଏହା ରେଷ୍ଟଲେସ୍ ଲେଗ୍ ? ସିଣ୍ଡ୍ରୋମ୍‌ର ଲକ୍ଷଣ । ନ୍ୟୁରୋଲୋଜିଷ୍ଟ ଡାକ୍ତର ଭୂପେଶ କୁମାର ମନସୁଖାନିଙ୍କ ଅନୁସାରେ। ଏହି ଲକ୍ଷଣ ନ୍ୟୁରୋଲୋଜିକାଲ୍ ? ବ୍ୟବସ୍ଥା ସହ ଜଡ଼ିତ । ଆମ ଶରୀରର ସମସ୍ତ ଗତିବିଧିକୁ ମସ୍ତିଷ୍କ ଓ ଶିରାପ୍ରଶିରା ନିୟନ୍ତ୍ରଣ କରିଥାନ୍ତି । ମସ୍ତିଷ୍କରେ ଡୋପାମାଇନ୍ ନାମକ ଏକ କେମିକାଲ୍ ରହିଥାଏ, ଯାହା ମାଂସପେଶୀର ପ୍ରତି କାମକୁ ଉପଯୁକ୍ତ ଢଙ୍ଗରେ କରିବାକୁ ସହାୟତା କରିଥାଏ । ଯେତେବେଳେ ମସ୍ତିଷ୍କରେ ଏହି ରସାୟନର ସନ୍ତୁଳନ ବିଗିଡ଼ିଯାଏ ତେବେ ପାଦରେ ଅନିୟନ୍ତ୍ରିତ କାର୍ଯ୍ୟକଳାପ ଓ ବ୍ୟସ୍ତତା ଅନୁଭବ ହୋଇଥାଏ । ଅନେକ ସମୟରେ ଏପରି ସମସ୍ୟା ମଧ୍ୟ ଅନ୍ୟ କେତେକ ସ୍ଥିତିର ଲକ୍ଷଣ ହୋଇପାରେ । ଡାକ୍ତରଙ୍କ ମତରେ ଏହା ପାର୍କିନସନ୍ ? ରୋଗ ସହ ଜଡ଼ିତ ହୋଇଥାଇପାରେ। କାରଣ ଏହି ରୋଗ ମଧ୍ୟ ଡୋପାମାଇନ୍ ଅଭାବରୁ ହୋଇଥାଏ । ଏହାବ୍ୟତୀତ ଅନ୍ୟାନ୍ୟ କେତେକ କାରଣରୁ ମଧ୍ୟ ପାଦ ସମସ୍ୟା ସୃଷ୍ଟି ହୋଇଥାଏ । ଶରୀରରେ ଆଇରନ୍‌ର ଅଭାବ, ନ୍ୟୁରୋପାଥି ସମସ୍ୟା, ମେରୁଦଣ୍ଡ ହାଡ଼ ସମସ୍ୟା । ପାଦର ଏପରି ସମସ୍ୟା ଯୋଗୁ ବ୍ୟକ୍ତି ରାତିରେ ଶାନ୍ତିରେ ଶୋଇପାରି ନଥାଏ । ଠିକ୍ ଭାବେ ନିଦ ନ ହେବା ଦ୍ୱାରା ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। ଫଳରେ ଦିନରେ ଶରୀର ଥକ୍କାପଣ ଅନୁଭବ କରିବା, ସ୍ୱଭାବରେ ଚିଡଚିଡାପଣ ଆସିବା ଓ କୌଣସି କାମରେ ଧ୍ୟାନ ଦେଇ ନପାରିବା ପରି ସମସ୍ୟାମାନ ଉପୁଜିଥାଏ । ଯଦି ଏଭଳି ସମସ୍ୟା ବାରମ୍ବାର ଲାଗି ରହୁଥାଏ, ତେବେ ଡେରି ନ କରି ତୁରନ୍ତ ଡାକ୍ତର ପରାମର୍ଶ କରାଇ ନିଅନ୍ତୁ । ପାଦର ଏହି ସମସ୍ୟାକୁ ଅଣଦେଖା କରନ୍ତୁନି ।

# ଜୀବନ-ମନ୍ତ୍ର: ମହାତୀର୍ଥ ପଞ୍ଚନଦ

ଭଗବାନ ବିଷ୍ଣୁ ଦ୍ୱାରକାକୁ ଆଗମନ କରିଛନ୍ତି ଜାଣି ପଞ୍ଚ ବ୍ରହ୍ମାପୁତ୍ର ସେଠାକୁ ଆସି, ସେଠାରେ ପଞ୍ଚନଦତୀର୍ଥ ପ୍ରତିଷ୍ଠା କରିଥିଲେ। ସେମାନଙ୍କର ଆବାହନରେ ପଞ୍ଚନଦୀ ସେଠାରେ ଉପସ୍ଥିତ ହୋଇଥିଲେ। ମରୀଚିଙ୍କ ନିମିତ୍ତ ଗୋମତୀ, ଅତ୍ରିଙ୍କ ନିମିତ୍ତ ଲକ୍ଷ୍ମଣା, ଅଙ୍ଗିରାଙ୍କ ନିମିତ୍ତ ଚନ୍ଦ୍ରଭାଗା, ପୁଲହଙ୍କ ନିମିତ୍ତ କୁଶାବତୀ ଓ କ୍ରତୁଙ୍କ ନିମିତ୍ତ ଜାମ୍ବବତୀ ଆସିଥିଲେ। ପଞ୍ଚ ମୁନିକୁମାର ସେହି ପଞ୍ଚନଦୀରେ ସ୍ନାନ କରି ବିଷ୍ଣୁଙ୍କୁ ଦର୍ଶନ କରିଥିଲେ। ସେହି ଯଶସ୍ୱୀ ବ୍ରହ୍ମାପୁତ୍ର ସେ ସ୍ଥାନକୁ ପଞ୍ଚନଦ ତୀର୍ଥ ନାମରେ ଅଭିହିତ କରିଥିଲେ। ସେହି ତୀର୍ଥ ମନୁଷ୍ୟର ସମସ୍ତ ପାପମୋଚନ କରିବା ନିମିତ୍ତ ସମର୍ଥ।



କିନ୍ତୁ ସମଗ୍ର ପୃଥିବୀରେ ଏପରି ଏକ ଆଶ୍ଚର୍ଯ୍ୟ ସୁନ୍ଦର ସ୍ଥଳ ରହିଛି, ଯେଉଁଠି ପାଞ୍ଚଟି ନଦୀ ଏକତ୍ର ହୋଇ ଏକ ମହାସଙ୍ଗମ ସୃଷ୍ଟି କରିଛନ୍ତି। ତାହା ଆଜି ତୀର୍ଥରାଜ ପଞ୍ଚନଦ ଭାବରେ ଖ୍ୟାତି ଅର୍ଜନ କରିଛି। ଉତ୍ତରପ୍ରଦେଶର ବୁନ୍ଦେଲଖଣ୍ଡର ଏଟାୱାର ଓଜାଲନ ସୀମାରେ ରହିଛି ପ୍ରକୃତିର ଏହି ବିଚିତ୍ର ଉପହାର। ସେହି ପଞ୍ଚନଦୀ ହେଲେ- ଯମୁନା, ଚମ୍ବଲ, ସିନ୍ଧୁ, ପହଜ ଓ କୁଆଁରୀ ନଦୀ। କଥିତ ଅଛି, ଏହି ତୀର୍ଥରେ ପାଣ୍ଡବମାନେ ଅଜ୍ଞାତବାସ କାଳରେ ଏକ ବର୍ଷ କଟାଇ ଥିଲେ। ଭୀମ ଏଠାରେ ବକାସୁରକୁ ବଧ କରିଥିଲେ।

କିଂବଦନ୍ତି ଅନୁସାରେ, ଏଠାରେ ଏକଦା ମୁଚୁକୁନ୍ଦଙ୍କର ଆଶ୍ରମ ଥିଲା। ସେ ଥିଲେ ଅଦ୍ଭୁତକର୍ମା। ଏକ ଗୁମ୍ଫା ମଧ୍ୟରେ ତପସ୍ୟା କରିବା ଅବସ୍ଥାରେ ସେ ଅନ୍ତର୍ହିତ ହୋଇଯାଇଥିଲେ। ଏ ପର୍ଯ୍ୟନ୍ତ ତାଙ୍କର ଦେହାବଶେଷ ମିଳି ନାହିଁ। ମନ୍ଦିରର ଚକଡ଼ା ମଧ୍ୟରେ ମୁଚୁକୁନ୍ଦଙ୍କର ପଦଚିହ୍ନକୁ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଓ ରାଜସ୍ଥାନରୁ ବହୁ ଶ୍ରଦ୍ଧାଳୁ ଆସି ପୂଜା କରିଥାନ୍ତି। ଋଷି ମୁଚୁକୁନ୍ଦଙ୍କ ଅଦ୍ଭୁତକର୍ମ ସଂପର୍କରେ ଶୁଣି ସନ୍ଥ ତୁଳସୀଦାସ ମୁଚୁକୁନ୍ଦଙ୍କ ଆଶ୍ରମରେ ପହଞ୍ଚି ତାଙ୍କୁ ପିଇବାକୁ ପାଣି ଟିକିଏ ମାଗିଲେ। ମୁଚୁକୁନ୍ଦ ତାଙ୍କ କମଣ୍ଡଳୁରୁ ପାଣି ଢାଳିବାକୁ ଲାଗିଲେ। ସେହି ପାଣି ଆଦେ ଶେଷ ହେଲା ନାହିଁ। ତୁଳସୀ ଦାସ ମୁଚୁକୁନ୍ଦଙ୍କର ଏହି ଆଶ୍ଚର୍ଯ୍ୟ କ୍ଷମତା ସଂପର୍କରେ ଅବଗତ ହୋଇ ତାଙ୍କର ପାଦପୂଜା କଲେ। ଏଠାରେ ଏକ ମନ୍ଦିରରେ ତୁଳସୀଦାସଙ୍କର ମାଳି, କଉଠ, ଶଙ୍ଖ ଆଦି ସୁରକ୍ଷିତ ହୋଇ ରହିଛି। ଏଠାରେ ପ୍ରାଚୀନ ମହାକାଳେଶ୍ୱର ମନ୍ଦିର ରହିଛି। ଲକ୍ଷଲକ୍ଷ ଶ୍ରଦ୍ଧାଳୁ ପଞ୍ଚନଦ ସଂଗମରେ ସ୍ନାନ କରି ମହାକାଳେଶ୍ୱରଙ୍କୁ ପୂଜନ କରିଥାନ୍ତି। ଏଠାରେ ଏକ ବିରାଟ ମେଳା ପାଞ୍ଚ ଦିନ ଧରି ହୋଇଥାଏ। ଏଠାରେ ସ୍ନାନ କଲେ ଅକାଳମୃତ୍ୟୁ ଦୋଷ ହରଣ ହୋଇଥାଏ। କଥିତ ଅଛି ଏହି ଅଞ୍ଚଳରେ କେବେ ଅଳ୍ପବୃଷ୍ଟି କାରଣରୁ ମରୁଡ଼ି ପଡ଼େ ନାହିଁ।

# ଶ୍ରୀରାମଙ୍କ ପଥ: ଆମର ତୀର୍ଥ, ରାମ-ବନଗମନ ପଥ

ଆନ୍ଧ୍ରପ୍ରଦେଶ ଭଦ୍ରାଚଳ, ଭଦ୍ରାଗିରି, ଶ୍ରୀସୀତାରାମସ୍ୱାମୀ ଦେବସ୍ଥାନମ୍, ଗୋଦାବରୀ ଦିବ୍ୟକ୍ଷେତ୍ର ନାମରେ ଗୋଦାବରୀ ନଦୀ ତଟଦେଶରେ ଅବସ୍ଥିତ ଏକ ପ୍ରସିଦ୍ଧ ତୀର୍ଥ ସ୍ଥାନ। ସଂପ୍ରତି ତାହା ତେଲେଙ୍ଗାନା ରାଜ୍ୟର ଅନ୍ତର୍ଭୁକ୍ତ। ଏଠାରେ ରାମ ଲକ୍ଷ୍ମଣ ସୀତା ପୂଜିତ। ଏହାକୁ ଦକ୍ଷିଣର ଅଯୋଧ୍ୟା କୁହାଯାଏ। ଏହି ସ୍ଥାନ ସଂପର୍କରେ ଏକ ସୁନ୍ଦର କାହାଣୀ ପ୍ରଚଳିତ। ଦଣ୍ଡକାରଣ୍ୟରେ ରହଣି ସମୟରେ ରାମଙ୍କ କୃପାରୁ ଏକ ପଥର ତରଳଭଦ୍ର ନାମକ ଏକ ମନୁଷ୍ୟରେ ପରିଣତ ହୋଇଗଲା। ତାହାଙ୍କୁ ମେରୁ ପର୍ବତଙ୍କର ପୁତ୍ର ନାମରେ ଅଭିହିତ କରାଯାଏ। ମହାମୁନି ସେହି ମେରୁ ପୁତ୍ରଙ୍କୁ ରାମତାରକ ମନ୍ତ୍ର ଜପ କରିବାପାଇଁ ଉପଦେଶ ଦେଲେ। କାରଣ ରାମଙ୍କୁ ଦର୍ଶନ କରିବାପାଇଁ ସେ ଅତ୍ୟନ୍ତ ବ୍ୟାକୁଳ ଥିଲେ। ଗୋଦାବରୀ ନଦୀ କୂଳରେ ବସି ସେ ଜପ କରିବାକୁ ଲାଗିଲେ। ରାମ ତାଙ୍କୁ ସ୍ୱପ୍ନାଦେଶ କଲେ ଯେ ଲଙ୍କା ଫେରିବା ବାଟରେ ସେ ତାଙ୍କୁ ଦର୍ଶନ ଦେବେ। ମାତ୍ର ରାମ ସେ କଥା ଭୁଲିଗଲେ ଏବଂ ସ୍ୱଧାମ ଚାଲିଗଲେ। କିନ୍ତୁ ତରଳଭଦ୍ରଙ୍କର ପ୍ରାର୍ଥନା ଶେଷ ହେଲା ନାହିଁ। ଜୀବନର ଶେଷ ସମୟ ଉପସ୍ଥିତ ହେବାରୁ ସେ ଅତି ବ୍ୟାକୁଳ ହୋଇ ରାମଙ୍କୁ ଡାକିବାରୁ ଶ୍ରୀବିଷ୍ଣୁ ବୈକୁଣ୍ଠରୁ ରାମଙ୍କ ରୂପ ଧାରଣ କରି ତାଙ୍କୁ ଦର୍ଶନ ଦେଲେ।



ବ୍ୟସ୍ତତା ଭିତରେ ବିଷ୍ଣୁ ଭୁଲିଯାଇଥିଲେ ଯେ ରାମ ଦ୍ୱିଭୁଜଧାରୀ ଓ ବିଷ୍ଣୁ ଚତୁର୍ଭୁଜଧାରୀ। ଚତୁର୍ଭୁଜ ରାମ ରୂପ ଧାରଣ କରି ସେ ତରଳଭଦ୍ରଙ୍କୁ ଦର୍ଶନ ଦେଇଥିବାରୁ ଏଠାରେ ପୂଜିତ ରାମଙ୍କ ମୂର୍ତ୍ତି ଚତୁର୍ଭୁଜଧାରୀ ବୈକୁଣ୍ଠରାମ। ରାମଙ୍କର ଏହି ସ୍ମୃତିରେ ଭଦ୍ରାଚଳ ବା ଭଦ୍ରାଗିରିରେ ଶ୍ରୀସୀତାରାମସ୍ୱାମୀ ମନ୍ଦିର ପ୍ରତିଷ୍ଠିତ। ରାମଭକ୍ତ ଭଦ୍ରାଚଳ ରାମଦାସୁଙ୍କଦ୍ୱାରା ଏହି ମନ୍ଦିର ନିର୍ମିତ ହୋଇଥିଲା। ବୈଷ୍ଣବ ପଞ୍ଚରାତ୍ର ନିଗମ ଅନୁସାରେ ଏହି ମନ୍ଦିରର ପୂଜାବିଧି ଅନୁଷ୍ଠିତ ହୁଏ। ଏହି ମନ୍ଦିରର ପ୍ରବେଶ ଦ୍ୱାରକୁ ବୈ?କୁଣ୍ଠଦ୍ୱାର କୁହାଯାଏ। ଏହି ମନ୍ଦିରର ଭିତ୍ତି ସ୍ଥାପନ କରିଥିବା ଗୋପାନ୍ନାଙ୍କ ଦ୍ୱାରା ରଚିତ ଭଜନ ଏହି ମନ୍ଦିରରେ ପ୍ରତ୍ୟହ ଗାନ କରାଯାଏ। ବସନ୍ତ ପକ୍ଷ, ପ୍ରଯୁକ୍ତ ଶ୍ରୀରାମନବମୀ, ବ୍ରହ୍ମୋତ୍ସବ, ବୈକୁଣ୍ଠ ଏକାଦଶୀ, ବିଜୟାଦଶମୀ ସହିତ ଶ୍ରୀସୀତାରାମଥିରୁ କଲ୍ୟାଣ ମହୋତ୍ସବ (ସୀତା-ରାମଙ୍କ ବିବାହ ଉତ୍ସବ) ଏଠରେ ମୁଖ୍ୟ ପର୍ବ।

ଲେପାକ୍ଷି ମନ୍ଦିର- ଭାରତରେ ଥିବା କାରୁକାର୍ଯ୍ୟ ସଂପନ୍ନ ରହସ୍ୟମୟ ଗଠନ ପ୍ରଣାଳୀଯୁକ୍ତ ଏକମାତ୍ର ମନ୍ଦିର ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲ୍ଲାରେ ସ୍ଥିତ ଲେପାକ୍ଷି ମନ୍ଦିର। ଏହି ମନ୍ଦିର ସଂପର୍କରେ ଅନେକ ଆଶ୍ଚର୍ଯ୍ୟ ଓ ସୁନ୍ଦର କଥା ଓ କାହାଣୀ ରହିଛି। ଏହି ମନ୍ଦିର କାରୁକାର୍ଯ୍ୟ ସଂପନ୍ନ। ଆଠଟି ଝୁଲନ୍ତା ସ୍ତମ୍ଭ। ସର୍ବଦା ଜଳସିକ୍ତ ଦେବୀ ସୀତାଙ୍କର ଚରଣକମଳ, କଲ୍ୟାଣମଣ୍ଡପ କାନ୍ଥରୁ ବର୍ଷାକାଳରେ ଝରୁଥିବା ରକ୍ତ ସହିତ ଏହି ବିଶାଳ ମନ୍ଦିରର ଛାତମାନଙ୍କରେ ଥିବା ରାମାୟଣ, ମହାଭାରତ ତଥା ଭାଗବତ ବର୍ଣ୍ଣିତ ଅନେକ ଭିତ୍ତିଚିତ୍ର, ଲେପଚିତ୍ର ତଥା ଖୋଦେଇ ଚିତ୍ର ଏହାର ବୈଶିଷ୍ଟ୍ୟ ପ୍ରତିପାଦନ କରେ। ଏହି ମନ୍ଦିରଟି ଏକ କୂର୍ମାକାର ପର୍ବତ ଶିଖର ଉପରେ ବିଦ୍ୟମାନ, ଯାହାକୁ କୂର୍ମଶିଳା କୁହାଯାଏ। ଲେପାକ୍ଷି ଶବ୍ଦର ଅର୍ଥ- ହେ ପକ୍ଷୀ ଉଠ। କୁହାଯାଏ ରାବଣ ସହିତ ଯୁଦ୍ଧ କଲାବେଳେ ଜଟାୟୁ ପକ୍ଷଚ୍ଛେଦିତ ହୋଇ ଏଠାରେ ଖସିପଡ଼ିଥିଲା। ସୀତାଙ୍କ ବିକଳ ଚିତ୍କାର ଶୁଣି ତାକୁ ଛିନ୍ନପକ୍ଷ ନେଇ ବି ଯୁଦ୍ଧ କରିବାକୁ ହୋଇଥିଲା। ପରିଶେଷରେ ରାମ ଏଠାରେ ତାକୁ ମୁକ୍ତି ପ୍ରଦାନ କରିଥିଲେ। ଷୋଡ଼ଶ ଶତାବ୍ଦୀରେ ନିର୍ମିତ ଏହି ମନ୍ଦିର ସମ୍ମୁଖରେ ଏକ ବିରାଟ ପଥରରେ ନିର୍ମିତ ବୃଷଭ ମୂର୍ତ୍ତି ରହିଛି। ଏଠାରେ ହନୁମାନଙ୍କର ପଦଚିହ୍ନ ମଧ୍ୟ ରହିଛି। ଏହି ମନ୍ଦିରଟି ଏକ ଶିବ (ବୀରଭଦ୍ର) ମନ୍ଦିର। କିନ୍ତୁ ରାମ, ସୀତା, ଜଟାୟୁ, ହନୁମାନ, ଗରୁଡ଼ ଆଦିଙ୍କର ଉପସ୍ଥିତି ହେତୁ ଏହାକୁ ରାମ ବନବାସ ପରିକ୍ରମା ପଥ ସହିତ ସଂଯୁକ୍ତ କରାଯାଇଛି।

ପାରନାଶାଳା-ପର୍ଣ୍ଣଶାଳା- ଦକ୍ଷିଣ ଅଯୋଧ୍ୟା ଭାବରେ କଥିତ ଭଦ୍ରାଚଳ ଠାରୁ ପ୍ରାୟ ୩୫ କିଲୋମିଟର ଦୂରରେ ପର୍ଣ୍ଣଶାଳା ଅବସ୍ଥିତ। କଥିତ ଅଛି, ବନବାସ କାଳରେ ରାମ, ସୀତା ଓ ଲକ୍ଷ୍ମଣ ଏଠାରେ ପର୍ଣ୍ଣଶାଳା (ପତ୍ରକୁଡ଼ିଆ) ନିର୍ମାଣ କରି ବାସ କରୁଥିଲେ। ଏଠାରେ ରାମ ମାରୀଚ ସହିତ ଅନେକ ରାକ୍ଷସଙ୍କୁ ବଧ କରିଥିଲେ। ସଂପ୍ରତି ଏହା ତେଲେଙ୍ଗାନା ରାଜ୍ୟର ଭଦ୍ରାଦି କୋଠାଗୁଡ଼େମ ଜିଲ୍ଲାର ଘଞ୍ଚ ବୃକ୍ଷଲତା ସଂପନ୍ନ ଏକ ଗ୍ରାମ ମଧ୍ୟରେ ଅବସ୍ଥିତ। ଏଠାରେ ଏକ ସୁନ୍ଦର ପର୍ଣ୍ଣକୁଟୀର ସମ୍ମୁଖରେ କାରୁକାର୍ଯ୍ୟ ସଂପନ୍ନ ରାମ, ସୀତା ଓ ଲକ୍ଷ୍ମଣଙ୍କ ମୂର୍ତ୍ତି ରହିଛି। ଏହି ସ୍ଥାନକୁ ଶୋକରାମ ମଧ୍ୟ କୁହାଯାଏ। କାରଣ ଏହି ସ୍ଥାନରୁ ମାତା ସୀତା ରାବଣ ଦ୍ୱାରା ଅପହୃତା ହେଲା ପରେ ରାମ ଶୋକରେ ଅଧୀର ହୋଇ ପଡ଼ିଥିଲେ। ଏଠାରେ ରାମଙ୍କର ଅନେକ ପଦଚିହ୍ନ ଅଛି। ଏହା ସହିତ ସ୍ୱର୍ଣ୍ଣ ମୃଗ ଓ ପୁଷ୍ପକ ବିମାନର ଚକର ଚିହ୍ନ ମଧ୍ୟ ରହିଛି। ଦଶମୁଖ ରାବଣର ମୂର୍ତ୍ତି ମଧ୍ୟ ଏଠାର ଏକ ଆକର୍ଷଣ।

# ଫାଇବରର ଅଭାବ ଶରୀର ପାଇଁ କେତେ କ୍ଷତିକାରକ ?

ସୁସ୍ଥ ରହିବା ପାଇଁ ବହୁ ପୋଷକ ତତ୍ତ୍ୱର ଆବଶ୍ୟକତା ରହିଛି । ଫାଇବରର ଅଭାବ ଶରୀର ପାଇଁ କେତେ କ୍ଷତିକାରକ । ଏହା ଓଜନ କମାଇବାଠାରୁ ଆରମ୍ଭ କରି ହୃଦୟ ରୋଗରୁ ରକ୍ଷା କରିବା ଯାଏ ବହୁତ କିଛିରେ ସହାୟକ ହୋଇଥାଏ । ବାସ୍ତବରେ କହିବାକୁ ଗଲେ ଫାଇବର ହେଉଛି, ଆମେ ଯାହା ଖାଉଛେ ସେସବୁକୁ ଠିକ୍। ଭାବେ ହଜମ କରିବାରେ ଫାଇବର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏହା ଶରୀରକୁ ସିଧାସଳଖ ଭାବେ କୌଣସି ପୋଷକ ତତ୍ତ୍ୱ ଯୋଗାଇ ନଥାଏ, କିନ୍ତୁ ସୁସ୍ଥ ଜୀବନଶୈଳୀ ପାଇଁ ଡାଏଟ୍‌ରେ ଏହାକୁ ସାମିଲ୍ କରିବ ଖୁବ୍ ଜରୁରି । ଏହା ସାହାଯ୍ୟରେ ହିଁ ବ୍ୟକ୍ତି ଅଧିକ ସମୟ ଯାଏ ଭୋକ ଅନୁଭବ କରି ନଥାଏ । ଏହା ଓଭର ଇଟିଙ୍ଗ୍‌ଠାରୁ ରକ୍ଷା କରିବା ସହ ଓଜନ କମାଇବାରେ ସହଯୋଗ କରିଥାଏ । ଚାଲନ୍ତୁ ଜାଣିବା ଫାଇବର କ'ଣ ? ଶରୀରରେ ଏହାର ଆବଶ୍ୟକତା ଓ ଅଭାବରୁ ହେଉଥିବା କ୍ଷତି ବିଷୟରେ ଜାଣିବା । ଫାଇବର ଏକ ପ୍ରକାର କାର୍ବୋ ହାଇଡ୍ରେଟ୍ । ଏହା ହଜମ ପ୍ରକ୍ରିୟାକୁ ସୁଚାରୁ ରୂପେ ନିୟନ୍ତ୍ରିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏହା ଦୁଇପ୍ରକାରର ହୋଇଥାଏ । ପ୍ରଥମତଃ ଘୂର୍ଣ୍ଣନଶୀଳ ଓ ଦ୍ୱିତୀୟତଃ ଅଘୂର୍ଣ୍ଣନଶୀଳ ଫାଇବର ।



ଘୂର୍ଣ୍ଣନଶୀଳ ଫାଇବର ଦ୍ୱାରା ଖାଦ୍ୟ ସହଜରେ ପାଣିରେ ମିଶିଯାଇଥାଏ। ଏହା ଶରୀରରେ ତରଳ ପଦାର୍ଥ ଭାବେ ରୂପାନ୍ତରିତ ହୋଇ କୋଲେଷ୍ଟେରଲ୍‌କୁ ନିୟନ୍ତ୍ରିତ କରିବାରେ ସହଯୋଗ କରିଥାଏ । ସେହିପାଇଁ ମଧୁମେହ ଓ ରକ୍ତଚାପ ରୋଗୀଙ୍କୁ ଡାଏଟ୍?ରେ ଅଧିକ ଘୂର୍ଣ୍ଣନଶୀଳ ଫାଇବର ନେବାକୁ ପରାମର୍ଶ ଦିଆଯାଇଥାଏ । ଦ୍ୱିତୀୟତଃ ଅଘୂର୍ଣ୍ଣନଶୀଳ ଫାଇବର ଓଜନ କମାଇବାକୁ ଚାହୁଁଥିବା ଲୋକଙ୍କ ପାଇଁ ଖୁବ୍ ସହାୟକ ହୋଇଥାଏ । ଏହା ଶରୀରରେ ଥିବା ଅଦରକାରୀ ଖାଦ୍ୟକୁ ସଫା କରିବାରେ ସାହାଯ୍ୟ କରିଥାଏ । ଫାଇବରଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା କେତେକ ରୋଗରୁ ମୁକ୍ତି ମିଳିଥାଏ । ଫାଇବର ଗହମ ଅଟା, ସବୁଜ ପତ୍ରଯୁକ୍ତ ପରିବା, ସାଲାଡ, ଟମାଟୋ, ପିଆଜ, ଚୋପାଯୁକ୍ତ ଡାଲି, ଶାକରକନ୍ଦ, ସୁଜି, ବେସନ, ଦଲିଆ, ଅଙ୍ଗୁର ଓ ସେଓ ଆଦିରୁ ଭରପୂର ମାତ୍ରାରେ ମିଳିଥାଏ । ଯଦି ବ୍ୟକ୍ତିଠାରେ ମଧୁମେହ କିମ୍ବା ମୋଟାପଣ ସମସ୍ୟା ରହିଥାଏ, ତେବେ ଏସବୁ ଖାଦ୍ୟକୁ ଡାଏଟ୍‌ରେ ସାମିଲ୍ କରିବା ଆବଶ୍ୟକ ।

ଶରୀରକୁ ଆବଶ୍ୟକ ପର୍ଯ୍ୟାପ୍ତ ମାତ୍ରାର ଫାଇବର ନ ମିଳିବା ଦ୍ୱାରା ପାଚନ ତନ୍ତ୍ର ବିଗିଡ଼ି ଯାଇଥାଏ । ଫଳରେ ପେଟ ସମସ୍ୟା, ମୁହଁରେ ବ୍ରଣ, ପାଟିରେ ଅଲସର ପରି ସମସ୍ୟା ଦେଖା ଦେଇଥାଏ । ଏହାବ୍ୟତୀତ ଫାଇବର ଅଭାବରୁ ଗ୍ୟାସ୍, କବ୍ଜ, ବଦ୍‌ହଜମୀ ଓ ଏସିଡିଟି ପରି ସମସ୍ୟାମାନ ଉପୁଜିଥାଏ। ସେହିପରି ହୃଦୟଜନିତ ସମସ୍ୟା, ଅନ୍ତଃନଳୀ କର୍କଟ ଇତ୍ୟାଦି ସମସ୍ୟା ମଧ୍ୟ ଆସିପାରେ ।

# ଅଫିସ୍ ବ୍ୟାଗ୍‌ରେ ରଖୁଛନ୍ତି କି ଏହି ଜିନିଷ ? ସାବଧାନ, ବିଗିଡିପାରେ କାମ

ଅଫିସ୍ ବ୍ୟାଗ୍ କେବଳ ଫାଇଲ୍, ଲାପଟପ୍ କିମ୍ବା ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ରଖିବାର ସ୍ଥାନ ନୁହେଁ, ବାସ୍ତୁ ଶାସ୍ତ୍ର ଅନୁସାରେ, ଏହା ଆମର ଦକ୍ଷତା ଏବଂ ବୃତ୍ତିଗତ ଜୀବନକୁ ମଧ୍ୟ ପ୍ରଭାବିତ କରେ। ପ୍ରାୟତଃ, ଆମେ ଅଜାଣତରେ ଅନାବଶ୍ୟକ ଜିନିଷଗୁଡ଼ିକୁ ଆମର ବ୍ୟାଗରେ ରଖିଥାଉ। ଧୀରେ ଧୀରେ, ଏହି ଅବ୍ୟବସ୍ଥା ନକାରାତ୍ମକ ଶକ୍ତିକୁ ବୃଦ୍ଧି କରେ, ଯାହା କାର୍ଯ୍ୟରେ ବାଧା, ଚାପ ଏବଂ ନିଷ୍ପତ୍ତି ନେବାରେ ବାଧା ସୃଷ୍ଟି କରେ। ଯଦି ଆପଣ ମଧ୍ୟ ଚାହାଁନ୍ତି ଯେ ଆପଣଙ୍କ କ୍ୟାରିଅର ବିନା ବାଧାରେ ଆଗକୁ ବଢୁ, ତେବେ ଆପଣଙ୍କ ଅଫିସ୍ ବ୍ୟାଗ ସହିତ ଜଡିତ ଏହି ବାସ୍ତୁ ଟିପ୍ସଗୁଡ଼ିକ ଉପରେ ଧ୍ୟାନ ଦିଅନ୍ତୁ। ବାସ୍ତୁ ଶାସ୍ତ୍ର ଅନୁସାରେ, ଆପଣଙ୍କ ଅଫିସ୍ ବ୍ୟାଗ ସର୍ବଦା ସଫା ରହିବା ଉଚିତ। ବ୍ୟାଗରେ ପୁରୁଣା ବିଲ୍, ରସିଦ ଏବଂ ଅଦରକାରୀ କାଗଜପତ୍ର ରଖିବା ଦ୍ୱାରା ମାନସିକ ଦ୍ୱନ୍ଦ୍ୱ ବୃଦ୍ଧି ପାଏ। ଏହା ଏକାଗ୍ରତାକୁ ପ୍ରଭାବିତ କରିପାରେ ଏବଂ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ବିଳମ୍ବ କରିପାରେ। ବ୍ୟାଗରେ ତୀକ୍ଷ୍ଣ କିମ୍ବା ଧାରୁଆ ଜିନିଷ ରଖିବା ଅଶୁଭ ବୋଲି ବିବେଚନା କରାଯାଏ। ଏହା ନକାରାତ୍ମକ ଶକ୍ତିକୁ ବୃଦ୍ଧି କରେ। ଯଦି ଆପଣଙ୍କୁ ଏପରି ଜିନିଷ ରଖିବା ଆବଶ୍ୟକ ପଡେ, ତେବେ ସେଗୁଡ଼ିକୁ ଏକ ପୃଥକ କଭର କିମ୍ବା ପାଉଚରେ ସୁରକ୍ଷିତ ଭାବରେ ରଖନ୍ତୁ। ବ୍ୟାଗରେ ଅଧିକ ଜିନିଷ ରଖିବା ବୃତ୍ତିଗତ ଅଭିବୃଦ୍ଧିକୁ ବାଧା ଦେଇପାରେ। ଏକ ଅବ୍ୟବସ୍ଥିତ ବ୍ୟାଗ୍ ଛୋଟ ଛୋଟ କାମକୁ ମଧ୍ୟ ସମୟ ମଧ୍ୟରେ ସମାପ୍ତ କରିବାରେ ବାଧା ଦେଇପାରେ ଏବଂ ଚାପ ବୃଦ୍ଧି କରିପାରେ। ଭଙ୍ଗା କଲମ, ତ୍ରୁଟିପୂର୍ଣ୍ଣ ଚାର୍ଜର, ଅଦରକାରୀ ହେଡଫୋନ୍ କିମ୍ବା ଅକାର୍ଯ୍ୟକ୍ଷମ ଗ୍ୟାଜେଟ୍ ଆପଣଙ୍କ ବ୍ୟାଗରେ ରଖନ୍ତୁ ନାହିଁ। ଏପରି ଜିନିଷଗୁଡ଼ିକ ଶକ୍ତିକୁ ଦୁର୍ବଳ କରିଦିଏ ଏବଂ ମନରେ ନକାରାତ୍ମକତାକୁ ବୃଦ୍ଧି କରିପାରେ।

# ଟିମ୍ ଇଣ୍ଡିଆ ପାଇଁ ୧୦୦ କୋଟିରୁ ଅଧିକ ପୁରସ୍କାର ରାଶି ଘୋଷଣା କଲା ବିସିସିଆଇ




**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆ ପାଇଁ ବିସିସିଆଇ ବଡ଼ ଘୋଷଣା କରିଛି । ମାର୍ଚ୍ଚ ୮ ତାରିଖରେ, ସୂର୍ଯ୍ୟକୁମାର ଯାଦବଙ୍କ ଅଧିନାୟକତ୍ୱରେ ଭାରତୀୟ କ୍ରିକେଟ୍ ଟିମ୍ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ୨୦୨୬ ଟି୨୦ ବିଶ୍ୱକପ୍ ଜିତିଥିଲା । ଭାରତୀୟ ଦଳ ଆଇସିସିରୁ ପାଇବାକୁ ଥିବା ପୁରସ୍କାର ରାଶି ପାଇସାରିଛି ଏବଂ ଏବେ ବିସିସିଆଇ ମଧ୍ୟ ତା'ର ରାଜକୋଷ ଖୋଲି ଦେଇଛି । ଟିମ୍ ଇଣ୍ଡିଆ ପାଇଁ ମୋଟ ୧୩୧ କୋଟି ଟଙ୍କା ଘୋଷଣା କରିଛି ବିସିସିଆଇ । ବିସିସିଆଇ ସଚିବଙ୍କ ପକ୍ଷରୁ ପୁରସ୍କାର ରାଶି ଘୋଷଣା କରାଯାଇଛି ।

ବିସିସିଆଇ ସଚିବ ଦେବଜିତ ସାଇକିଆ କହିଛନ୍ତି ଯେ, ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ୨୦୨୬ରେ ପ୍ରଭାବଶାଳୀ ଅଭିଯାନ ପରେ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଟିମ୍ ଇଣ୍ଡିଆ ପାଇଁ ୧୩୧ କୋଟି ଟଙ୍କା ପୁରସ୍କାର ଘୋଷଣା କରିଛି ।

ଦେବଜିତ ସାଇକିଆ ଏହା ମଧ୍ୟ ଲେଖିଛନ୍ତି ଯେ ଭାରତୀୟ କ୍ରିକେଟ୍ ଦଳ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ୨୦୨୬ ଟି୨୦ ବିଶ୍ୱକପ୍ ଜିତିଥିଲା । ଏହି ବିଜୟ ସହିତ ଭାରତ କେବଳ ସଫଳତାର ସହ ନିଜର ଟାଇଟଲ ରକ୍ଷା କରିନାହିଁ ବରଂ ଇତିହାସରେ ପ୍ରଥମ ଦଳ ଭାବରେ ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ବଜାୟ ରଖିଛି । ଏହି ବିଜୟ ସହିତ, ଭାରତ ତିନି ଥର ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ଜିତିଥିବା ପ୍ରଥମ ଦଳ ହୋଇ ଏହି ଫର୍ମାଟର ଇତିହାସରେ ସବୁଠାରୁ ସଫଳ ଦଳ ଭାବରେ ନିଜର ସ୍ଥିତିକୁ ଆହୁରି ମଜବୁତ କରିଛି । ସାଇକିଆ ଏହା ମଧ୍ୟ କହିଛନ୍ତି ଯେ ବୋର୍ଡ ପୁଣିଥରେ ଏହି ଐତିହାସିକ ସଫଳତା ପାଇଁ ଖେଳାଳି, ସହାୟକ କର୍ମଚାରୀ ଏବଂ ଚୟନକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଉଛି ଏବଂ ଭବିଷ୍ୟତରେ ସେମାନଙ୍କର ସଫଳତା ପାଇଁ କାମନା କରୁଛି ।

## ଟି-ଟ୍ୱେଣ୍ଟି ବିଶ୍ୱକପ୍ ଇତିହାସରେ ରେକର୍ଡ

# ୯ ହଜାର କୋଟି ରୋଜଗାର କଲା ଆଇସିସି !

**ନୂଆଦିଲ୍ଲୀ**

ଟି -ଟ୍ୱେଣ୍ଟି ବିଶ୍ୱକପ୍ ଶେଷ ହୋଇଛି । କ୍ରମାନ୍ୱୟରେ ଦ୍ୱିତୀୟ ଥର ଏବଂ ମୋଟ୍‌ରେ ୩ ଥର ଚାମ୍ପିଅନ ହୋଇ ଭାରତ ଇତିହାସ ରଚିଛି । ଚଳିତ ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଆଇସିସି ମୋଟ୍ ୧ ବିଲିୟନ ଡଲାର ବା ୯୦୦୦ କୋଟି (ଆନୁମାନିକ) ଟଙ୍କା ରୋଜଗାର କରିବାକୁ ଲକ୍ଷ୍ୟ ରଖିଥିଲା । ଯେଉଁଥିରେ ପ୍ରାୟତଃ ସଫଳ ହୋଇଛି । ଯାହା ଟି-ଟ୍ୱେଣ୍ଟି ବିଶ୍ୱକପ୍ ଇତିହାସରେ ଏକ ରେକର୍ଡ । ତେଣୁ ଖେଳ କେବଳ ଖେଳରେ ସୀମିତ ନରହି, ଏହା ଏକ ବଡ଼ ବଜାରରେ ପରିଣତ ହୋଇଛି । ଦର୍ଶକ ଓ ପ୍ରଶଂସକ ହେଉଛନ୍ତି ଏହି ବଜାରରେ ଗ୍ରାହକ । ଖେଳର ପ୍ରକୃତ ଉଦ୍ଦେଶ୍ୟ କ'ଣ ? ପରସ୍ପର ମଧ୍ୟରେ ଭ୍ରାତୃଭାବ ପ୍ରତିଷ୍ଠା । ନିଜ ନିଜ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ପ୍ରତିଷ୍ଠା କରିବା, କିନ୍ତୁ ବର୍ତ୍ତମାନ ସମୟ ବଦଳି ଯାଇଛି । କେବଳ ଖେଳକୁ ନେଇ ଅର୍ଥ ଉପାର୍ଜନ ଉପରେ ଫୋକସ୍ କରାଯାଉଛି । ଆଇସିସି ଟି-ଟ୍ୱେଣ୍ଟି ବିଶ୍ୱକପ୍ ୨୦୨୬ ସଂସ୍କରଣରୁ ୧ ବିଲିୟନ ଡଲାର ରୋଜଗାର କରିବା ପାଇଁ ଯୋଜନା କରିଥିଲା । କାରଣ ଭାରତ



ଏହାର ମୁଖ୍ୟ ଆୟୋଜକ । ବିଶ୍ୱ କ୍ରିକେଟର ସବୁଠୁ ବଡ଼ ବଜାର । ତେଣୁ ଭେନ୍ୟୁ ଓ ସୂଚୀ ମଧ୍ୟ ସେମିତି ପ୍ରସ୍ତୁତ କରାଯାଇଥିଲା । କେବଳ ମ୍ୟାଚ୍ ପ୍ରସାରଣରୁ ୯୦ ପ୍ରତିଶତ ଅର୍ଥ କେବଳ ଭାରତରୁ ଆଇସିସି ମ୍ୟାଚର ପ୍ରସାରଣ ଅଧିକାର ବାବଦରେ ପୂରା ଟୁର୍ଣ୍ଣାମେଣ୍ଟର ୯୦ ପ୍ରତିଶତ ଅର୍ଥ ପାଇଛି ।

ଜିଓହଟ୍‌ଷ୍ଟାର ପ୍ରସାରଣ ଅଧିକାର ପାଇଥିଲା । ଭାରତ ଓ ପାକିସ୍ତାନ ମ୍ୟାଚ୍‌କୁ ନେଇ ଯେତିକି ଆଲୋଚନା ହୁଏ, ଏହାର ବ୍ରାଣ୍ଡ ଭାଲ୍ୟୁ ସେତିକି ଆକାଶ ଛୁଆଁ ହୋଇଯାଏ । ଏଥର ଭାରତ ଓ ପାକିସ୍ତାନ ଥରୁଟିଏ ମୁହାଁମୁହିଁ ହୋଇଥିଲେ । ଏହି ଗୋଟିଏ ମ୍ୟାଚ୍‌ରୁ ୨୨୦୦ରୁ ଊର୍ଦ୍ଧ୍ୱ କୋଟି ଟଙ୍କା ଆଇସିସି ରୋଜଗାର କରିଥିବା ବିଭିନ୍ନ ଗଣମାଧ୍ୟମର ରିପୋର୍ଟରୁ ଜଣାପଡ଼ିଛି । ଆଇସିସି ୨୦୨୪ରୁ ୨୦୨୭ ପର୍ଯ୍ୟନ୍ତ ମିଡିଆ ରାଇଟ୍ (ପ୍ରସାରଣ ଅଧିକାର) ବିକ୍ରି କରି ୩ ବିଲିୟନ ଡଲାର (୨୭ ହଜାର କୋଟିରୁ ଊର୍ଦ୍ଧ୍ୱ) ପାଇଛି । ପ୍ରସାରଣ ଅଧିକାର ବ୍ୟତୀତ ବିଭିନ୍ନ ପ୍ରାୟୋଜକ ଓ ଟିକେଟ୍ ବାବଦରେ ମଧ୍ୟ ବହୁ ଅର୍ଥ ରୋଜଗାର କରିଛି ଆଇସିସି । ୨୦ ପ୍ରତିଶତ ବଢ଼ିଛି ପୁରସ୍କାର ରାଶି ପୂର୍ବ ସଂସ୍କରଣରୁ ୨୦୨୬ ସଂସ୍କରଣ ପାଇଁ ପୁରସ୍କାର ରାଶି ୨୦ ପ୍ରତିଶତ ବୃଦ୍ଧି କରାଯାଇଥିଲା ।

ଏଥର ମୋଟ୍ ୧୩.୫ ମିଲିୟନ ଡଲାର (୧୨୦ କୋଟି) ପୁରସ୍କାର ରାଶି ରହିଥିଲା । ଚାମ୍ପିଅନ ଦଳକୁ ୩ ମିଲିୟନ (୨୭.୪୮ କୋଟି) ଏବଂ ରନର୍ସଅପ୍ ଦଳକୁ ୧.୬ ମିଲିୟନ ଡଲାର (୧୪.୬୫ କୋଟି) ପ୍ରଦାନ କରାଯାଇଥିଲା । ଭାରତରୁ ଆଇସିସି ସର୍ବାଧିକ ଅର୍ଥ ରୋଜଗାର କରିଥାଏ । ତେଣୁ ବିସିସିଆଇ ଭାଗରେ ଅଧିକ ଅର୍ଥ ମିଳିଥାଏ । ଆଇସିସି ବାର୍ଷିକ ୬୦୦ ମିଲିୟନ ଡଲାର ବିଭିନ୍ନ ଇଭେଣ୍ଟ ଆୟୋଜନ କରି ରୋଜଗାର କରେ । ୨୦୨୪ରୁ ୨୦୨୭ ଚକ୍ରରେ ବିସିସିଆଇକୁ ଆଇସିସିର ମୋଟ୍ ରୋଜଗାରର ୩୮.୫ ପ୍ରତିଶତ (ବାର୍ଷିକ ୨୩୧ ମିଲିୟନ ଡଲାର) ଅର୍ଥ ମିଳିବା ନେଇ ଚୁକ୍ତି ହୋଇଛି । ୨୦୨୨ରେ ବିଶ୍ୱକପ୍‌ରେ ମୋଟ୍ ପୁରସ୍କାର ରାଶି ୧ ବିଲିୟନ ଡଲାର ରହିଥିଲା । ଯାହା ଏଥର ଆଇସିସିର ପୂରା ଟୁର୍ଣ୍ଣାମେଣ୍ଟର ରୋଜଗାର ଠାରୁ ଅଧିକ । ୨୦୨୬ ସଂସ୍କରଣରେ ପୁରସ୍କାର ରାଶି ଦୁଇଗୁଣା ହେବ ବୋଲି ଆଶା କରାଯାଉଛି । କଥା ହେଉଛି, ଧୀରେ ଧୀରେ କ୍ରିକେଟ୍ ଯେମିତି ଟି-ଟ୍ୱେଣ୍ଟି ମାଧ୍ୟମରେ ସାରା ବିଶ୍ୱରେ ଲୋକପ୍ରିୟତାର ସିଡ଼ି ଚଢୁଛି, ଆଗାମୀ ଦୁଇ ଦଶନ୍ଧି ମଧ୍ୟରେ ଆଇସିସି ଫିଫାର ବହୁ ନିକଟତର ହୋଇଯିବ ବୋଲି ଆଶା ।

## ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ମହୋତ୍ସବ

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଚାମ୍ପିଅନ

**ବାରଙ୍ଗ, ନ୍ୟୁଜ୍‌ବ୍ୟୁରୋ**

ଆଇଆଇଆଇଟି ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ମହୋତ୍ସବ 'କ୍ରୀଡ଼ା-୨୦୨୬'ରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅଭୂତପୂର୍ବ ସଫଳତା ଅର୍ଜନ କରିଛି । ଏହାର ପୁରୁଷ ବାସ୍କେଟବଲ୍ ଟିମ୍ ୧୨ଟି ଦଳ ମଧ୍ୟରୁ ଚାମ୍ପିଅନ୍ ହୋଇଛି । ସେହିପରି ପୁରୁଷ ଫୁଟବଲ୍ ଫାଇନାଲରେ ମାତ୍ର ଗୋଟିଏ ଗୋଲ୍ ବ୍ୟବଧାନରେ ପରାଜିତ ହୋଇ ରନର୍ସଅପ୍ ହୋଇଛି । ପୁରୁଷ ବାସ୍କେଟବଲରେ ୧୨ଟି ଦଳ ଚାରିଟି ପୁଲରେ ଭାଗ ହୋଇ ଖେଳୁଥିଲେ । ଏସଏସୟୁ ନିଜ ପ୍ରଥମ ଲିଗ୍ ମ୍ୟାଚ୍‌ରେ ସିଜିୟୁକୁ ୫୦-୧୫ ଏବଂ ଦ୍ୱିତୀୟ ଲିଗ୍ ମ୍ୟାଚରେ ଆଇଟିଇଆର, ସୋଆ ବିଶ୍ୱବିଦ୍ୟାଳୟକୁ ୪୩-୧୬ ପଏଣ୍ଟରେ ହରାଇ ସେମି ଫାଇନାଲରେ ପ୍ରବେଶ କରିଥିଲା । ସେମିରେ ପୁନର୍ବାର ସୋଆକୁ ୬୦-୨୯ରେ ଏବଂ ଫାଇନାଲରେ ଆୟୋଜକ ଆଇଆଇଆଇଟି, ଭୁବନେଶ୍ୱରକୁ ୩୬-୧୯ ପଏଣ୍ଟରେ ହରାଇ ଚାମ୍ପିଅନ୍ ହୋଇଥିଲା । ଦଳ ପକ୍ଷରୁ ଶୋଭନ କୁମାର ପ୍ରଧାନ 'ପ୍ଲେୟାର ଅଫ ଦ ଟୁର୍ଣ୍ଣାମେଣ୍ଟ' ବିବେଚିତ ହୋଇଥିଲେ । ପୁରୁଷ ଫୁଟବଲରେ ମଧ୍ୟ ୧୨ଟି ଦଳ ଚାରିଟି ପୁଲରେ ବିଭକ୍ତ ହୋଇ ଖେଳୁଥିଲେ । ତନ୍ମଧ୍ୟରୁ ଏସେସୟୁ ନିଜ ପ୍ରଥମ ଲିଗ୍ ମ୍ୟାଚରେ ଓୟୁଟିଆରକୁ ୨-୦ ଏବଂ ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ସୋଆ ବିଶ୍ୱବିଦ୍ୟାଳୟକୁ ୧-୦ ଗୋଲରେ ହରାଇ ସେମିରେ ପ୍ରବେଶ କରିଥିଲା । ସେମି ଫାଇନାଲରେ ଆୟୋଜକ ଆଇଆଇଆଇଟି, ଭୁବନେଶ୍ୱରକୁ ୧-୦ ଗୋଲରେ ହରାଇ ଫାଇନାଲକୁ ଯାଇଥିଲା । ତେବେ ଫାଇନାଲରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ସତ୍ତ୍ୱେ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ଠାରୁ ୦-୧ ଗୋଲରେ ପରାଜୟ ବରଣ କରି ରନର୍ସ ଅପରେ ସନ୍ତୁଷ୍ଟ ହୋଇଥିଲା ।

# ଅର୍ଶଦୀପ ସିଂହଙ୍କ ମ୍ୟାଚ୍ ଫି' କାଟିଲା ଆଇସିସି

**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆର ଷ୍ଟାର ବୋଲର ଅର୍ଶଦୀପ ସିଂହଙ୍କୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ବା ଆଇସିସିରୁ ବଡ଼ ଝଟ୍‌କା ମିଳିଛି । ଆଇସିସି ତାଙ୍କଠାରୁ ଜରିମାନା ଆଦାୟ କରିଛି । ରବିବାର ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତର ଟି-୨୦ ବିଶ୍ୱକପ୍ ଫାଇନାଲ୍ ସମୟରେ ଅର୍ଶଦୀପ ଏବଂ ମିଚେଲ ପରସ୍ପର ମଧ୍ୟରେ ବିବାଦ ହୋଇଥିଲା । ଏହି ଘଟଣା ପାଇଁ ଅର୍ଶଦୀପଙ୍କୁ ଆଇସିସି ଆଚରଣ ସଂହିତାର ଲେଭଲ-୧ ଉଲ୍ଲଂଘନ ପାଇଁ ଦୋଷୀ ସାବ୍ୟସ୍ତ କରାଯାଇଛି ।

ଆଇସିସି ଅର୍ଶଦୀପ ସିଂହଙ୍କୁ ତାଙ୍କ ମ୍ୟାଚ୍ ଫି'ର ୧୫ ପ୍ରତିଶତ ଜରିମାନା କରିଛି । ଅର୍ଶଦୀପ




ଆଇସିସି ଆଚରଣ ସଂହିତାର ଧାରା ୨.୯ ଉଲ୍ଲଂଘନ କରିଥିବାରୁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଏହି ନିୟମ ଅନ୍ତର୍ଜାତୀୟ ମ୍ୟାଚ୍ ସମୟରେ କୌଣସି ଖେଳାଳିଙ୍କ ଆଡ଼କୁ ଅନୁପଯୁକ୍ତ କିମ୍ବା ବିପଦପୂର୍ଣ୍ଣ ଭାବରେ ବଲ୍ କିମ୍ବା କ୍ରିକେଟ ଉପକରଣ ଫିଙ୍ଗିବା ସହିତ ଜଡ଼ିତ । ଜରିମାନା ବ୍ୟତୀତ, ଅର୍ଶଦୀପ ସିଂହଙ୍କୁ ତାଙ୍କ ଶୃଙ୍ଖଳାଗତ ରେକର୍ଡରେ ଗୋଟିଏ ଡିମେରିଟ୍ ପଏଣ୍ଟ ମଧ୍ୟ ମିଳିଛି । ଗତ ୨୪ ମାସ ମଧ୍ୟରେ ଏହା ତାଙ୍କର ପ୍ରଥମ ଏପରି ଉଲ୍ଲଂଘନ ।

ନ୍ୟୁଜିଲାଣ୍ଡ ଇନିଂସର ୧୧ତମ ଓଭରରେ ଏହି ଘଟଣା ଘଟିଥିଲା । ଅର୍ଶଦୀପ ବଲ ଫିଲ୍ଡିଂ କରି ବ୍ୟାଟ୍‌ସମ୍ୟାନ ଡାରିଲ ମିଚେଲଙ୍କ ଆଡ଼କୁ ଦ୍ରୁତଗତିରେ ଫିଙ୍ଗିଥିଲେ, ଯାହା ତାଙ୍କ ପ୍ୟାଡରେ ବାଜିଥିଲା । ତଥାପି ଭାରତୀୟ ବୋଲର ମ୍ୟାଚ୍ ରେଫରିଙ୍କ ଦ୍ୱାରା ଲାଗୁ ହୋଇଥିବା ଦଣ୍ଡକୁ ଗ୍ରହଣ କରିଥିବାରୁ ଆନୁଷ୍ଠାନିକ ଶୁଣାଣି ଆବଶ୍ୟକ ନଥିଲା । ଓଭର ପରେ ଡାରିଲ ମିଚେଲ ଏବଂ ଅର୍ଶଦୀପ ସିଂହ ମଧ୍ୟ ହାତ ମିଳାଉଥିବାର ଦେଖାଯାଇଥିଲା ।

ଲେଭଲ-୧ ଉଲ୍ଲଂଘନ ପାଇଁ ଜଣେ ଖେଳାଳିଙ୍କୁ ସରକାରୀ ଚେତାବନୀ ଠାରୁ ଆରମ୍ଭ କରି ତାଙ୍କ ମ୍ୟାଚ୍ ଫି'ର ସର୍ବାଧିକ ୫୦ ପ୍ରତିଶତ ଜରିମାନା ଏବଂ ଗୋଟିଏ କିମ୍ବା ଦୁଇଟି ଡିମେରିଟ୍ ପଏଣ୍ଟ ପର୍ଯ୍ୟନ୍ତ ଦଣ୍ଡିତ କରାଯାଇପାରେ । ଯଦି ଜଣେ ଖେଳାଳି ୨୪ ମାସ ମଧ୍ୟରେ ଚାରି କିମ୍ବା ତା'ଠାରୁ ଅଧିକ ଡିମେରିଟ୍ ପଏଣ୍ଟ ସଂଗ୍ରହ କରନ୍ତି, ତେବେ ସେଗୁଡ଼ିକୁ ନିଲମ୍ବନ ପଏଣ୍ଟରେ ପରିଣତ କରାଯାଏ ଏବଂ ଏହା ଦ୍ୱାରା ତାଙ୍କ ଉପରେ ପ୍ରତିବନ୍ଧକ ମଧ୍ୟ ଲାଗିପାରେ ।

# ବିଶ୍ରାମ ନେବେ ବୁମ୍‌ରା

**ମୁମ୍ବାଇ**

ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବିଜୟର ଐତିହାସିକ ସଫଳତା ହାସଲ କରିବାର ମାତ୍ର ଦୁଇ ଦିନ ପରେ ଭାରତୀୟ କ୍ରିକେଟ୍ ଦଳର ତାରକା ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଆସନ୍ତାବର୍ଷର ଦିନିକିଆ ବିଶ୍ୱକପ୍ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବା ଆରମ୍ଭ କରି ଦେଇଛନ୍ତି । ସେଥିପାଇଁ ଆଗାମୀ ୧୮ ମାସ ଭିତରେ ଭାରତୀୟ କ୍ରିକେଟ୍ ଦଳ ଖେଳିବାକୁ ଥିବା ଦ୍ୱିପାକ୍ଷିକ ଶୃଙ୍ଖଳାର ଟ୍ୱେଣ୍ଟି-୨୦ ପରିବର୍ତ୍ତେ ଦିନିକିଆ ପର୍ଯ୍ୟାୟ ଉପରେ ଅଧିକ ଧ୍ୟାନ ଦେବେ ସେ । ଭାରତର ୨୦୨୭ ଦିନିକିଆ ବିଶ୍ୱକପ୍ ଯୋଜନାରେ ବୁମ୍‌ରା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ଥିବାରୁ ବିସିସିଆଇ ମଧ୍ୟ ତାଙ୍କର ଏହି ଇଚ୍ଛାକୁ ପରୋକ୍ଷ ସମ୍ମାନ ଜଣାଇଛି । କାର୍ଯ୍ୟଭାର ପରିଚାଳନା ସହ ତାଙ୍କ ଉପରୁ ଚାପ କମାଇବା ଲାଗି ବୁମ୍‌ରାଙ୍କୁ ଏଭଳି ରିହାତି ଦେବାର ସଙ୍କେତ ବି ଦେଇ ସାରିଛି । ବୁମ୍‌ରା ମଧ୍ୟ ଟ୍ୱେଣ୍ଟି-୨୦ ଫର୍ମାଟ୍‌ରେ ଖେଳାଯିବାକୁ ଥିବା ୨୦୨୮ ଲସ୍‌ଏଞ୍ଜେଲ୍‌ସ ଅଲିମ୍ପିକ୍ସ ଖେଳିବାକୁ ବିଶେଷ ଆଗ୍ରହ ପ୍ରକାଶ କରିଛନ୍ତି । ଏଣୁ ସେପର୍ଯ୍ୟନ୍ତ ନିଜକୁ ସୁସ୍ଥ ଓ ସତେଜ ରଖିବାକୁ ମଝିରେ ମଝିରେ କ୍ରିକେଟ୍‌ରୁ ବିରତି ନେବାକୁ ଚାହୁଁଥିବା ଜଣାପଡ଼ିଛି । ତେବେ ସେ ଜାପାନର ଆଇଚି-ନାଗୋୟାଠାରେ ଖେଳାଯିବାକୁ ଥିବା ଏସୀୟ କ୍ରୀଡ଼ାରେ ଖେଳିପାରନ୍ତି । ଏହା ମଧ୍ୟ ଟ୍ୱେଣ୍ଟି-୨୦ ଫର୍ମାଟ୍‌ରେ ଆୟୋଜିତ ହେବ । ବୁମ୍‌ରାଙ୍କ ମୁଖ୍ୟ ଲକ୍ଷ୍ୟ କିନ୍ତୁ ୨୦୨୭ ଦିନିକିଆ ବିଶ୍ୱକପ୍ ରହିବ ।

# ସର୍ବଭାରତୀୟ ଦିବାରାତ୍ର ଜଗନ୍ନାଥ ମିସ୍ତ୍ରୀ ସ୍ମାରକୀ ମୟୂରଭଞ୍ଜ ଫୁଟବଲ ଟୁର୍ଣ୍ଣାମେଣ୍ଟର ୨ୟ ଦିନ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଜଗନ୍ନାଥ ମିସ୍ତ୍ରୀ ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ୨ୟ ବାର୍ଷିକ ସର୍ବଭାରତୀୟ ଦିବାରାତ୍ର ଜଗନ୍ନାଥ ମିସ୍ତ୍ରୀ ସ୍ମାରକୀ ମୟୂରଭଞ୍ଜ ଫୁଟବଲ ଟୁର୍ଣ୍ଣାମେଣ୍ଟର ୨ୟ ଦିନର ପ୍ରଥମ ମ୍ୟାଚରେ କିସାନ ବ୍ରଦର୍ସ ଏଫସି ୭-୨ ଗୋଲରେ ଏମଏସସିବି ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି ଓ କିସାନ ବ୍ରଦର୍ସ ଦଳର ଛଟୁ ମୁର୍ମୁ ୩ଟି ଏବଂ ନୀତେଶ ବାରି, ଛୋଟଲାଲ ମହାନ୍ତ, ରାଜ ପୂର୍ତ୍ତି ଓ ବସ୍ତା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିବା ବେଳେ ଏମଏସସିବି ଦଳର ସୁଶାନ୍ତ ମାଝୀ ଓ ସାଗେନ ବାସ୍କେ ଗୋଟିଏ ଲେଖାଏଁ ଗୋଲ କରିଥିଲେ । ସନ୍ତୋଷ କୁମାର ରାଉତ, ଦିଲ୍ଲୀପ କୁମାର ପ୍ରଧାନ, ଦୀପକ ଖୁଣ୍ଟିଆ ଓ ରାଜୀବ ହେମ୍ବ୍ରମ ଖେଳ ପରିଚାଳନା କରିଥିଲେ । ଖବର ମିଳିବା ସୁଦ୍ଧା ୨ୟ ମ୍ୟାଚ୍ ଷ୍ଟେସନ ବଜାର ଏଫସି ଓ ବାବା ପିଲଚୁ ୟୁଥ କ୍ଲବ ମଧ୍ୟରେ ଚାଲିଥିଲା । ଅତିଥି ଭାବେ ମୟୂରଭଞ୍ଜ ସେଣ୍ଟ୍ରାଲ ସମବାୟ ବ୍ୟାଙ୍କର ସଭାପତି ସୁବ୍ରମନିୟମ ମହାନ୍ତି, ଉପ ଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ ଗୋଛାୟତ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ସୁଭାଶିଷ ନାୟକ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆୟୋଜନ କମିଟିର ଅଧ୍ୟକ୍ଷ ଅସିତ ବରଣ ପତି, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଜୀବନ କୁମାର ସାହୁ, ସାଧାରଣ ସମ୍ପାଦକ ଅଶୋକ ମିସ୍ତ୍ରୀ, ସାଙ୍ଗଠନିକ ସମ୍ପାଦକ ଅମର କୁମାର ସେଠିଙ୍କ ସମେତ ବରିଷ୍ଠ ସଦସ୍ୟ କୈଳାଶ ବେହେରା, ବିଜୟ କୁମାର ଦାସ, କୁମାର ରଞ୍ଜନ ପଣ୍ଡା, ପ୍ରଦୀପ ମିସ୍ତ୍ରୀ, ବିଶ୍ୱଜିତ ନାୟକ, ବନବିହାରୀ ମଉଗଜ, ଅଶୋକ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ମାଥ୍ୟୁ ହେଡେନଙ୍କୁ କୋଚ୍ କଲା ଗୁଜରାଟ

**ନୂଆଦିଲ୍ଲୀ**

ଆଇପିଏଲ ୨୦୨୬ ଆରମ୍ଭ ପୂର୍ବରୁ, ଗୁଜୁରାଟ ଟାଇଟାନ୍ସ ସେମାନଙ୍କ ଦଳ ପରିଚାଳନାରେ ଏକ ବଡ଼ ପରିବର୍ତ୍ତନ କରିଛି । ଫ୍ରାଞ୍ଚାଇଜ୍ ପୂର୍ବତନ ଅଷ୍ଟ୍ରେଲୀୟ ଓପନର ମାଥ୍ୟୁ ହେଡେନଙ୍କୁ ଦଳର ନୂଆ ବ୍ୟାଟିଂ ପ୍ରଶିକ୍ଷକ ଭାବେ ନିଯୁକ୍ତ କରିଛି । ତାଙ୍କ ଯୁଗରେ ସେ ସବୁଠାରୁ ବିପଜ୍ଜନକ ଓପନରମାନଙ୍କ ମଧ୍ୟରୁ ଜଣେ ଥିଲେ । ରନ୍ ମହାରଥୀ ମାଥ୍ୟୁ ଏବେ ଗୁଜରାଟ ଖେଳାଳିଙ୍କୁ ବ୍ୟାଟିଂ କୌଶଳ ଶିଖାଇବେ ।

ମାଥ୍ୟୁ ହେଡେନଙ୍କ କ୍ୟାରିୟର- ସେ ତାଙ୍କ ସମୟର ସବୁଠାରୁ ପ୍ରଭାବଶାଳୀ ଅଷ୍ଟ୍ରେଲିଆ ବ୍ୟାଟରଙ୍କ ମଧ୍ୟରୁ ଜଣେ ଥିଲେ । ସେ ୨୭୩ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ ଏବଂ ୧୫,୦୦୦ରୁ ଅଧିକ ରନ୍ କରିଛନ୍ତି । ହେଡେନ୍ ଦୁଇଥର ଦିନିକିଆ ବିଶ୍ୱକପ୍ ଜିତିଥିବା ଅଷ୍ଟ୍ରେଲିଆ ଦଳର ମଧ୍ୟ ଅଂଶ ଥିଲେ ଏବଂ ଅନେକ ଆଇସିସି ଟୁର୍ଣ୍ଣାମେଣ୍ଟ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ମାଥ୍ୟୁ ହେଡେନ୍ ଏବେ ଆଶିଷ ନେହେରା, ବିକ୍ରମ ସୋଲାଙ୍କି ଏବଂ ପାର୍ଥିବ



ପଟେଲଙ୍କୁ ନେଇ ଗଠିତ ଏକ ସପୋର୍ଟ ଷ୍ଟାଫ୍‌ଙ୍କ ସହ ଯୋଗ ଦେବେ । ପୂର୍ବରୁ ସେ ପୁରୁଷ ସିନିୟର ଦଳର ବ୍ୟାଟିଂ ପରାମର୍ଶଦାତା ଭାବରେ ପାକିସ୍ତାନ ସହିତ ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରିଥିଲେ । କିମ୍ବଦନ୍ତୀ ବ୍ୟାଟର ମାଥ୍ୟୁ ହେଡେନ୍ ଆଇପିଏଲରେ ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ୧୩୨ଟି ମ୍ୟାଚ୍ ଖେଳିଛନ୍ତି । ୨୦୦୯ ସିଜିନରେ ସେ ବ୍ୟାଟରେ ବିସ୍ଫୋରଣ କରି ୫୭୨ ରନ୍ କରିଥିଲେ ଏବଂ ଟୁର୍ଣ୍ଣାମେଣ୍ଟର ନେତୃତ୍ୱ ନେବା ପାଇଁ ଅରେଞ୍ଜ କ୍ୟାପ୍ ଅର୍ଜନ କରିଥିଲେ । ହେଡେନ୍ ୨୦୧୦ରେ ଏମ୍ ଏସ୍ ଧୋନିଙ୍କ ନେତୃତ୍ୱରେ ପ୍ରଥମ ଆଇପିଏଲ ଟାଇଟଲ୍ ଜିତିଥିବା ଦଳର ଅଂଶ ଥିଲେ । ସେ ୧୩୨ଟି ଆଇପିଏଲ ମ୍ୟାଚରେ ୧୧୦୭ ରନ୍ କରିଛନ୍ତି । ତାଙ୍କ ନୂତନ ଭୂମିକା ବିଷୟରେ ହେଡେନ୍ କହିଛନ୍ତି, 'ଭଲ ବ୍ୟାଟିଂ ଚାପ ସୃଷ୍ଟି କରେ । ଭଲ ବ୍ୟାଟିଂ ଖେଳ ଉପରେ ପ୍ରଭାବ ପକାଇଥାଏ । ଆମେ ଗୁଜରାଟ ଟାଇଟାନ୍ସରେ ଏହି ମାନଦଣ୍ଡ ସ୍ଥାପନ କରିବାକୁ ଚାହୁଁଛୁ ।'

ଆସନ୍ତା ମାର୍ଚ୍ଚ ୨୮ ତାରିଖରୁ ଆରମ୍ଭ ହେବ ଫଟାଫଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଇଣ୍ଡିଆନ ପ୍ରିମିୟର ଲିଗ୍ । ଆସନ୍ତା ମାର୍ଚ୍ଚ ୧୨ ତାରିଖରେ ଆଇପିଏଲ କାର୍ଯ୍ୟସୂଚୀ ଘୋଷଣା ହୋଇପାରେ । ବିସିସିଆଇ ସଚିବ ଦେବଜିତ୍ ସାଇକିଆ ନିଶ୍ଚିତ କରିଛନ୍ତି ଯେ, ପ୍ରଥମ ୨୦ ଦିନର କାର୍ଯ୍ୟସୂଚୀ ୧୨ ମାର୍ଚ୍ଚ ସୁଦ୍ଧା ଜାରି କରାଯିବ । ଶୁଭମନ ଗିଲଙ୍କ ନେତୃତ୍ୱାଧୀନ ଦଳ ଗୁଜରାଟ ୨୦୨୫ ମସିହାରେ ଟାଇଟଲ ଜିତିବାର ନିକଟତର ହୋଇଥିଲା । ହେଲେ ଦଳ ତୃତୀୟ ସ୍ଥାନରେ ରହିଥିଲା । ୫ ଥର ଚାମ୍ପିଅନ୍ ମୁମ୍ବାଇ ଇଣ୍ଡିଆନ୍ସ ଟୁର୍ଣ୍ଣାମେଣ୍ଟର ଏଲିମିନେଟରରେ ଗୁଜରାଟକୁ ପରାସ୍ତ କରିବା ପରେ ସେମାନଙ୍କର ଅଭିଯାନ ଶେଷ ହୋଇଥିଲା ।

# ଅସ୍ମିତା ଆଥ୍‌ଲେଟିକ୍ସ ପ୍ରତିଯୋଗିତା : ଭାଗ ନେଲେ ୫୦୦ ପ୍ରତିଯୋଗୀ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଯୁବ କାର୍ଯ୍ୟ ଓ କ୍ରୀଡା ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟରତ ମୋ ଭାରତ, କେ.ଆଇ.ସି ଭଦ୍ରକ ପକ୍ଷରୁ ଜିଲ୍ଲାସ୍ତରୀୟ ଅସ୍ମିତା ଆଥଲେଟିକ୍ସ ପ୍ରତିଯୋଗିତା ଭଦ୍ରକ ସହରର ବି.ଏମ୍. ବଗୁରାଇ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଯୁବ କ୍ରୀଡ଼ାବିତ୍‌ମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଓ ଜିଲ୍ଲା ମ୍ୟାଜିଷ୍ଟ୍ରେଟ୍ ଦିଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଉପଜିଲ୍ଲାପାଳ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର, ନେଭାଲ କମାଣ୍ଡିଂ ଅଫିସର କମାଣ୍ଡର ସୁଦୀପ୍ତ କୁମାର ସାହୁ ଓ ଓଏସ୍‌ଡି (ସ୍ପୋର୍ଟସ୍) ରମେଶ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ । ଅତିଥିମାନେ ଉପସ୍ଥିତ ରହି ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିବା ସହ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ । ଉକ୍ତ ପ୍ରତିଯୋଗିତାରେ ପ୍ରାୟ ୫୦୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ୧୦୦ ମିଟର, ୨୦୦ ମିଟର ଓ ୪୦୦ ମିଟର ଦୌଡ଼ ସହିତ ବିଭିନ୍ନ ଖେଳ ବିଭାଗରେ ଅଣ୍ଡର-୧୩, ୧୩-୧୮ ବର୍ଷ ଓ ୧୮ ବର୍ଷ ଊର୍ଦ୍ଧ୍ୱ ବର୍ଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ବିଜେତା ପ୍ରତିଯୋଗୀମାନଙ୍କୁ ନଗଦ ପୁରସ୍କାର ଓ ସମ୍ମାନ ପ୍ରଦାନ କରାଯାଇଥିଲା । ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ରହି ଯୁବମାନଙ୍କୁ କ୍ରୀଡ଼ା ମାଧ୍ୟମରେ ସୁସ୍ଥ ଜୀବନ ଅନୁଶୀଳନ କରିବାକୁ ଆହ୍ୱାନ ଦେଇଥିଲେ । ଏପରି କ୍ରୀଡ଼ା ପ୍ରତିଯୋଗିତା ମାଧ୍ୟମରେ ଜିଲ୍ଲାର ଯୁବ ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଆଗକୁ ବଢ଼ିବାର ସୁଯୋଗ ମିଳିବ ବୋଲି ଆୟୋଜକମାନେ ଆଶା ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମଟି କେଆଇସି ଭଦ୍ରକର ପିସିଏ ରାଜେଶ କୁମାର ନାୟକ ଓ ମୋ ଭାରତ, ଭଦ୍ରକର କାର୍ଯ୍ୟାଳୟ କର୍ମଚାରୀ ପ୍ରକାଶ କୁମାର ମଲ୍ଲିକଙ୍କ ସହଯୋଗରେ ସଫଳତାର ସହ ଆୟୋଜନ କରାଯାଇଥିଲା ।

# ପିକ୍‌ଅପ୍ ଧକ୍କାରେ ଶନିମନ୍ଦିର କ୍ଷତିଗ୍ରସ୍ତ



**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଜିଲ୍ଲା ବିଜେପୁର ଅଞ୍ଚଳରୁ ସୋହେଲାକୁ ଯାଉଥିବା ଏକ ପିକଅପ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଘଟଣା ସାମ୍ନାକୁ ଆସିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପିକ୍‌ଅପ୍ ଗାଡ଼ିଟିରେ ଛେଳି ବୋଝେଇ ହୋଇ ଦ୍ରୁତ ଗତିରେ ବିଜେପୁର ପଟରୁ ସୋହେଲା ଅଭିମୁଖେ ଯାଉଥିବା ବେଳେ ତାମ୍ବିମୁଣ୍ଡା ଛକର ଶନିମନ୍ଦିରକୁ ଧକ୍କା ଦେଇଥିଲା । ଏହି ଧକ୍କାରେ ମନ୍ଦିରର କିଛି ଅଂଶ ଭାଙ୍ଗିଯାଇଥିବା ସୂଚନା ମିଳିଛି । ଘଟଣା ପରେ ଏହାକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଗ୍ରାମବାସୀମାନେ ଗାଡ଼ିଟିକୁ ଅଟକ ରଖିଥିବା ଜଣାପଡ଼ିଛି । ଚାଳକଙ୍କ ଅସାବଧାନ ଓ ଦ୍ରୁତ ଗତିରେ ଗାଡ଼ି ଚାଳନା କାରଣରୁ ଏହି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି ।

# ରାଜ୍ୟସ୍ତରୀୟ ମହିଳା ଅସ୍ମିତା ଟେନିସ ବଲ କ୍ରିକେଟ ଲିଗ୍ ଉଦ୍‌ଯାପିତ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲା ଟେନିସ୍ ବଲ୍ କ୍ରିକେଟ ସଂଘ ଆନୁକୂଲ୍ୟରେ ରାଜ୍ୟ ଟେନିସ୍ ବଲ ସଂଘ ଅନୁମୋଦିତ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଗତ ୭ ମାର୍ଚ୍ଚରେ ଆରମ୍ଭ ହୋଇ ୮ ମାର୍ଚ୍ଚରେ ସମାପ୍ତ ହୋଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଟେନିସ ବଲ ସଂଘର ସଂପାଦକ ସିଥିଲ୍ କୁମାର ପଣ୍ଡା, ସହ ସଂପାଦକ ସୋମନାଥ ପରିଡ଼ା, ଭଦ୍ରକ ଜିଲ୍ଲା ଟେନିସ୍ ବଲ ସଂଘର ଉପସଭାପତି ଗୌରହରି ମଣ୍ଡଳ, ସହିଦ୍ ଖାନ୍, ଅସିତ ଦାସ, ଶୁଭଲକ୍ଷ୍ମୀ ରାଉତ ଅଂଶୁମାନ ମହାନ୍ତି, ଅମ୍ପାୟାର ରଜନୀ କାନ୍ତ ବିହାରୀ, ରଞ୍ଜନ କୁମାର ନାୟକ, ମନୋଜ ପେରେଇ, ବିଜୟ ନାୟକ ଓ ମନୋଜ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା କ୍ରୀଡ଼ା ଅଧିକାରୀ ତଥା ଓଏସ୍ ଡି.ରମେଶ କୁମାର ମହାନ୍ତି, ସ୍ୱତନ୍ତ୍ର ଅତିଥି ରୂପେ ୨(୦) ନାଭାଲ ୟୁନିଟ୍ ଏନ୍‌ସିସିର କମାଣ୍ଡିଂ ଅଫିସର ସୁଦିପ୍ କୁମାର ସାହୁ, ବେଷ୍ଟ ଯାନ୍ତ୍ରିକ ବିଦ୍ୟାଳୟର ଅଧକ୍ଷ ରବିନ୍ଦ୍ର କୁମାର ଜେନା, ପୂର୍ବତନ ଆପିଇ ଅରବିନ୍ଦ ବସନ୍ତ ରାଏ, ସମାଜ ସେବିକା ମଧୁସ୍ମିତା ମହାପାତ୍ର, ରାଜ୍ୟ ସଂପାଦକ ରାଜ୍ୟ ସହ ସଂପାଦକ, ଭଦ୍ରକ ଜିଲ୍ଲା ଉପସଭାପତି ଓ କାର୍ଯ୍ୟକାରୀ ସଭାପତି ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ଏହି ରାଜ୍ୟ ସ୍ତରୀୟ ଖେଳରେ ମୋଟ୍ ୮ଗୋଟି ଜିଲ୍ଲା ଭାଗ ନେଇଥିଲେ । ତନ୍ମଧ୍ୟରୁ ଭଦ୍ରକ ଜିଲ୍ଲା ଓ କେନ୍ଦ୍ରାପଡ଼ା ଜିଲ୍ଲା ମଧ୍ୟରେ ଫାଇନାଲ୍ ଖେଳ ଅନୁଷ୍ଠିତ ହୋଇଥିଲା । ଶେଷରେ ଭଦ୍ରକ ଜିଲ୍ଲା ଏହି ରାଜ୍ୟ ସ୍ତରୀୟ ମହିଳା ଅସ୍ମିତା ଟେନିସ ବଲ କ୍ରିକେଟ ଲିଗ୍ ୨୦୨୫-୨୦୨୬ର ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଥିଲା । ଏହି ପ୍ରତିଯୋଗିତାରେ ବିଭିନ୍ନ ଆକର୍ଷଣୀୟ ପୁରସ୍କାର ରହିଥିଲା ତଥା ସର୍ବଶ୍ରେଷ୍ଠ ଫିଲ୍ଡର୍ ଶ୍ରୁତି ଲେଖା ମଲ୍ଲିକ (କେନ୍ଦ୍ରାପଡ଼ା), ସର୍ବଶ୍ରେଷ୍ଠ କ୍ୟାଚ୍ ଭାଗ୍ୟଶ୍ରୀ ରାଉତ (ଭଦ୍ରକ), ସର୍ବଶ୍ରେଷ୍ଠ ବୋଲର୍ ବର୍ଷାରାଣୀ ମଲ୍ଲିକ (ଭଦ୍ରକ), ସର୍ବଶ୍ରେଷ୍ଠ ବେଟର ସିତୁ ପ୍ରଭା ନାୟକ, (କେନ୍ଦ୍ରାପଡ଼ା), ପ୍ଲେୟାର ଅଫ୍ ଦି ସିରିଜ୍ ବର୍ଷାରାଣୀ ମଲ୍ଲିକ (ଭଦ୍ରକ), ପ୍ଲେୟାର ଅଫ୍ ଦ ଫାଇନାଲ ମ୍ୟାଚ୍ ଅର୍ଚ୍ଚନା ରାଉତ, ତୃତୀୟ ଦଳ ଭାବରେ କନ୍ଧମାଳ ଜିଲ୍ଲା ଟ୍ରଫି ଗ୍ରହଣ କରିଥିଲା । ଏହି ପ୍ରତିଯୋଗିତା ପରିଚାଳନା କରିବାରେ କ୍ରୀଡ଼ା ଶିକ୍ଷକ ତପନ ମିଶ୍ର, ଗୋଲକ କୁମାର ନାୟକ, ତନ୍ମୟ ମହାନ୍ତି, ଚାରୁଦତ୍ତ ନାୟକ, ଦେବବ୍ରତ ଜେନା, ସ୍ୱୟମ୍ ସମ୍ଭବ ଦାଶ୍, ପ୍ରଜ୍ଞା ପାରମିତା ସାମଲ, ପବିତ୍ର ମୋହନ ଖିଲାର, ସୂର୍ଯ୍ୟକାନ୍ତ ରାଉଳ, ଶୁଭଶ୍ରୀ ଦାସ, ମଧୁସ୍ମିତା ନାୟକ ପ୍ରମୁଖ ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥିଲେ ।

GOVERNMENT OF ODISHA
FOREST, ENVIRONMENT & CLIMATE CHANGE DEPARTMENT
OFFICE OF THE DIVISIONAL FOREST OFFICER, BALLIGUDA FOREST DIVISION,
BALLIGUDA, KANDHAMAL-762103
Tel: - 06846-243249, Fax:-06846-243066, e-mail:- dfo_balliguda@yahoo.co.in
Bid Identification No. DFO,BLG 04/2025-26 dated 07.03.2026
Letter No. 1713 /1F, dt. 07.03.2026
8001/137/2526
NOTICE INVITING TENDER

| Sl.No | Name of the Work | Details of work |
|---|---|---|
| 1 | Estimated Cost | Rs. 80,00,000/- |
| 2 | No. of Works | Construction of Auditorium hall at Daringbadi Nature Camp |
| 3 | Period & time of completion | One Calendar Month |
| 4 | Date & time of availability of the bid document in the portal | 09.03.2026 to 15.03.2026 (up to 4.00 PM) |
| 5 | Last date/Time for receipt of bids in the office | Up to 4.00 PM of 15.03.2026 |
| 6 | Date & Time of bid opening | 11.00 A.M hours on Dated. 16.03.2026 |
| 7 | Name & Address of the officer inviting Bid | Divisional Forest Officer, Balliguda Forest Division. Balliguda, Dist:-Kandhamal, Pin-762103 |

Corrigendum if any, shall only be published in the Kandhamal NIC portal.
Sd/- Divisional Forest Officer, Balliguda Forest Division.
OIPR-8001/8174/1/25-26/0001

GOVT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION PATNAGARH
E-mail: eerw_ptng@yahoo.in
Phone No – 06658-222121
25001/326/2526
e Procurement Notice
IFB IDENTIFICATION NO. EEPTNG- Online -24/2025-26

| | | | |
|---|---|---|---|
| 1. | Name of work | : | Special Repair of Buildings |
| 2. | Total no of work | : | 03 (One) No works |
| 3. | Time for completion | : | 01 (One) Calendar month or 31st March' 2026 whichever is earlier |
| 4. | Approximate estimated cost | | 3.71 lakh to 6.64 lakh |
| 5. | Mode of Submission of tender | : | Tender should be submitted online in www.tendersorissa.gov.in |
| 6. | Other details are as follow | | |

| Procurement Officer | Bid Identification No. | Availability of Tender online for bidding From | Availability of Tender online for bidding To | Last date and time of seeking tender clarification | Date & time of opening of tender |
|---|---|---|---|---|---|
| Executive Engineer, R.W.Divn., Patnagarh | EEPTNG-Online-24/2025-26 | 10.03.2026 at 11.00 AM | 17.03.2026 upto 5.00 P.M | 16.03.2026 upto 5.00 PM | 18.03.2026 at 11.000 A.M |

- Further details can be seen from the website www.tendersorissa.gov.in
- Any Corrigendum/Addendum will be displayed in the above e tender website only.

-Sd- Executive Engineer
R.W.Division, Patnagarh
OIPR-25001/25154/1/25-26/0006

# ବିଳାଶ ରାଉତରାୟ ସ୍ମାରକୀ ଫୁଟ୍‌ବଲ୍ ସେମିରେ ପ୍ରତାପନଗରୀ, ଜାରକା

**ଭୁବନେଶ୍ୱର**

ଦଶମ ବିଳାଶ ରାଉତରାୟ ସ୍ମାରକୀ ଫୁଟ୍‌ବଲ୍ ପ୍ରତିଯୋଗିତାର ପ୍ରଥମ କ୍ୱାର୍ଟରଫାଇନାଲ୍‌ରେ ପ୍ରତାପନଗରୀ ଫୁଟ୍‌ବଲ୍ କ୍ଲବ୍ ୨-୧ ଗୋଲ୍‌ରେ ଉଦ୍ରକ ୟୁନାଇଟେଡ୍ ଫୁଟ୍‌ବଲ୍ କ୍ଲବକୁ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛି । ସେହିଭଳି ଦ୍ୱିତୀୟ କ୍ୱାର୍ଟରଫାଇନାଲ୍ ମୁକାବିଲାରେ ଜାରକା ଯାଜପୁରକୁ ଢେଙ୍କାନାଳର ପପୁଲାର ଫୁଟ୍‌ବଲ୍ କ୍ଲବ୍ ହରାଇ ଦେଇଛି । ଏହି ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ କେହି କାହାରିକୁ ଗୋଲ୍ ଦେଇ ପାରି ନଥିଲେ । ଫଳରେ ଫଳାଫଳ ନିର୍ଣ୍ଣୟ ଲାଗି ପେନାଲ୍ଟି ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା । ଏହାକୁ ରୋମାଞ୍ଚକ ଭାବେ ୬-୫ ଗୋଲ୍‌ରେ ଜିତି ଜାରକା ଦଳ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲ୍ ଟିକେଟ ହାସଲ କରିଥିଲା । ମଙ୍ଗଳବାର ମ୍ୟାଚ୍‌ର ଅତିଥି ଥିଲେ ମାନ ବିଶ୍ୱାଳ, ବୀରଜ ପାତ୍ର, କୃଷ୍ଣ ସାମନ୍ତରାୟ, ସୁଧୀର ସାମନ୍ତରାୟ, ହେମନ୍ତ ସାମନ୍ତରାୟ, ଟୁକୁନା ସାମନ୍ତରାୟ ପ୍ରମୁଖ ।

# ମାର୍ଚ୍ଚ ୧୩ ଓ ୧୪ରେ ଭୁବନେଶ୍ୱରର ପ୍ରଥମ ଦଶ ଦୋଳ ମେଳଣର ଷଷ୍ଠଦଶ ବାର୍ଷିକ ସମାରୋହ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜଧାନୀ ସହର ଭୁବନେଶ୍ୱରରେ ପ୍ରଥମ ଦଶ ଦୋଳ ମେଳଣର ଷଷ୍ଠଦଶ ବାର୍ଷିକୀ ଉତ୍ସବ ସମାରୋହ ବିଗତ ବର୍ଷମାନଙ୍କ ପରି ଚଳିତବର୍ଷ ଆସନ୍ତା ତା ୧୩ ଓ ୧୪ ମାର୍ଚ୍ଚ ୨୦୨୬ ରଖି ଦୁଇଦିନ ଧରି ଶହୀଦନଗର ବିଷ୍ଣୁମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବ । ତା ୧୩.୦୩.୨୦୨୬ ରିଖ ସନ୍ଧ୍ୟାରେ ଜମାଣ ଉତ୍ସବ ଓ ତା ୧୪.୦୩.୨୦୨୬ରିଖ ରାତ୍ର ୮ ଘଟିକାରେ ଦିଅଁ ମେଳଣ ଅନୁଷ୍ଠିତ ହେବ । ସମସ୍ତ ଶ୍ରଦ୍ଧାଳୁ ଭକ୍ତ ସମାଜ ଏହି ମେଳଣ ସମାରୋହକୁ ଉପଭୋଗ କରିବା ସହ ଏହାର ଉନ୍ନତି ଲାଗି ଯଥା ଶକ୍ତି ସାହାଯ୍ୟ ଓ ସହଯୋଗ କରିବାକୁ ଶହୀଦନଗର ସାଂସ୍କୃତିକ ସମିତି ଓ ବିଷ୍ଣୁମନ୍ଦିର କର୍ମକର୍ତ୍ତା ବୃନ୍ଦ ନିବେଦନ କରିଛନ୍ତି ।



### ଆଜି ବସିବ ଗୁରୁତ୍ୱପୂର୍ଣ୍ଣ ବୈଠକ

## ନୀତି ବିଭ୍ରାଟ ରୋକିବାକୁ ଶ୍ରୀମନ୍ଦିର ପ୍ରଶାସନ ତତ୍ପର



**ପୁରୀ,୧୦/୦୩ ନ୍ୟୁଜ ବ୍ୟୁରୋ**

ମହାପ୍ରଭୁଙ୍କ ନୀତି ବିଶୃଙ୍ଖଳା ସବୁଦିନିଆ ହୋଇଛି । ବଡ଼ଦେଉଳରେ ମହାପ୍ରଭୁଙ୍କ ଅନନ୍ୟ ନୀତି ବିଭ୍ରାଟ ରୋକିବାକୁ ଶ୍ରୀମନ୍ଦିର ପ୍ରଶାସନ ତତ୍ପରତା ଦେଖାଇଛି । ବୁଧବାର ଏନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯାଇଛି । ଶ୍ରୀମନ୍ଦିର କାର୍ଯ୍ୟାଳୟରେ ନୂତନ ନୀତି ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଆଲୋଚନା ହେବ । ଏଥିରେ ବଡ଼ଦେଉଳ ପରିଚାଳନାରେ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ବରିଷ୍ଠ ସେବକ ତଥା ନୀତି ଅଧିକାରୀମାନେ ଯୋଗଦେବେ । ମହାପ୍ରଭୁଙ୍କ ନୀତି ଶୃଙ୍ଖଳା ନେଇ ବିଚାରବିମର୍ଶ ସହ ଠାକୁରଙ୍କ ନୀତିରେ ଯେପରି କୌଣସି ଅବହେଳା ନହେବ ବାଟ ବାହାରିବ ।

ପ୍ରାପ୍ତ ସୂଚନା ଅନୁସାରେ ସୋମବାର ସକାଳେ ମଧ୍ୟ ମହାପ୍ରଭୁଙ୍କ ସାଦା ବେଶ ହେବା ଅବସରରେ ବିଳମ୍ବ ଘଟିଥିଲା । ପାଳିଆ ସିଂହାରୀ ସେବକ ଠାକୁରଙ୍କ ନିକଟରେ ଅପେକ୍ଷା କରିଥିଲେ ମଧ୍ୟ ସେବା ପାଇଁ ଆବଶ୍ୟକ ଅନ୍ୟ ସେବକ ଓ କର୍ମଚାରୀଙ୍କ ଦେଖା ମିଳି ନଥିଲା । ଏଣୁ ଠାକୁରଙ୍କ ନୀତିରେ ବିଳମ୍ବ ଘଟିଥିଲା ବୋଲି କୁହାଯାଉଛି । ଗତ ଗୋବିନ୍ଦ ଦ୍ୱାଦଶୀ ବୁଡ଼ ଦିନ ଖୁଣ୍ଟିଆ ସେବକଙ୍କ ଅସହଯୋଗରୁ ଠାକୁରଙ୍କ ନୀତିରେ ୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିଳମ୍ବ ହେଲା । ଅବଶ୍ୟ ଏନେଇ ଶ୍ରୀମନ୍ଦିର ପ୍ରଶାସନ କିଛି ପଦକ୍ଷେପ ନେଇଛନ୍ତି । ହେଲେ ଏତିକିରେ ଠାକୁରଙ୍କ ନୀତି ଶୃଙ୍ଖଳା ହୋଇଯିବ ଆଶା ନକରି ଶ୍ରୀମନ୍ଦିର ପ୍ରଶାସନ ବୈଠକ ଡାକିଛନ୍ତି । ବୈଠକରେ ପ୍ରାୟ ୩୦ ଜଣ ଯୋଗ ଦେବାକୁ ଡାକରା ଅଛି । ହେଲେ ଏଥିରେ କିଛି ମହତ୍ୱପୂର୍ଣ୍ଣ ସେବକ ସମ୍ପ୍ରଦାୟର ପ୍ରତିନିଧି ନଥିବା କୁହାଯାଉଛି । ଅସଲରେ ଯେଉଁମାନେ ଶାସନର ନିକଟତର ତଥା ବୈଠକରେ ବସୁଛନ୍ତି ସମସ୍ତେ ଠାକୁରଙ୍କ ପାଳି ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ ନୁହଁନ୍ତି । ଏଣୁ ଠାକୁରଙ୍କ ସେବାପୂଜା ପାଇଁ ଅତି ଜରୁରି ପାଳିଆ ସେବକମାନେ ମଧ୍ୟ ଠାକୁରଙ୍କ ଶୃଙ୍ଖଳିତ ନୀତି ନେଇ ପରାମର୍ଶ ଦେବା କଥା । ନହେଲେ ଯେତେ ବୈଠକ କଲେ ମଧ୍ୟ କୌଣସି ସୁଫଳ ମିଳିବ ନାହିଁ ବୋଲି କିଛି ବରିଷ୍ଠ ସେବକ ପ୍ରତିକ୍ରିୟା ଦେଇଛନ୍ତି ।

### କ୍ୟାବିନେଟ ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ

# ମଧ୍ୟପ୍ରାଚ୍ୟର ସଙ୍କଟ ଦେଶବାସୀଙ୍କ ଉପରେ ନପଡୁ

**ନୂଆଦିଲ୍ଲୀ :**

ମଧ୍ୟପ୍ରାଚ୍ୟରେ ଘମାଘୋଟ ଯୁଦ୍ଧକୁ ଦୃଷ୍ଟିରେ ରଖି ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏକ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ସମୟରେ ପ୍ରଧାନମନ୍ତ୍ରୀ ମୋଦି ବିଶ୍ୱ ଅସ୍ଥିରତାର ଏହି ପରିସ୍ଥିତିରେ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବାକୁ ମନ୍ତ୍ରୀ ମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ବିଶ୍ୱ ଅସ୍ଥିରତାର ଏହି ପରିସ୍ଥିତିରେ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବାକୁ କ୍ୟାବିନେଟ ବୈଠକରେ ପ୍ରଧାନମନ୍ତ୍ରୀ ମନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ, 'ଜନସାଧାରଣଙ୍କୁ କୁହନ୍ତୁ ଯେ ତୈଳ ମୂଲ୍ୟ ସ୍ଥିର ଅଛି । ଜନସାଧାରଣଙ୍କୁ ଆଶ୍ୱସ୍ତ କରନ୍ତୁ ଯେ, ଭାରତରେ ପର୍ଯ୍ୟାପ୍ତ ପରିମାଣରେ ଷ୍ଟକ୍ ଅଛି । ଭାରତ ଏହି ସଙ୍କଟ ପାଇଁ ଏକ ଯୋଗାଣ ଶୃଙ୍ଖଳା ପରିଚାଳନା ବ୍ୟବସ୍ଥା ବିକଶିତ କରିଛି; ଏହା ଜନସାଧାରଣଙ୍କୁ ମଧ୍ୟ ଜଣାନ୍ତୁ ।'

ସରକାରୀ ସୂତ୍ର ଅନୁଯାୟୀ, ଭାରତ ଅଶୋଧିତ ତୈଳ ଏବଂ ଗ୍ୟାସ ଯୋଗାଣ ପାଇଁ ଏହାର ରଣନୀତିରେ ଏକ ବଡ଼ ପରିବର୍ତ୍ତନ କରିଛି, ଯାହା ସୁନିଶ୍ଚିତ କରୁଛି ଯେ ଅନ୍ତର୍ଜାତୀୟ ସଙ୍କଟ ସତ୍ତ୍ୱେ ଘରୋଇ ବଜାରରେ କୌଣସି ଅଭାବ ରହିବ ନାହିଁ । ସରକାର ବାଣିଜ୍ୟିକ ଏବଂ ଘରୋଇ ଏଲପିଜି ଯୋଗାଣକୁ ପ୍ରାଥମିକତା ଦେଇଛନ୍ତି । ରେଷ୍ଟୁରାଣ୍ଟ ଆସୋସିଏସନର ଚିନ୍ତାକୁ ବୁଝି, ତୈଳ ବିପଣନ କମ୍ପାନୀ ଗୁଡ଼ିକୁ ସେମାନଙ୍କ ସହିତ ସିଧାସଳଖ ଯୋଗାଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଯୋଗାଣ ଉପରେ ନଜର ରଖିବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । ଭାରତ କେବଳ ଘରୋଇ ଉତ୍ପାଦନ ବୃଦ୍ଧି କରିନାହିଁ ବରଂ ଆମଦାନୀ ପାଇଁ ବିକଳ୍ପ ସମୁଦ୍ର ପଥ ବ୍ୟବହାର କରି ନିଜର ନିର୍ଭରଶୀଳତାକୁ ମଧ୍ୟ ସୁରକ୍ଷିତ କରିଛି । ଅଧିକାରୀ ମାନେ ଦାବି କରିଛନ୍ତି ଯେ ଭାରତ ଏହି ବିଶ୍ୱ ସଙ୍କଟରୁ ଅନ୍ୟ ଦେଶ ତୁଳନାରେ ବହୁତ ଭଲ ଏବଂ ଦୃଢ଼ ସ୍ଥିତିରେ ବାହାରିବ । ଏଲପିଜି ସିଲିଣ୍ଡର ଅଭାବ ଏବଂ ଏଥିପାଇଁ ଲମ୍ବା ଲାଇନ୍ ସମ୍ପର୍କରେ ଏହା ହେଉଛି କାରଣ ଯେଉଁମାନେ ପୂର୍ବରୁ ଏକ ମାସ କିମ୍ବା ଦେଢ଼ ମାସ ମଧ୍ୟରେ ସିଲିଣ୍ଡର ବୁକ୍ କରିଥିଲେ ସେମାନେ ହଠାତ୍ ୧୫ରୁ ୨୦ ଦିନ ମଧ୍ୟରେ ସେମାନଙ୍କର ସିଲିଣ୍ଡର ପାଇବା ପାଇଁ ଆସିବା ଆରମ୍ଭ କରିଛନ୍ତି । ଏହା ଏହି ପରିସ୍ଥିତି ଏକ ଗୁଜବରେ ପରିଣତ ହୋଇଛି ।



ସରକାରୀ ସୂତ୍ର ଗୁଡ଼ିକ ଦାବି କରିଛନ୍ତି ଯେ, ଗତ ଦୁଇ ଦିନରେ ଦେଶରେ ଏଲପିଜି ଉତ୍ପାଦନ ୧୦ ପ୍ରତିଶତ ବୃଦ୍ଧି ପାଇଛି । ସରକାରୀ ସୂତ୍ର ଅନୁଯାୟୀ, ବୁକିଂ ଏବଂ ବିତରଣ ମଧ୍ୟରେ ବିଳମ୍ବ ଏବେ ବି ଅଢ଼େଇ ଦିନରୁ ଅଧିକ ନୁହେଁ, କିନ୍ତୁ ପରବର୍ତ୍ତୀ ବୁକିଂ ୨୫ ଦିନ ପରେ ହିଁ ସମ୍ଭବ ହେବ । ମଧ୍ୟପ୍ରାଚ୍ୟରେ ଉତ୍ତେଜନା ମଧ୍ୟରେ, ସରକାର ନୂତନ ବିକଳ୍ପ ଉତ୍ସରୁ ଅଶୋଧିତ ଏଲପିଜି ଏବଂ ଏଲଏନଜି ପାଇଁ ମଧ୍ୟ ବ୍ୟବସ୍ଥା କରିଛନ୍ତି । ସରକାରୀ ସୂତ୍ର ସ୍ପଷ୍ଟ କରିଛନ୍ତି ଯେ, ଦେଶରେ ଏଲପିଜି ଏବଂ ପେଟ୍ରୋଲ ଏବଂ ଡିଜେଲର କୌଣସି ଅଭାବ ନାହିଁ, ଏବଂ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ । ଯଦି କୌଣସି ସମସ୍ୟା ଅଛି, ତେବେ ତାହା ଯୋଗାଣ ଶୃଙ୍ଖଳ ସମସ୍ୟା ଯୋଗୁଁ ହୋଇପାରେ, କିନ୍ତୁ ଜନସାଧାରଣଙ୍କୁ ଚିନ୍ତା କରିବାର ଆବଶ୍ୟକତା ନାହିଁ । ଦେଶର ସମସ୍ତ ପେଟ୍ରୋଲ ପମ୍ପ ଏବଂ ଏଲପିଜି ବିତରକ ମାନଙ୍କ ପାଖରେ ପୂର୍ବ ପରି ଯୋଗାଣ ପାଇଁ ଇନ୍ଧନ ଉପଲବ୍ଧ ଅଛି ।

## ରାଜ୍ୟରେ ଉଠାଦୋକାନୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି : ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଉଠାଦୋକାନୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି । ୧ ଲକ୍ଷ ୫ ହଜାର ୬୩୨ଜଣ ଉଠଦୋକାନୀଙ୍କୁ ଏପର୍ଯ୍ୟନ୍ତ ଗଣନା କରାଯାଇଥିବା ବେଳେ ସେମାନଙ୍କ ମଧ୍ୟ ୭୦ ହଜାର ୪୦୫ଜଣ ଉଠାଦୋକାନୀଙ୍କୁ ୧୯୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସହାୟତା ପ୍ରଦାନ କରାଯାଇଛି ବୋଲି ଆଜି ବିଧାନସଭାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରକାଶ କରିଛନ୍ତି । ବିଜେଡ଼ି ବିଧାୟକ ସୁନୀଲ୍ କୁମାର ମହାନ୍ତିଙ୍କ ମୂଳପ୍ରଶ୍ନ ଏବଂ ବିଧାୟକ ଶ୍ରୀ ଆକାଶ ଦାସ ନାୟକ, ଦିବ୍ୟଶଙ୍କର ମିଶ୍ର, ଟଙ୍କଧର ତ୍ରିପାଠୀ, ସୋଫିଆ ଫିର୍ଦ୍ଦୋଷ, ବାବୁ ସିଂ, ଆଶ୍ରିତ ପଟ୍ଟନାୟକ ପ୍ରମୁଖଙ୍କ ଅନ୍ୟ କେତେକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଥିଲେ ପୁରୀ ବଡ଼ଦାଣ୍ଡରୁ ଉଚ୍ଛେଦ ହୋଇଥିବା ୧୨୦୮ଜଣ ଉଠାଦୋକାନୀଙ୍କ ମଧ୍ୟରୁ ୯୩୩ଜଣଙ୍କୁ ଶ୍ରୀସେତୁ ଭେଣ୍ଡିଂଜୋନରେ ଥଇଥାନ କରାଯାଇଛି । ୬୨୩ଜଣ ଉଠାଦୋକାନୀଙ୍କୁ କିଓସ୍କ ପ୍ରଦାନ କରାଯାଇଥିବା ବେଳେ ଆଉ ୩୦୬ଜଣ ଦୋକାନୀ କିଓସ୍କ ପାଇନାହାଁନ୍ତି । ତେବେ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି । ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ସୌନ୍ଦର୍ଯ୍ୟକରଣ ପାଇଁ ଲଗା ଯାଇଥିବା ଗଛଗୁଡ଼ିକର ସୁରକ୍ଷା ନିମନ୍ତେ ପାଣି ଦେବାର ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ କହିବା ସହ କଟକ ସହରରେ ଡ୍ରେନେଜ ସମସ୍ୟାର ସମାଧାନ ଦିଗରେ ମଧ୍ୟ ଆଶୁ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତରେ ଘରୋଇ...

ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ଯେ ବିଭିନ୍ନ ଉତ୍ସ ଏବଂ ରାସ୍ତା ମାଧ୍ୟମରେ ଭାରତର ଶକ୍ତି ଆମଦାନୀ ଜାରି ରହିଛି । କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ପଶ୍ଚିମ ଏସିଆର ବର୍ତ୍ତମାନର ପରିସ୍ଥିତି ସତ୍ତ୍ୱେ ଘରୋଇ ଗ୍ରାହକମାନଙ୍କୁ ସିଏନ୍‌ଜି ଏବଂ ପିଏନଜିର ୧୦୦% ଯୋଗାଣ ସୁନିଶ୍ଚିତ କରିବା ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି ଏବଂ ଅନ୍ୟାନ୍ୟ ଶିଳ୍ପଗୁଡ଼ିକ ସେମାନଙ୍କ ଆବଶ୍ୟକୀୟ ଯୋଗାଣର ୭୦ ରୁ ୮୦% ପାଇବା ଜାରି ରଖିଛନ୍ତି । ପେଟ୍ରୋଲିୟମ ମନ୍ତ୍ରୀ କହିଛନ୍ତି ଯେ ସରକାର ଘରୋଇ ଗ୍ରାହକଙ୍କୁ ସୁଲଭ ଶକ୍ତିର ନିରନ୍ତର ଯୋଗାଣ ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ । ହରଦୀପ ସିଂହ ପୁରୀ ଏକ ବିବୃତିରେ କହିଛନ୍ତି ଯେ ଆଜି ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଏକ ଅନୌପଚାରିକ ଆଲୋଚନା ସମୟରେ, ଆମେ ବିଭିନ୍ନ ଉତ୍ସ ଏବଂ ପଥରୁ ଭାରତରେ ଶକ୍ତି ଆମଦାନୀ ଜାରି ରଖିବା ବିଷୟରେ ଆଲୋଚନା କରିଛୁ ।

### ଜନସାଧାରଣଙ୍କୁ ଚିନ୍ତିତ ...

ସନ୍ତୁଳନ ବଜାୟ ରଖିବାକୁ ତୈଳ କମ୍ପାନୀ କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ରନ୍ଧନ ଗ୍ୟାସ ଓ ପେଟ୍ରୋଲ, ଡିଜେଲ ଆଦିର ଉପଲବ୍ଧତା ନେଇ ନିୟମିତ ଭାବେ ବିଭିନ୍ନ ମାଧ୍ୟମରେ ଆବଶ୍ୟକୀୟ ସୂଚନା ଜାରି ରଖିବାକୁ ଉଭୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଓ ତୈଳ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ସଚେତନତା ସୃଷ୍ଟି ପାଇଁ ପଦକ୍ଷେପ ନେବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟରେ ରନ୍ଧନ ଗ୍ୟାସ ଓ ଇନ୍ଧନ ତୈଳ ଉପଲବ୍ଧତା ନେଇ ତୈଳ କମ୍ପାନୀ କର୍ତ୍ତୃପକ୍ଷମାନେ କେନ୍ଦ୍ର ସରକାରଙ୍କୁ ଯେଉଁ ବିବରଣୀ ପ୍ରଦାନ କରୁଛନ୍ତି, ତାହାର ଏକ ରିପୋର୍ଟ ମଧ୍ୟ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ଦୈନିକ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

### ୨ ଦିନ ବଢିଲା...

ଏଫଆଇଆର ସଂଖ୍ୟା ୧୬୬ ପ୍ରତିଶତ ବୃଦ୍ଧି ପାଇଛି । ଏହି ଆଇନ ବ୍ୟତୀତ ଆମେ ପୋଲିସକୁ ଦକ୍ଷ କରିବା ପାଇଁ ଅନେକ ପଦକ୍ଷେପ ମଧ୍ୟ ନେଉଛୁ । ନ୍ୟାସନାଲ ଫରେନ୍ସିକ୍ ସାଇନ୍ସ ୟୁନିଭରସିଟି ଏବଂ ସେଣ୍ଟ୍ରାଲ ଫରେନ୍ସିକ୍ ସାଇନ୍ସସ ଲାବରୋଟାରୀ ପାଇଁ ଶିଳାନ୍ୟାସ କରାଯାଇଛି । ଆଧୁନିକ ଟେକ୍ନୋଲୋଜିରେ ପୋଲିସକୁ ପାରଙ୍ଗମ କରିବା ପାଇଁ ଆଇଆଇଟି ଭୁବନେଶ୍ୱର ସହିତ ଏମଓୟୁ ହୋଇଛି । ପୋଲିସ୍‌କୁ ବିଭିନ୍ନ ଆଧୁନିକ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦେବା ପାଇଁ ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟ ସହ ମଧ୍ୟ ଏମଓୟୁ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ପ୍ରଦର୍ଶନୀରେ ଓଡ଼ିଶା ପୋଲିସର ସମସ୍ତ ଉଚ୍ଚ ପଦସ୍ଥ ଅଧିକାରୀ ଉପସ୍ଥିତ ଥିବା ବେଳେ ବିଭିନ୍ନ ସ୍କୁଲ ଏବଂ ଆଇନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ ।

### ଇରାନ-ଇସ୍ରାଏଲ...

ଉପସ୍ଥାପନ କରିଛନ୍ତି । ମଧ୍ୟପ୍ରାଚ୍ୟ ପାଇଁ କୂଟନୈତିକ ସମାଧାନ ଉପରେ ଏହି ଆଲୋଚନା ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି କାରଣ ଇରାନକୁ ଋଷର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ପୁରୁଣା ସହଯୋଗୀ ଭାବରେ ବିବେଚନା କରାଯାଏ । ୧୧ ଦିନ ଧରି ଜାରି ରହିଥିବା ଏହି ମହାଯୁଦ୍ଧ ମଧ୍ୟରେ, ଦୁଇ ଶୀର୍ଷ ନେତାଙ୍କ ମଧ୍ୟରେ ଆଲୋଚନା ବିଶ୍ୱ ଶାନ୍ତି ଓ ସ୍ଥିରତା ପାଇଁ ଏକ ନୂତନ ଆଶା ଭାବରେ ଉଭା ହୋଇଛି । ପୁଟିନ ଓ ଟ୍ରମ୍ପଙ୍କ ମଧ୍ୟରେ ପ୍ରାୟ ଏକ ଘଣ୍ଟା ଧରି ଚାଲିଥିବା ଏହି ଆଲୋଚନା ଆମେରିକା ଦ୍ୱାରା ଆରମ୍ଭ ହୋଇଥିଲା । ଦୁଇ ନେତା ପଶ୍ଚିମ ଏସିଆର ଗମ୍ଭୀର ପରିସ୍ଥିତି ଏବଂ ଫେବ୍ରୁଆରୀ ୨୮ ରେ ଆରମ୍ଭ ହୋଇଥିବା ଯୁଦ୍ଧର ଅନ୍ତ କିପରି ହେବ ସେ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ସାମରିକ ଅଭିଯାନକୁ ଯଥାଶୀଘ୍ର ସମାପ୍ତ କରିବା ପାଇଁ ରାଜନୈତିକ ଏବଂ କୂଟନୈତିକ ଉପାୟ ଖୋଜିବା ହେଉଛି ସମୟର ଆବଶ୍ୟକତା ବୋଲି ପୁଟିନ କହିଛନ୍ତି । ପୁଟିନ ସ୍ପଷ୍ଟ କରିଛନ୍ତି ଯେ ଯୁଦ୍ଧ କୌଣସି ସମସ୍ୟାର ସମାଧାନ ନୁହେଁ ଏବଂ ଏହା କେବଳ ବିଶ୍ୱ ଅସ୍ଥିରତା ବୃଦ୍ଧି କରିବ, ତେଣୁ ଏହାର ତୁରନ୍ତ ସମାଧାନ ଜରୁରୀ । ଭବିଷ୍ୟତରେ ଆହୁରି କ୍ଷତି ଏଡାଇବା ପାଇଁ ଆଲୋଚନାର ଦ୍ୱାର ଖୋଲା ରଖିବା ଉଭୟ ଦେଶର ସ୍ୱାର୍ଥରେ ବୋଲି ଦୁଇ ନେତା ସହମତ ହୋଇଛନ୍ତି । ଇରାନ ପ୍ରସଙ୍ଗ ବ୍ୟତୀତ, ରାଷ୍ଟ୍ରପତି ପୁଟିନ ଟ୍ରମ୍ପଙ୍କୁ ୟୁକ୍ରେନୀୟ ଯୁଦ୍ଧର ସ୍ଥିତି ଏବଂ ଋଷୀୟ ସାମରିକ ବାହିନୀର ସାମ୍ପ୍ରତିକ ସଫଳତା ବିଷୟରେ ବିସ୍ତୃତ ଭାବରେ ଅବଗତ କରାଇଛନ୍ତି । ସେ କହିଛନ୍ତି, ଫ୍ରଣ୍ଟଲାଇନ୍‌ରେ ଋଷୀୟ ସୈନ୍ୟମାନେ ସ୍ଥିର ଭାବରେ ଆଗକୁ ବଢୁଛନ୍ତି ଏବଂ ଅନେକ ରଣନୈତିକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବଡ଼ ସଫଳତା ହାସଲ କରୁଛନ୍ତି । ଡିସେମ୍ବର ପରେ ଏହା ଦୁଇ ନେତାଙ୍କ ମଧ୍ୟରେ ପ୍ରଥମ ଆନୁଷ୍ଠାନିକ ଆଲୋଚନା ଏବଂ ଏହା ୟୁକ୍ରେନୀୟ ଏବଂ ଇରାନୀୟ ଉଭୟ ସମ୍ମୁଖର ଭବିଷ୍ୟତର ଗତିପଥ ନିର୍ଣ୍ଣୟ କରିପାରେ ବୋଲି ଚର୍ଚ୍ଚା ହେଉଛି । ୟୁକ୍ରେନରେ ସାମରିକ ଅଭିଯାନ ଚାରି ବର୍ଷ ପୂରଣ କରିବାକୁ ଯାଉଛି ଏବଂ ପୁଟିନଙ୍କ ଶାନ୍ତି ସ୍ଥାପନକାରୀ ଭୂମିକା ଅନ୍ତର୍ଜାତୀୟ କୂଟନୀତିରେ ଏକ ପ୍ରମୁଖ ପରିବର୍ତ୍ତନ ଭାବରେ ଦେଖାଯାଉଛି । ସେ ଟ୍ରମ୍ପଙ୍କୁ ଆଶ୍ୱାସନା ଦେଇଛନ୍ତି, ଋଷ ଏହି ଅଞ୍ଚଳରେ ଶାନ୍ତି ଚାହୁଁଛି କିନ୍ତୁ ନିଜର ସୁରକ୍ଷା ଏବଂ ସ୍ୱାର୍ଥ ସହିତ କୌଣସି ପ୍ରକାରର ସାଲିସ କରିବ ନାହିଁ । ଟ୍ରମ୍ପ ପୁଟିନଙ୍କ କଥା ଧ୍ୟାନର ସହିତ ଶୁଣିବା ସହ ୟୁକ୍ରେନ ସଙ୍କଟର ସମାଧାନ ପାଇଁ ଚାଲିଥିବା ଦ୍ୱିପାକ୍ଷିକ ଆଲୋଚନା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

### ଏସ୍‌ଆଇଆର ...

ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା, ଭୋଟର ତାଲିକା ସଂଶୋଧନ ପଦ୍ଧତି, ପୁରୁଣା ଭୋଟର ତାଲିକା ସହିତ ମତଦାତାଙ୍କ ମ୍ୟାପିଂ, ତଥ୍ୟ ସଂଗ୍ରହ ଏବଂ କ୍ଷେତ୍ରସ୍ତରରେ କାର୍ଯ୍ୟାନ୍ୱୟ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା ।

### ଟାଟା ପାୱାର ...

ବୃଦ୍ଧି ପାଇଛି । ସେହିପରି ସ୍ମାର୍ଟ ମିଟର ବ୍ୟବସ୍ଥା କରାଯିବା ଫଳରେ ବିଲିଂ ବ୍ୟବସ୍ଥା ତ୍ରୁଟିଶୂନ୍ୟ ହୋଇପାରିଛି । ରାଜ୍ୟରେ ଗ୍ରାହକଙ୍କ ସଂଖ୍ୟା ୭୬ ଲକ୍ଷରୁ ୯୭.୦୪ ଲକ୍ଷକୁ ବୃଦ୍ଧି ପାଇଛି । ବିଦ୍ୟୁତ୍ ସରବରାହ ଜନିତ କ୍ଷତି (ଟିଡ଼ି ଲସ୍) ୨୯.୪୮ ପ୍ରତିଶତରୁ ୧୬.୫୩ ପ୍ରତିଶତକୁ ହ୍ରାସ ପାଇଛି । ରାଜ୍ୟରେ ଅଘୋଷିତ ବିଦ୍ୟୁତ୍‌କାଟ୍ ହେଉନାହିଁ ବୋଲି ପ୍ରକାଶ କରି ମନ୍ତ୍ରୀ କହିଥିଲେ । ତେବେ ବିତରଣ କମ୍ପାନୀର ନିୟନ୍ତ୍ରଣ ବାହାରେ ଥିବା ବିଭିନ୍ନ ଭୌଗୋଳିକ କାରଣ ଯଥା ବନ୍ୟା, ବାତ୍ୟା, ଝଡବର୍ଷା, କାଳବୈଶାଖୀ ଓ ପ୍ରତିକୂଳ ପାଗ ସମୟରେ ବିଦ୍ୟୁତ ଭିତ୍ତିଭୂମିର କ୍ଷତି ଯୋଗୁ ସାମୟିକ ଭାବେ ବିଦ୍ୟୁତ୍ କଟାଯାଇଥାଏ ଏବଂ ପରିସ୍ଥିତି ସ୍ୱାଭାବିକ ହେବା ପରେ ଯଥା ଶୀଘ୍ର ବିଦ୍ୟୁତ୍ ଯୋଗାଣ ପୁନରୁଦ୍ଧାର କରାଯାଇଥାଏ । ଉପଭୋକ୍ତାମାନଙ୍କୁ ନିର୍ଭରଯୋଗ୍ୟ, ନିରାପଦ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ବଜାୟ ରଖିବା ପାଇଁ ବିତରଣ କମ୍ପାନୀମାନେ ନିରନ୍ତର ଉଦ୍ୟମରତ । ସାମଗ୍ରୀକ ଭାବେ ଦେଖିଲେ ଟାଟା ପାୱାର ଆସିବା ପରେ ଓଡ଼ିଶାରେ ବିଦ୍ୟୁତ୍ କ୍ଷେତ୍ରରେ ଯଥେଷ୍ଟ ଉନ୍ନତି ଘଟିଛି ବୋଲି କୁହାଯାଇ ପାରିବ । ରାଜ୍ୟରେ ସ୍ମାର୍ଟ ମିଟର ବିଦ୍ୟୁତ ବିତରଣ ବ୍ୟବସ୍ଥାରେ ଏକ ନୂତନ ଜ୍ଞାନକୌଶଳଯୁକ୍ତ ଏବଂ ଏହାର ବ୍ୟବହାର ଉପଭୋକ୍ତାଙ୍କ ପାଇଁ ବେଶ୍ ଲାଭଜନକ । ସ୍ମାର୍ଟ ମିଟର ସ୍ଥାପନ ରାଜ୍ୟ ସରକାରଙ୍କ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମନ୍ତ୍ରୀ କହିଥିଲେ । ଭାରତ ସରକାର ଏବଂ ଓଇଆରସିଙ୍କ ନିୟମାବଳୀ ଅନୁସାରେ ସାରା ଦେଶରେ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଚାଲୁ ରହିଛି । ୨୦୨୬ ମସିହା ଫେବୃଆରୀମାସ ସୁଦ୍ଧା ସମଗ୍ର ଦେଶରେ ମୋଟ୍ ୫.୮୦ କୋଟି ସ୍ମାର୍ଟ ମିଟର ସ୍ଥାପନ କରାଯାଇଛି । ମହାରାଷ୍ଟ୍ର, ବିହାର, ଉତ୍ତରପ୍ରଦେଶ ଓ ଆସାମ ପରି ରାଜ୍ୟ ଅଗ୍ରାଧିକାର ଭିତ୍ତିରେ ସ୍ମାର୍ଟ ମିଟର ସ୍ଥାପନ କରି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଏହା ଦ୍ୱାରା ବିତରଣ ବ୍ୟବସ୍ଥାରେ ସମଗ୍ର ବୈଷୟିକ ଓ ବାଣିଜ୍ୟିକ କ୍ଷତି ହ୍ରାସ ହେବା ସହିତ ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରରେ ଉନ୍ନତି ଆସିଥାଏ ଏବଂ ଗ୍ରାହକମାନେ ବିଶେଷ ଭାବେ ଉପକୃତ ହୋଇଥାନ୍ତି ବୋଲି ମନ୍ତ୍ରୀ କହିଥିଲେ । ତେବେ ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ବ୍ୟକ୍ତ କରି ବିରୋଧୀ ବିଜେଡ଼ି ଏବଂ କଂଗ୍ରେସର ବିଧାୟକମାନେ କକ୍ଷତ୍ୟାଗ କରିଥିଲେ । ଏହା ପରେ ମୁଲତବୀ ପ୍ରସ୍ତାବଟି ଅଗ୍ରାହ୍ୟ ହୋଇଥିଲା ।

### ୧୩ରେ ମିଳିବ ...

ଯୋଜନାର ଏକବିଂଶ କିସ୍ତି ପ୍ରେରଣ କରିଥିଲେ । ଏହି ଯୋଜନାରେ ହିତାଧିକାରୀମାନଙ୍କୁ ବର୍ଷକୁ ୩ଟି କିସ୍ତିରେ ମୋଟ ୬ ହଜାର ଟଙ୍କା ପ୍ରଦାନ କରାଯାଉଛି ।

### ଅଶୋଧିତ ତେଲ ୯୦...

ଗ୍ୟାସ ଦର ଥର୍ମ ପିଛା ୧୭୧ ପେନ୍ସ ଥିବାବେଳେ ଆଜି ତାହା ୧୨୩ ପେନ୍ସକୁ ଖସିଆସିଛି । ଅନ୍ୟପକ୍ଷରେ ମଙ୍ଗଳବାର ସେୟାର ବଜାରରେ ସୁଧାର ଆସିଛି । ସେନ୍‌ସେକ୍ସ ୬୩୯.୮୨ ପଏଣ୍ଟ୍ ବୃଦ୍ଧି ଘଟି ୭୮,୨୦୫.୯୮ ପଏଣ୍ଟରେ ବନ୍ଦ ହୋଇଛି । ସେହିଭଳି ନିଫ୍‌ଟି ୨୩୩.୫୫ ପଏଣ୍ଟ୍ ବୃଦ୍ଧି ଘଟି ୨୪,୨୬୧.୬୦ ପଏଣ୍ଟରେ ବନ୍ଦ ହୋଇଛି । ବିଶ୍ୱର ଅନ୍ୟାନ୍ୟ ପ୍ରମୁଖ ଷ୍ଟକ୍ ବଜାରରେ ସୁଧାର ଆସିଛି ।

### କୋଭିଡ୍ ଟିକା...

ଝିଅଙ୍କର କୋଭିଡ୍ ଟିକାର ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁଁ ମୃତ୍ୟୁ ଘଟିଥିଲା । ପିଲାମାନଙ୍କୁ ହରାଇବା ପରେ ପିତାମାତା କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏପରି ମୃତ୍ୟୁର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରିବାକୁ ଦାବି କରିଥିଲେ । ସେମାନଙ୍କ ଆବେଦନରେ ଏକ ଅତ୍ୟନ୍ତ ମାନବିକ ଦିଗ ଥିଲା । ସେମାନେ ଚାହୁଁଥିଲେ ଯେ ସରକାର ଏପରି ନିର୍ଦ୍ଦେଶାବଳୀ ବିକଶିତ କରନ୍ତୁ ଯାହା ଭବିଷ୍ୟତରେ ପାର୍ଶ୍ୱ ପ୍ରତିକ୍ରିୟାର ସମୟସୀମା ଚିହ୍ନଟ କରିପାରିବ ଏବଂ ପୀଡିତମାନଙ୍କୁ ଉପଯୁକ୍ତ ଚିକିତ୍ସା ମିଳିବାକୁ ନିଶ୍ଚିତ କରିବ । ସୁପ୍ରିମକୋର୍ଟ ସେମାନଙ୍କ ଯନ୍ତ୍ରଣା ବୁଝି ସ୍ୱୀକାର କରିଛନ୍ତି, ଯେଉଁ ପରିବାରଗୁଡ଼ିକ ଟିକା ଯୋଗୁଁ ସଦସ୍ୟମାନଙ୍କୁ ହରାଇଛନ୍ତି ସେମାନଙ୍କୁ ଏକା ଛାଡି ଦିଆଯାଇପାରିବ ନାହିଁ । ଆଦେଶରେ, ସୁପ୍ରିମକୋର୍ଟ ନୋ-ଫଲ୍ଟ ଆଧାର ବା କାହାର ଦୋଷ ତାହା ନ ପଚାରି କ୍ଷତିପୂରଣ ଦିଆଯିବାକୁ ଏକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ନୀତିକୁ ପ୍ରବର୍ତ୍ତନ କରିଛନ୍ତି । ଏହାର ସରଳ ଅର୍ଥ ହେଉଛି କ୍ଷତିପୂରଣ ପ୍ରଦାନ କରିବା ସମୟରେ, କିଏ ଦୋଷୀ ଥିଲା ସେ ବିଷୟରେ କୌଣସି ବିତର୍କ ହେବ ନାହିଁ, ଟିକା ନିର୍ମାତା କି ସରକାର । ପ୍ରଭାବିତ ପରିବାରକୁ କେବଳ ଟିକା ଯୋଗୁଁ କ୍ଷତି ସହିଥିବାରୁ ସେମାନଙ୍କୁ ସହାୟତା ଦିଆଯିବ । କୋର୍ଟ ଏକ ସନ୍ତୁଳନ ବଜାୟ ରଖି ସ୍ପଷ୍ଟ କରିଛନ୍ତି, ଏହି କ୍ଷତିପୂରଣକୁ ସରକାରଙ୍କ ପକ୍ଷରୁ କୌଣସି ବିଫଳତା କିମ୍ବା ଦୋଷ ସ୍ୱୀକାର ଭାବରେ ଦେଖାଯିବା ଉଚିତ ନୁହେଁ । କ୍ଷତିପୂରଣ ସମ୍ପର୍କରେ କୋର୍ଟ କେନ୍ଦ୍ର ସରକାରଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିବା ବେଳେ, କିଛି ଦାବି ଉପରେ ସରକାରଙ୍କ ବିଦ୍ୟମାନ ଗଠନ ଉପରେ ମଧ୍ୟ ଆସ୍ଥା ପ୍ରକାଶ କରିଛନ୍ତି । ଆବେଦନକାରୀମାନେ ମୃତ୍ୟୁର ତଦନ୍ତ ପାଇଁ ଏକ ନୂତନ ବିଶେଷଜ୍ଞ କମିଟି ଗଠନ କରିବାକୁ ଅନୁରୋଧ କରିଥିଲେ, କିନ୍ତୁ କୋର୍ଟ ମନା କରିଦେଇଛନ୍ତି । କୋର୍ଟ କହିଛନ୍ତି କେନ୍ଦ୍ର ସରକାରଙ୍କ ପାଖରେ ଟିକାର ପାର୍ଶ୍ୱ ପ୍ରତିକ୍ରିୟା ଉପରେ ନଜର ରଖିବା ପାଇଁ ପୂର୍ବରୁ ଏକ ବ୍ୟବସ୍ଥା ଅଛି ଏବଂ ବର୍ତ୍ତମାନ ଏକ ନୂତନ କମିଟିର ଆବଶ୍ୟକତା ନାହିଁ । କୋର୍ଟ ସର୍ତ୍ତ ରଖିଛନ୍ତି, ଏହି ମନିଟରିଂ ସିଷ୍ଟମରୁ ପ୍ରାପ୍ତ ତଥ୍ୟକୁ ସମୟ ସମୟରେ ସାର୍ବଜନୀନ କରାଯିବା ଉଚିତ ଯାହା ଦ୍ୱାରା ଲୋକଙ୍କ ମଧ୍ୟରେ ସ୍ୱଚ୍ଛତା ବଜାୟ ରହିବ ।

## ଏସ୍‌ବିଆଇ କଟକ ଆଞ୍ଚଳିକ କାର୍ଯ୍ୟାଳୟ ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ



**କଟକ, ନ୍ୟୁଜ ବ୍ୟୁରୋ**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, କଟକ ତରଫରୁ ସ୍ଥାନୀୟ ଏକ ହୋଟେଲରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ମହାପ୍ରବନ୍ଧକ ଡ଼ଃ. ବନ୍ଦନା ଅଗ୍ରୱାଲ ମୁଖ୍ୟ ଅତିଥି ଏବଂ ଡିଜିଏମ୍ ପ୍ରଶାନ୍ତ କୁମାର ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ମହିଳାମାନେ ଭାଗ ନେଇଥିଲେ ଏବଂ ମହିଳାମାନେ ସ୍ୱାବଲମ୍ବୀ ଏବଂ ସଶକ୍ତ ହେବା ପାଇଁ ଏସ୍‌ବିଆଇ ଦ୍ୱାରା ଯୋଗାଯାଉଥିବା ବିଭିନ୍ନ ସେବା ବିଷୟରେ ଆଲୋକପାତ କରାଯାଇଥିଲା । ଏସ୍‌ସିବି ମେଡ଼ିକାଲ କଲେଜର ଡିନ୍ ତଥା ଅଧ୍ୟକ୍ଷା ଡ. ଲୁସି ଦାସ ଏବଂ ବିଶିଷ୍ଟ ସମାଜସେବୀ କବିତା ମହାପାତ୍ର ସେମାନଙ୍କର ଦୀର୍ଘ ଦିନର ଅନୁଭୂତି ବାଣ୍ଟିଥିବା ସହ ମହିଳାମାନଙ୍କର ଉନ୍ନତିକରଣ ବିଷୟରେ ବର୍ଣ୍ଣନା କରିଥିଲେ । ଏସ୍‌ବିଆଇ କଟକର ଆଞ୍ଚଳିକ ପରିଚାଳକ ଚୌଧୁରୀ ଅଶ୍ୱିନ ଅନୁପମ ପ୍ରହରାଜ ମୁଖ୍ୟ ବକ୍ତା ଭାବେ ବ୍ୟାଙ୍କର ବିଭିନ୍ନ ମହିଳା ଉପଯୋଗୀ ଋଣ ଯୋଜନା ସମ୍ବନ୍ଧରେ ଆଲୋଚନା କରିଥିଲେ । ଉପସ୍ଥିତ ଥିବା ଅନେକ ମହିଳା ଉଦ୍ୟୋଗୀ ଭାରତୀୟ ଷ୍ଟେଟବ୍ୟାଙ୍କ ଦ୍ୱାରା ପାଇଥିବା ବିଭିନ୍ନ ସୁବିଧା ସୁଯୋଗର ପ୍ରଶଂସା କରିଥିଲେ ।

## ଛାତ୍ରଛାତ୍ରୀଙ୍କ କ୍ରୀଡାର ଉନ୍ନତି ପାଇଁ ଆଦିତ୍ୟ ଆଲୁମିନିୟମର ପ୍ରୟାସ

**ସମ୍ବଲପୁର ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କର କ୍ରୀଡାର ଉନ୍ନତିକଳ୍ପେ ଆଦିତ୍ୟ ଆଲୁମିନିୟମ କାରଖାନା ମୁଖ୍ୟ ଜଗନ୍ନାଥ ପ୍ରସାଦ ନାୟକଙ୍କ ପରାମର୍ଶରେ ଓ ମାନବସମ୍ବଳ ବିଭାଗ ମୁଖ୍ୟ ବିନୋଦାନନ୍ଦ ଠାକୁରଙ୍କ ତତ୍ତ୍ୱାବଧାନରେ ଆଦିତ୍ୟ ଆଲୁମିନିୟମର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ତରଫରୁ ଅଞ୍ଚଳରେ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାର କ୍ରୀଡା ସାମଗ୍ରୀ ପ୍ରଦାନ କରାଯାଇଛି । ଲପଙ୍ଗା ହାୟର ସେକେଣ୍ଡାରୀ ସ୍କୁଲ ପ୍ରାଙ୍ଗଣରେ ସ୍କୁଲର ଅଧ୍ୟକ୍ଷ ମନୋଜ ନାୟକଙ୍କ ଅଧ୍ୟକ୍ଷତାରେ ଏକ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥିରୂପେ ଲପଙ୍ଗାର ବରିଷ୍ଠ ନାଗରିକ ତଥା ସ୍କୁଲ ପରିଚାଳନା କମିଟିର ସଭ୍ୟ ତଥା ମୁକୁନ୍ଦ ବେହେରା (ପ୍ରେସିଡେଣ୍ଟ), ଅଶୋକ ସାହୁ (ଏସ୍‌ଏମ୍‌ଡିସି), ଦୂର୍ଗା ପ୍ରସାଦ ସାହୁ (ଏସ୍‌ଏମ୍‌ଡିସି), ଗଜେନ୍ଦ୍ର ଭୋଇ (ପିଇଟି), ପ୍ରସନ୍ନ ସାହୁ (ହଁ ଘିଚାମୁରା), ସୁରେଶ କୁମାର ଷଣ୍ଢ, ପ୍ରମୋଦ କୁମାର ସାହୁ (ଏଚ୍‌ଏମ୍ ଢର୍ରୋପାଣି) ଏପରି ଅନେକ ସ୍କୁଲର ପ୍ରଧାନ ଶିକ୍ଷକ ଓ ଶିକ୍ଷୟତ୍ରୀ, କ୍ରୀଡ଼ାପ୍ରେମୀ ଇତ୍ୟାଦି ଉପସ୍ଥିତ ରହିଥିଲେ । କ୍ରୀଡ଼ାପ୍ରେମୀ ଛାତ୍ରଛାତ୍ରୀମାନେ ଅତିଥିମାନଙ୍କଠାରୁ ଆଦିତ୍ୟ ଆଲୁମିନିୟମ ପ୍ରଦତ୍ତ କ୍ରୀଡା ସାମଗ୍ରୀକୁ ଗ୍ରହଣ କରିଥିଲେ । ଏହିପରି କାର୍ଯ୍ୟକ୍ରମ କରିଥିବାହେତୁ ଉପସ୍ଥିତ ଶିକ୍ଷକ, ଶିକ୍ଷୟତ୍ରୀ, ବରିଷ୍ଠ ବ୍ୟକ୍ତି ଓ କ୍ରୀଡାପ୍ରେମୀମାନେ ଆଦିତ୍ୟ ଆଲୁମିନିୟମର ପ୍ରୟାସକୁ ପ୍ରଶଂସା କରିବା ସହିତ ଏହାର ସୁଯୋଗକୁ ଛାତ୍ରଛାତ୍ରୀମାନେ ସଠିକ ରୂପେ ସଦୁପଯୋଗ କରି କ୍ରୀଡା କ୍ଷେତ୍ରରେ ଉନ୍ନତି କରିବାକୁ ପରାମର୍ଶ ଦେଇଥିଲେ । ପ୍ରକାଶ ଥାଉକି, ଏହା ପୂର୍ବରୁ ଆଦିତ୍ୟ ଆଲୁମିନିୟମ କମ୍ପାନୀ ଏକ କ୍ରୀଡା ସଂଯୋଜକ ନିଯୁକ୍ତି ଦେଇ ସ୍ଥାନୀୟ ଅଞ୍ଚଳରେ ଫୁଟବଲ ଖେଳର ଉନ୍ନତି ନିମନ୍ତେ କାର୍ଯ୍ୟରତ । ଏହି କ୍ରମରେ ଅଞ୍ଚଳରେ ତିନିଗୋଟି ମହିଳା ଫୁଟବଲ ଟିମ ଆଦିତ୍ୟ ଉଦୟ ସ୍ପୋର୍ଟସ ଟିମ୍ ନାମରେ ଗଠିତ ହୋଇଛି । ଯେଉଁ ଟିମ୍‌ର ଝିଅମାନେ ଜିଲ୍ଲାସ୍ତରୀୟ ଓ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣମେଣ୍ଟରେ ଭାଗ ନେଇପାରୁଛନ୍ତି ଯାହା ଆମ ଅଞ୍ଚଳ ପାଇଁ ଏକ ଗୌରବର କଥା ।



ଏହି କାର୍ଯ୍ୟକ୍ରମରେ ଆଦିତ୍ୟ ଆଲୁମିନିୟମ ତରଫରୁ ହୀରାକୁଦ ହିନ୍ଦାଲକୋର ସିଏସଆର ଉପଦେଷ୍ଟା ସୁକାନ୍ତ ମହାପାତ୍ର, ଆଦିତ୍ୟ ଆଲୁମିନିୟମରୁ ସୁରେଶ ଦାସ (ଇ ଆର), ମଧୁସୂଦନ ଜେନା, କିଶୋର ସାମଲ, ଦାମୋଦର ସାହୁ (ଆସୋସିଏଟ), ରାଜେନ୍ଦ୍ର ନାୟକ (ଆସୋସିଏଟ) ଇତ୍ୟାଦି ଉପସ୍ଥିତ ରହିଥିଲେ । ସିଏସଆର ଟିମ୍ ଅନ୍ତର୍ଯ୍ୟାମୀ କାର୍ଜି ଓ କବି କୁମାର, ଅମିତ ବାଗ, ଜୟନ୍ତ କୁମାର ପୋଢ଼ ଇତ୍ୟାଦି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

## ଜାତୀୟ ୱେବିନାରରେ ଓଡ଼ିଶାର ପ୍ରସ୍ତାବ : ଅର୍ଥନୈତିକ କରିଡର ନିକଟରେ 'ବିଶ୍ୱବିଦ୍ୟାଳୟ ଟାଉନସିପ୍' ପ୍ରତିଷ୍ଠା କରାଯାଉ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ବଜେଟ୍ ପରବର୍ତ୍ତୀ ଏକ ଜାତୀୟ ସ୍ତରୀୟ ୱେବିନାର ଆୟୋଜିତ ହୋଇଛି । ଏଥିରେ ଓଡ଼ିଶା ଅଂଶଗ୍ରହଣ କରି ପ୍ରମୁଖ ଶିଳ୍ପ ତଥା ଅର୍ଥନୈତିକ କରିଡର ନିକଟରେ 'ବିଶ୍ୱବିଦ୍ୟାଳୟ ଟାଉନସିପ୍' ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଏଥିରେ ଯୋଗ ଦେଇ କହିଥିଲେ ଯେ, ଉଚ୍ଚଶିକ୍ଷା, ଗବେଷଣା, ନୂତନତା ଏବଂ ସହରୀ ବିକାଶକୁ ସମନ୍ୱିତ କରି ଏହି ଟାଉନସିପ୍ ଗୁଡ଼ିକ ଗଠନ କରାଯିବା ଉଚିତ । କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ରେ ଦେଶର ପ୍ରମୁଖ ଶିଳ୍ପ ଏବଂ ଲଜିଷ୍ଟିକ୍ କରିଡରରେ ୫ଟି ସ୍ୱତନ୍ତ୍ର 'ବିଶ୍ୱବିଦ୍ୟାଳୟ ଟାଉନସିପ୍' ସ୍ଥାପନ ପାଇଁ ପ୍ରସ୍ତାବ ଦିଆଯାଇଛି । ଶ୍ରୀମତୀ ପାଢ଼ୀ ପରାମର୍ଶ ଦେଇଛନ୍ତି ଯେ, ଓଡ଼ିଶାର ବିଭିନ୍ନ ପ୍ରତିଷ୍ଠିତ ଅର୍ଥନୈତିକ ଅଞ୍ଚଳ ଏବଂ ପଶ୍ଚିମ ଓ ଉତ୍ତର ଓଡ଼ିଶାର ସହରୀ ଅର୍ଥନୈତିକ ଜୋନଗୁଡ଼ିକୁ ଆଧାର କରି ଏହି ଟାଉନସିପ୍ ନିର୍ମାଣ କରାଯାଇପାରିବ । ବିଶେଷ କରି ରାଉରକେଲା, ସମ୍ବଲପୁର ଏବଂ କୋରାପୁଟ ଭଳି ସହରକୁ କେନ୍ଦ୍ର କରି ଶିକ୍ଷାନୁଷ୍ଠାନ ଓ ଶିଳ୍ପ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରାଗଲେ ଆଞ୍ଚଳିକ ବିକାଶ ସନ୍ତୁଳିତ ହୋଇପାରିବ । ଏହି ଟାଉନସିପ୍ ଗୁଡ଼ିକୁ ଆଧୁନିକ ଭିତ୍ତିଭୂମି, ଗବେଷଣା କେନ୍ଦ୍ର, ଛାତ୍ରାବାସ ଏବଂ ଉନ୍ନତ ପରିବହନ ସେବା ସହିତ ଏକ ସାଟେଲାଇଟ୍ ସିଟି ଭାବେ ବିକଶିତ କରିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି ।

19001/77/2526

## ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର
## ବ୍ଲକ ସ୍ତରୀୟ ସମୀକ୍ଷା ଜନଶୁଣାଣି

ଏତଦଦ୍ୱାରା ଗଞ୍ଜାମ ଜିଲ୍ଲାର ୨୨(ବାଇଶିଟି) ପଞ୍ଚାୟତ ସମିତିର ସମସ୍ତ ଜନ ସାଧାରଣଙ୍କୁ ଜଣାଇ ଦିଆ ଯାଉଛି ଯେ, ଗଞ୍ଜାମ ଜିଲ୍ଲା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ସମଗ୍ର ଶିକ୍ଷାରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟ ଗୁଡିକର ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ପାଇଁ ନିମ୍ନ ଲିଖିତ ଦିନ ସମୟ ଓ ସ୍ଥାନ ଧାର୍ଯ୍ୟ କରାଯାଇଛି । ଏହି ଦିନ ଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ଅଣକୁଶଳୀ ଶ୍ରମ ଜୀବୀଙ୍କର ପରିବାର ସଦସ୍ୟ, ଯୋଜନା ସହ ସମ୍ପୃକ୍ତ ଥିବା ସଂଗଠନ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ତ୍ରିସ୍ତରୀୟ ପଞ୍ଚାୟତିରାଜ ବିଭାଗ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ଅଂଶଗ୍ରହଣ କରିପାରିବେ । ଏହି ଜନଶୁଣାଣି ଉପରୋକ୍ତ ଯୋଜନାରେ ୨୦୨୫-୨୬ (୧ ଏପ୍ରିଲ ୨୦୨୫ ଠାରୁ ୩୦ ସେପ୍ଟେମ୍ବର ୨୦୨୫) (MGNREGS), (ସମଗ୍ର ଶିକ୍ଷା, ୨୦୨୪-୨୫) ଆର୍ଥିକ ବର୍ଷର କାର୍ଯ୍ୟକାରୀ ହୋଇଥିବା ସମୁଦାୟ ପ୍ରକଳ୍ପର ସଂଖ୍ୟା, କାମ ଶେଷ ହୋଇଥିବା ପ୍ରକଳ୍ପର ସଂଖ୍ୟା, ପାଇଥିବା ଅର୍ଥର ପରିମାଣ, ଖର୍ଚ୍ଚ ହୋଇଥିବା ଅର୍ଥର ପରିମାଣ, ପଞ୍ଜୀକୃତ ହୋଇଥିବା ପରିବାର ସଂଖ୍ୟା, କାର୍ଯ୍ୟପତ୍ର ଯୋଗାଣ ହୋଇଥିବା ସଂଖ୍ୟା, କାମ ପାଇଁ ଦାବି କରିଥିବା ପରିବାର ସଂଖ୍ୟା, ୧୦୦ ଦିନ କାର୍ଯ୍ୟ ସମାପ୍ତ କରିଥିବା ପରିବାରର ସଂଖ୍ୟା, ଶ୍ରମ ଯୋଗାଣ ସୃଷ୍ଟି ହୋଇଥିବା ଦିନର ସଂଖ୍ୟା, ବେକାରି ଭତ୍ତା ଦିଆଯିବା ସମ୍ପର୍କେ ସାମାଜିକ ସମୀକ୍ଷାରେ ମିଳିଥିବା ଆପତ୍ତି ଅଭିଯୋଗର ସଂଖ୍ୟା ଏବଂ ଫଇସଲା ହୋଇଥିବା ଅଭିଯୋଗ ଇତ୍ୟାଦିର ସମୀକ୍ଷା ବ୍ଲକ ସ୍ତରୀୟ ଜନଶୁଣାଣି ଦ୍ୱାରା କରାଯିବ ।

ଏଣୁ ଆପଣଙ୍କୁ ଅନୁରୋଧ, ଆପଣ ମାନେ ଏହି ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣିରେ ବହୁ ସଂଖ୍ୟାରେ ଯୋଗ ଦେଇ ଉପରୋକ୍ତ କାର୍ଯ୍ୟ କାରିଣୀକୁ ନେଇ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ଥିଲେ ଉଥାପନ କରି ପାରିବେ ।

| କ୍ରମିକ ନଂ | ବ୍ଲକର ନାମ | ତାରିଖ | ସମୟ | ସ୍ଥାନ | କ୍ରମିକ ନଂ | ବ୍ଲକର ନାମ | ତାରିଖ |
|---|---|---|---|---|---|---|---|
| ୧ | ଆସ୍କା | ୧୧.୦୩.୨୦୨୬ | ୧୧.୦୦ ଦିବା | ପଞ୍ଚାୟତ ସମିତି କାର୍ଯ୍ୟାଳୟ | ୧୨ | ଜଗନ୍ନାଥପ୍ରସାଦ | ୧୯.୦୩.୨୦୨୬ |
| ୨ | ବେଗୁନିଆପଡା | ୧୨.୦୩.୨୦୨୬ | | | ୧୩ | କବିସୂର୍ଯ୍ୟନଗର | ୦୮.୦୪.୨୦୨୬ |
| ୩ | ବେଲଗୁଣ୍ଠା | ୨୩.୦୩.୨୦୨୬ | | | ୧୪ | ଖଲ୍ଲିକୋଟ | ୨୫.୦୩.୨୦୨୬ |
| ୪ | ଭଞ୍ଜନଗର | ୩୦.୦୩.୨୦୨୬ | | | ୧୫ | କୁକୁଡାଖଣ୍ଡି | ୨୬.୦୩.୨୦୨୬ |
| ୫ | ବୁଗୁଡା | ୨୪.୦୩.୨୦୨୬ | | | ୧୬ | ପାତ୍ରପୁର | ୦୨.୦୪.୨୦୨୬ |
| ୬ | ଛତ୍ରପୁର | ୦୭.୦୪.୨୦୨୬ | | | ୧୭ | ପୋଲସରା | ୨୦.୦୩.୨୦୨୬ |
| ୭ | ଚିକିଟି | ୧୬.୦୩.୨୦୨୬ | | | ୧୮ | ପୁରୁଷୋତ୍ତମପୁର | ୧୩.୦୪.୨୦୨୬ |
| ୮ | ଧରାକୋଟ | ୩୧.୦୩.୨୦୨୬ | | | ୧୯ | ରଙ୍ଗେଇଲୁଣ୍ଡା | ୦୯.୦୪.୨୦୨୬ |
| ୯ | ଦିଗପହଣ୍ଡି | ୧୭.୦୩.୨୦୨୬ | | | ୨୦ | ସାନଖେମୁଣ୍ଡି | ୦୬.୦୪.୨୦୨୬ |
| ୧୦ | ଗଞ୍ଜାମ | ୧୩.୦୩.୨୦୨୬ | | | ୨୧ | ଶେରଗଡ | ୦୪.୦୪.୨୦୨୬ |
| ୧୧ | ହିଞ୍ଜିଳୀକାଟୁ | ୧୮.୦୩.୨୦୨୬ | | | ୨୨ | ସୋରଡା | ୧୦.୦୪.୨୦୨୬ |

ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା- କାର୍ଯ୍ୟନିର୍ବାହୀ ଅଧିକାରୀ,
ଜିଲ୍ଲାପରିଷଦ, ଗଞ୍ଜାମ, ଛତ୍ରପୁର

OIPR-19001/19372/1/25-26/0002

ଭୁବନେଶ୍ୱର, ୧୧ ମାର୍ଚ୍ଚ, ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# କିଟ୍‌ରେ ଆୟୋଜିତ ହେବ ୬୧ତମ ଫେମିନା ମିସ୍ ଇଣ୍ଡିଆ ଗ୍ରାଣ୍ଡ ଫିନାଲେ



**ଭୁବନେଶ୍ୱର, ୧୦।୩ ନ୍ୟୁଜ ବ୍ୟୁରୋ**

କିଟ୍ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେବ ୬୧ତମ ଫେମିନା ମିସ୍ ଇଣ୍ଡିଆ ଗ୍ରାଣ୍ଡ ଫିନାଲେ। ଆସନ୍ତା ଏପ୍ରିଲରେ କିଟ୍ କ୍ୟାମ୍ପସରେ ଆୟୋଜିତ ହେବ ଏହି ମେଗା ଇଭେଣ୍ଟ। ଏ ନେଇ ମଙ୍ଗଳବାର ମୁମ୍ବାଇଠାରେ କିଟ୍ ବିଶ୍ୱବିଦ୍ୟାଳୟ ଓ ଫେମିନା ମିସ୍ ଇଣ୍ଡିଆ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ପ୍ରଥମ ଥର ପାଇଁ କୌଣସି ବିଶ୍ୱବିଦ୍ୟାଳୟରେ ଏଭଳି ମେଗା ଇଭେଣ୍ଟ ଆୟୋଜନ କରାଯାଉଛି। ଏହା ସହିତ ଦେଶର ପୂର୍ବାଞ୍ଚଳରେ ଏଭଳି କାର୍ଯ୍ୟକ୍ରମ ପ୍ରଥମ ଥର କିଟ୍‌ରେ ଆୟୋଜନ କରାଯାଉଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ ସିଂହ ଓ କିଟ୍ ସ୍କୁଲ ଅଫ୍ ଆର୍କିଟେକଚର ମହାନିର୍ଦ୍ଦେଶକ ପ୍ରଫେସର ଏସ୍ ଏସ୍ ରାୟ ଓ ଟାଇମ୍ ଗ୍ରୁପ ପକ୍ଷରୁ ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୋହିତ ଗୋପ କୁମାର ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ମୁମ୍ବାଇର ଟାଇମସ ଅଫ୍ ଇଣ୍ଡିଆ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫେମିନା ମିସ୍ ଇଣ୍ଡିଆ ୨୦୨୫ର କର୍ମକର୍ତ୍ତାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ବୁଝାମଣା ସମୟରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଫେମିନା ମିସ୍ ଇଣ୍ଡିଆ ପକ୍ଷରୁ ଦୀର୍ଘ ୪ ମାସ ପୂର୍ବରୁ କିଟ୍ ଓ କିସ୍ ପରିଦର୍ଶନ କରି ଏହାର ଭିତ୍ତିଭୂମି ବୁଲି ଦେଖିଥିଲେ। କିଟ୍‌ର ଅତି ସୁନ୍ଦର ଭିତ୍ତିଭୂମି ଦେଖି କିଟ୍‌ରେ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଫେମିନା ମିସ୍ ଇଣ୍ଡିଆ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ। ଏହି ଅବସରରେ ସୂଚନା ଦେଇ ଡ. ସାମନ୍ତ କହିଲେ ଏହା ଏକ ମର୍ଯ୍ୟାଦାଜନକ କାର୍ଯ୍ୟକ୍ରମ ହୋଇଥିବାରୁ ଏହା କିଟ୍, କିସ୍ ଓ ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। ଏଥିପାଇଁ ଡ. ସାମନ୍ତ ଟାଇମସ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ବିନୀତ ଜୈନ, ସିଇଓ ରୋହିତ ଗୋପକୁମାର ଓ ଫେମିନା ମିସ୍ ଇଣ୍ଡିଆ ଦଳକୁ ଧନ୍ୟବାଦ ଜଣାଇଥିଲେ।

# 'ଶୂନ୍ୟକାଳ'ରେ ବିଧାୟକ ଉଠାଇଲେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ

**ଭୁବନେଶ୍ୱର, ୧୦/୦୩**
**ନ୍ୟୁଜ ବ୍ୟୁରୋ**



ମଙ୍ଗଳବାର ବିଧାନସଭାର ଶୂନ୍ୟକାଳରେ ବିଧାୟକମାନେ ରାଜ୍ୟ ସ୍ୱାର୍ଥ ଜଡ଼ିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏବଂ ଆଞ୍ଚଳିକ ସମସ୍ୟା ଉତ୍ଥାପନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଥମେ ବିଜେଡ଼ି ବିଧାୟକ ସାରଦା ପ୍ରସନ୍ନ ଜେନା ରାଜ୍ୟରେ ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ବୃଦ୍ଧବୃଦ୍ଧାମାନଙ୍କୁ ଭତ୍ତା ଦିଆଯାଉ ନଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିବା ବେଳେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ୨୦୧୯ ମସିହାରୁ ଦୀର୍ଘ ୭ ବର୍ଷ ହେଲା ୨୭୯୮ ଜଣ ଏସ୍‌ସି, ଏସ୍‌ଟି ଟ୍ରେଣ୍ଡ ଗ୍ରାଜୁଏଟଙ୍କୁ ଗଣଶିକ୍ଷା ବିଭାଗରେ ନିଯୁକ୍ତି ମିଳିନଥିବା ନେଇ ଉଦବେଗ ପ୍ରକାଶ କରିବା ସହ ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଥିଲେ। ବିଭାଗୀୟ ରୁପୁ ଭାତ୍ରା କୋଟପାଡ଼ ନିର୍ବାଚନ ମଣ୍ଡଳୀରେ ସିଏଚ୍‌ସିକୁ ଉନ୍ନୀତ କରିବା ପାଇଁ ନିବଦେନ କରିଥିବା ବେଳେ ବିଧାୟକ ଗଣେଶ୍ୱର ବେହେରା କେନ୍ଦ୍ରାପଡ଼ା ଜିଲ୍ଲାରେ ଜନସାଧାରଣଙ୍କ ଗମନାଗମନ ସୁବିଧା ପାଇଁ ବ୍ରାହ୍ମଣୀ ଓ ଗୋବରୀ ନଦୀ ଉପରେ ସେତୁ ନିର୍ମାଣ କାର୍ଯ୍ୟ ତୁରନ୍ତ କାର୍ଯ୍ୟକାରୀ କରିବା ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟିକା ସୋଫିଆ ଫିର୍ଦ୍ଦୋଷ କଟକ ଶୈଳବାଳା ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ପାଇଁ ଦୀର୍ଘ ୫୦ଦିନ ଧରି ସମ୍ପୃକ୍ତ ମହାବିଦ୍ୟାଳୟର ଛାତ୍ରୀମାନେ ଆନ୍ଦୋଳନ ଚଳାଇଥିବା ପ୍ରସଙ୍ଗ ଉଠାଇ ସରକାର ଏ ଦିଗରେ ପଦକ୍ଷେପ ନେବାକୁ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ମେଗା ଲିଫ୍ଟ ଯୋଜନାରୁ ବାଦ୍ ପଡ଼ିଥିବା ବାଙ୍କୀ ଅଞ୍ଚଳର ୭୦୦ ହେକ୍ଟର ଜମିକୁ ଅନ୍ତର୍ଭୁକ୍ତ କରିବା ପାଇଁ ନିବେଦନ କରିଥିଲା ବେଳେ ବିଧାୟକ ଉମାଚରଣ ମଲ୍ଲିକ ଓ ରମେଶ ଚନ୍ଦ୍ର ବେହେରା ସେମାନଙ୍କ ଅଞ୍ଚଳରେ ମୋବାଇଲ ନେଟୱର୍କ କାମ କରୁନଥିବା କହିଥିଲେ। ବିଧାୟକ ପ୍ରଦୀପ କୁମାର ଦିଶାରୀ ଇନ୍ଦ୍ରାବତୀ ପ୍ରୋଜେକ୍ଟ ସ୍କୁଲ୍‌ରେ ଶିକ୍ଷକ ସମସ୍ୟାର ସମାଧାନ ପାଇଁ କହିଥିବା ବେଳେ ବିଧାୟକ ପବିତ୍ର ସାଉଁଟା ପାହାଡ଼ିଆ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଦୂର ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ନିବେଦନ କରିଥିଲେ। ବିଧାୟକ ଧ୍ରୁବ ଚରଣ ସାହୁ ଗହିରମଥା ସାମୁଦ୍ରିକ ଅଭୟାରଣ୍ୟ ଠାରୁ ଧାମରା ମୁହାଣ ପର୍ଯ୍ୟନ୍ତ ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ଦିଗରେ ସରକାର ପଦକ୍ଷେପ ନେବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନରସିଂହ ଭାତ୍ରା, ସନାତନ ବିଜୁଳି, ଜୟ ଡୋଲକିଆ, ସୁଦର୍ଶନ ହରିପାଲ, ଜଲେନ ନାୟକ, ଆକାଶ ଦାସ ନାୟକ, ସୁଧୀର ରଞ୍ଜନ ପାଟଯୋଶୀ, ଅଶୋକ ମହାନ୍ତି, ସରୋଜ ପାଢ଼ୀ, ମନୋରଞ୍ଜନ ଦ୍ୟାନସାମନ୍ତରାୟ ପ୍ରମୁଖ ଶୂନ୍ୟ କାଳରେ ନିଜ ନିଜ ଅଞ୍ଚଳର ସମସ୍ୟା ଉଠାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।



ଭୁବନେଶ୍ୱର : ଚୈତ୍ର ମାସ ପ୍ରଥମ ମଙ୍ଗଳବାର ରାଜଧାନୀରେ ମା' ବାଟ ମଙ୍ଗଳାଙ୍କ ପୂଜାର୍ଚ୍ଚନା ପରେ ପଣା ଅର୍ପଣ କରୁଛନ୍ତି ବ୍ରତଧାରୀ ମହିଳାମାନେ। (ଫଟୋ : ସମ୍ବାଦ କଳିକା)

# 'ଦୁର୍ନୀତିଗ୍ରସ୍ତ ନ୍ୟାୟପାଳିକା' ଚାପ୍ଟର ପାଇଁ ନିଃସର୍ତ୍ତରେ ଭୁଲ ମାଗିଲା ଏନ୍‌ସିଇଆର୍‌ଟି

**ନୂଆଦିଲ୍ଲୀ,୧୦/୦୩**

ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକକୁ ନେଇ କ୍ଷମା ମାଗିଲା ଏନ୍‌ସିଇଆର୍‌ଟି । ନ୍ୟାୟପାଳିକା ସମ୍ବନ୍ଧୀୟ ବିବାଦୀୟ ଚାପ୍ଟରକୁ ନେଇ ନିଃସର୍ତ୍ତରେ ସାର୍ବଜନୀନ କ୍ଷମା ପ୍ରାର୍ଥନା କରିଛି ଜାତୀୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦ । ଏକ ବିବୃତ୍ତି ଜାରି କରି ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତରେ 'ନ୍ୟାୟପାଳିକା ଦୁର୍ନୀତିଗ୍ରସ୍ତ' ଅଧ୍ୟାୟକୁ ନେଇ ସୃଷ୍ଟି ହୋଇଥିବା ବିବାଦ ପାଇଁ କ୍ଷମା ମାଗିଛି । ଏନସିଆରଟି କହିଛି ଯେ ବିତରଣ ବହିକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିନିଆଯାଇଛି । ବିବାଦୀୟ ଚାପ୍ଟରକୁ ନେଇ କ୍ଷୁବ୍ଧ ହୋଇଥିଲେ ସୁପ୍ରିମକୋର୍ଟ । ପୂର୍ବରୁ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକଙ୍କୁ କାରଣ



ଦର୍ଶାଅ ନୋଟିସ ଜାରି କରିଥିଲେ । ଦାୟୀ ଲୋକଙ୍କ ବିରୁଦ୍ଧରେ କାହିଁକି ଅବମାନନା କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ ନାହିଁ ସେ ବିଷୟରେ ସ୍ପଷ୍ଟୀକରଣ ମାଗିଥିଲେ।

ସୋସିଆଲ ମିଡିଆ ଏକ୍ସରେ ଏନ୍‌ସିଇଆର୍‌ଟି କ୍ଷମା ପ୍ରାର୍ଥନା କରି ଲେଖିଛନ୍ତି, ଏନସିଆରଟି ସମ୍ପ୍ରତି ଏକ ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକ, ଏକ୍ସପ୍ଲୋରିଂ ସୋସାଇଟି : ଇଣ୍ଡିଆ ଆଣ୍ଡ ବିୟଣ୍ଡ, ଗ୍ରେଡ୍ ୮ ଭାଗ-୨ ପ୍ରକାଶ କରିଛି । ଯେଉଁଥିରେ ଅଧ୍ୟାୟ ଆଇଭି ଶୀର୍ଷକ ଥିଲା ଆମ ସମାଜରେ ନ୍ୟାୟପାଳିକାର ଭୂମିକା । ଏନସିଆରଟି ନିର୍ଦ୍ଦେଶକ ଏବଂ ସଦସ୍ୟମାନେ ସେହି ଅଧ୍ୟାୟ ପାଇଁ ନିଃସର୍ତ୍ତରେ କ୍ଷମା ପ୍ରାର୍ଥନା କରିଛନ୍ତି। ସଂଗଠନ ଆହୁରି ଲେଖିଛି, ସମ୍ପୂର୍ଣ୍ଣ ପୁସ୍ତକଟି ପ୍ରତ୍ୟାହର କରାଯାଇଛି। ଆଉ କୌଣସି ସ୍ଥାନରେ ଏହା ଉପଲବ୍ଧ ନାହିଁ। ଗତ ମାସରେ ବିବାଦୀୟ ଚାପ୍ଟରକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ । ପ୍ରସଙ୍ଗର ବିଚାର କରି ଏନସିଇଆରଟିକୁ କଡ଼ା ଭର୍ତ୍ସନା କରିଥିଲେ। ସୁପ୍ରିମକୋର୍ଟ ନୂଆ ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକକୁ ମଧ୍ୟ ନିଷିଦ୍ଧ କରିଥିଲେ । 'ନ୍ୟାୟପାଳିକା ଦୁର୍ନୀତି' ବିଷୟରେ ଉଲ୍ଲେଖ କରିଥିବା ଏକ ଅଧ୍ୟାୟକୁ ବିରୋଧ କରି ସ୍କୁଲ, ବୁକଷ୍ଟୋର ଏବଂ ଅନଲାଇନ୍ ପ୍ଲାଟଫର୍ମରୁ ପୁସ୍ତକର ସମସ୍ତ କପି (ମୁଦ୍ରିତ ଏବଂ ଡିଜିଟାଲ ଉଭୟ) ତୁରନ୍ତ ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ବିପୁଳ ଏମ୍. ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ । ବିଷୟବସ୍ତୁକୁ ନ୍ୟାୟପାଳିକାର ମର୍ଯ୍ୟାଦା ଏବଂ କର୍ତ୍ତୃତ୍ୱକୁ ହ୍ରାସ କରିବା ପାଇଁ ଜାଣିଶୁଣି କରାଯାଇଥିବା ପ୍ରୟାସ ବୋଲି ମନେ ହେଉଥିବା କହିଥିଲେ ।

# ୨୦୨୭ ମାର୍ଚ୍ଚମାସ ଶେଷ ସୁଦ୍ଧା ରାଜ୍ୟରେ ନିର୍ମାଣାଧୀନ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ

**ଭୁବନେଶ୍ୱର, ୧୦/୦୩**
**ନ୍ୟୁଜ ବ୍ୟୁରୋ**

ଆସନ୍ତା ୨୦୨୭ ମାର୍ଚ୍ଚ ମାସ ଶେଷ ସୁଦ୍ଧା ରାଜ୍ୟରେ ନିର୍ମାଣଧୀନ ୨୦୭ଟି ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମଙ୍ଗଳବାର ବିଧାନସଭାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ ସୂଚନା ଦେଇଛନ୍ତି। ରାଜ୍ୟରେ ପିଇବା ପାଣି ସମସ୍ୟା ଜନିତ ପ୍ରସଙ୍ଗ ସମ୍ପର୍କିତ ବିଧାୟକ ମନୋରଞ୍ଜନ ଦ୍ୟାନସମାନ୍ତରାୟଙ୍କ ମୂଳ ପ୍ରଶ୍ନ ଏବଂ ବିଧାୟକ ସର୍ବଶ୍ରୀ ରାମଚନ୍ଦ୍ର କାଡ଼ାମ, ଦୁର୍ଗାପ୍ରସନ୍ନ ନାୟକ, ଲକ୍ଷ୍ମଣ ବାଗ, ସିଦ୍ଧାନ୍ତ ମହାପାତ୍ର, ସାରଦା ପ୍ରସନ୍ନ ଜେନା, ଅଶୋକ ଦାସ, ସଞ୍ଜଲି ମୁର୍ମୁ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରମୁଖଙ୍କ ଅନ୍ୟ କେତେକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଥିଲେ ଯେ, ବର୍ତ୍ତମାନ ସୁଦ୍ଧା ୨୬ଟି ମେଗା ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଥିବା ବେଳେ ଚଳିତ ମାର୍ଚ୍ଚ ମାସ ସୁଦ୍ଧା ଆଉ ୨୮ଟି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ରାଜ୍ୟରେ ୨୦୨୬ ମାର୍ଚ୍ଚ ମାସ ୫ ତାରିଖ ସୁଦ୍ଧା ୭୭.୨୭ ପ୍ରତିଶତ ଘରକୁ ପାନୀୟ ଜଳ ଯୋଗାଣ ସୁବିଧା କରାଯାଇ ପାରିଛି। ୧୮ଟି ଇନ୍‌ଟେକ୍ ୱେଲର ସ୍ଥାନ ପରିବର୍ତ୍ତନ କରାଯାଇଛି। ତେବେ ଓଡ଼ିଶାର ଜଳ ସଙ୍କଟ ଥିବା ଅଞ୍ଚଳଗୁଡ଼ିକରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନିଆଯିବା ସହ ଅଚଳ ହୋଇ ପଡ଼ିଥିବା ନଳକୂପ ଗୁଡ଼ିକୁ ସଚଳ କରିବା ପାଇଁ ମଧ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏ ଦିଗରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବ ନାହିଁ। ମନ୍ତ୍ରୀ କହିଥିଲେ ବିଗତ ୨୪ ବର୍ଷ ସରକାରରେ ୨୬ ହଜାର ଟ୍ୟୁବୱେଲ ଦିଆଯାଇଥିବା ବେଳେ ବର୍ତ୍ତମାନର ସରକାର ଗୋଟିଏ ବର୍ଷରେ ୨୬ ହଜାର ଟ୍ୟୁବୱେଲ ଦେଇଛନ୍ତି।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୧୦/୦୩/୨୦୨୬
୪,୯୨,୫୩୬/- ଟଙ୍କା
ସୁନା:-୦୧ ଗ୍ରାମ୍ ୦୩୦ ମିଲିଗ୍ରାମ୍
ରୂପା:-୩୮ ଗ୍ରାମ୍୪୦୦ ମିଲିଗ୍ରାମ୍

# ଓଡ଼ିଶାର ୯ଟି ଷ୍ଟେସନ ଦେଇ ଚାଲିବ ଅମୃତ ଭାରତ ଟ୍ରେନ୍

## ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର, ୧୦/୦୩**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ ରେଳ ସଂଯୋଗୀକରଣକୁ ମିଳିଛି ପ୍ରୋତ୍ସାହନ। କେନ୍ଦ୍ର ସରକାର ତାମିଲନାଡୁର କୋଏମ୍ବାଟୁର ଜିଲ୍ଲା ପୋଡନୁର ଏବଂ ଝାଡ଼ଖଣ୍ଡର ଧାନବାଦକୁ ସଂଯୋଗ କରିବା ପାଇଁ ଏକ ନୂତନ ଅମୃତ ଭାରତ ଟ୍ରେନ୍ ସେବା ଆରମ୍ଭ ପାଇଁ ଅନୁମୋଦନ ପ୍ରଦାନ କରିଛନ୍ତି। କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ଚିଠି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏହି ସୂଚନା ଦେଇଛନ୍ତି ।

ତେବେ ଏହି ଅମୃତ ଭାରତ ଟ୍ରେନ୍ ଓଡ଼ିଶା-ତାମିଲନାଡୁ-ଝାଡ଼ଖଣ୍ଡ ମଧ୍ୟରେ ରେଳ ସେବାକୁ ଅଧିକ ସୁଦୃଢ଼ କରିବ ବୋଲି ଚିଠିରେ ଉଲ୍ଲେଖ ରହିଛି। ସେପଟେ ରାଜ୍ୟରେ ରେଳ ସଂଯୋଗୀକରଣରେ ଉଲ୍ଲେଖନୀୟ ଭାବରେ ବୃଦ୍ଧିକୁ ନେଇ ମୁଖ୍ୟମନ୍ତ୍ରୀ ମହୋନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ୍ସରେ ପୋଷ୍ଟ କରି ଧନ୍ୟବାଦ ଜଣାଇଛନ୍ତି।

ନୂତନ ଭାବେ ଅନୁମୋଦନ ପାଇଥିବା ଅମୃତ ଭାରତ ଟ୍ରେନ୍ ଝାଡ଼ଖଣ୍ଡ ପହଞ୍ଚିବା ପୂର୍ବରୁ ରାୟଗଡା, ମୁନିଗୁଡ଼ା, କେସିଙ୍ଗା, ଟିଟିଲାଗଡ଼, ବଲାଙ୍ଗୀର, ବରଗଡ ରୋଡ୍, ସମ୍ବଲପୁର, ଝାରସୁଗୁଡା ଏବଂ ରାଉରକେଲା ସମେତ ଓଡ଼ିଶାର ଅନେକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଦେଇ ଯିବ। ଏହି ରେଳ ସେବା ଆରମ୍ଭ ହେବା ଦ୍ୱାରା ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାର ଯାତ୍ରୀମାନେ ଯାତ୍ରା ଲାଭ ଉଠାଇ ପାରିବେ । ତତ୍ ସହିତ ଦକ୍ଷିଣ ଭାରତ ଏବଂ ଦେଶର ଅନ୍ୟାନ୍ୟ ସ୍ଥାନକୁ ସହଜ ଯାତ୍ରାର ବିକଳ୍ପ ସୃଷ୍ଟି ହେବ । ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାରୁ ଦକ୍ଷିଣ ଭାରତ ଏବଂ ଝାଡ଼ଖଣ୍ଡକୁ ଯାତ୍ରା କରୁଥିବା ଛାତ୍ରଛାତ୍ରୀ, ଶ୍ରମିକ, ବ୍ୟବସାୟୀ ଏବଂ ଯାତ୍ରୀମାନଙ୍କୁ ମଧ୍ୟ ସାହାଯ୍ୟ କରିବ।

ଏହି ମଞ୍ଜୁରୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଓଡ଼ିଶାରେ ରେଳ ସଂଯୋଗୀକରଣକୁ ଉନ୍ନତ କରିବା ଏବଂ ରାଜ୍ୟବାସୀଙ୍କ ପାଇଁ ଉତ୍ତମ ପରିବହନ ସୁବିଧା ସୁନିଶ୍ଚିତ କରିବା ପାଇଁ ନିରନ୍ତର ପ୍ରୟାସର ଏକ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ଭାବରେ ଦେଖାଯାଉଛି। ନୂତନ ଅମୃତ ଭାରତ ଟ୍ରେନ୍ ଆଞ୍ଚଳିକ ସଂଯୋଗୀକରଣକୁ ସୁଦୃଢ଼ କରିବ ଏବଂ ଓଡ଼ିଶାର ସାମଗ୍ରିକ ବିକାଶରେ ଯୋଗଦାନ ଦେବ ବୋଲି ଆଶା କରାଯାଉଛି ।

# ସାମ୍ବାଦିକଙ୍କ ରେଳ ରିହାତି ପାସ୍ ନବୀକରଣ କରାଯିବାକୁ ଦାବି



**ଅମରାବତୀ, ୧୦/୦୩**

ଅଲ୍ ଇଣ୍ଡିଆ ନ୍ୟୁଜପେପର୍ ଏମ୍ପ୍ଲୋଇଜ୍ ଫେଡେରେସନ୍ (ଏଆଇଏନ୍‌ଇଏଫ୍) ଜାତୀୟ ବରିଷ୍ଠ ଉପାଧ୍ୟକ୍ଷ ଚାଲାଡି ପୂର୍ଣ୍ଣଚନ୍ଦ୍ର ରାଓ ମଙ୍ଗଳବାର ଏକ ବିବୃତ୍ତିରେ କହିଛନ୍ତି ଯେ ଦେଶର ସ୍ୱୀକୃତିପ୍ରାପ୍ତ ସାମ୍ବାଦିକଙ୍କୁ ରେଳ ପାସ ପୁନଃସ୍ଥାପିତ କରାଯିବା ଉଚିତ।

ଦୀର୍ଘ ସଂଘର୍ଷ ପରେ, ଦେଶର ସାମ୍ବାଦିକମାନଙ୍କୁ ଶେଷରେ ତତ୍କାଳୀନ ରେଳମନ୍ତ୍ରୀ ମମତା ବାନାର୍ଜୀ ରେଳ ପାସ ପ୍ରଦାନ କରିଥିଲେ, କିନ୍ତୁ କୋଭିଡ୍-୧୯ ସମୟରେ ରେଳବାଇ ସେମାନଙ୍କ ପାଇଁ ସେହି ସୁବିଧା ବାତିଲ କରିଥିଲା ଏବଂ ଏପର୍ଯ୍ୟନ୍ତ ଏହାକୁ ନବୀକରଣ କରିନାହିଁ, ସେ ଦୁଃଖ ପ୍ରକାଶ କରିଛନ୍ତି ଯେ ଦିନରାତି ସରକାରୀ କାର୍ଯ୍ୟକ୍ରମ ଏବଂ ସାମାଜିକ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ ସାମ୍ବାଦିକମାନଙ୍କ ପାଇଁ ଉପଲବ୍ଧ ବାସସ୍ଥାନ ବାତିଲ କରିବା ଅନ୍ୟାୟ।

ସେ ମତ ଦେଇଛନ୍ତି ଯେ ଭାରତ ସରକାର କର୍ପୋରେଟ୍ କମ୍ପାନୀଗୁଡ଼ିକୁ ହଜାର ହଜାର କୋଟି ଟଙ୍କାର ପ୍ରୋତ୍ସାହନ ଦେଉଛନ୍ତି ଏହା ଭଲ, କିନ୍ତୁ ଦେଶର ସାମ୍ବାଦିକମାନଙ୍କୁ ରେଳ ପାସ ପ୍ରଦାନ କରିବା ସେମାନଙ୍କ ପ୍ରୋତ୍ସାହନ ତୁଳନାରେ ଏତେ ମହଙ୍ଗା ନୁହେଁ।

ରେଳବାଇ ବହୁ ବର୍ଷ ଧରି ସାମ୍ବାଦିକମାନଙ୍କୁ ୫୦ ପ୍ରତିଶତ ରିହାତିରେ ପାସ୍ ପ୍ରଦାନ କରିଆସୁଛି ଏବଂ ସାମ୍ବାଦିକମାନେ ୧୦୦ ପ୍ରତିଶତ ରିହାତି ଆଶା କରିବା ଅନ୍ୟାୟ, କିନ୍ତୁ ଛଅ ବର୍ଷ ଧରି ଥିବା ସୁବିଧାକୁ ସମ୍ପୂର୍ଣ୍ଣ ବାତିଲ କରାଯାଇଛି ଏବଂ ପୁନଃସ୍ଥାପିତ କରାଯାଇ ନାହିଁ ବୋଲି ପୂର୍ଣ୍ଣଚନ୍ଦ୍ର ରାଓ କହିଛନ୍ତି।

କେନ୍ଦ୍ର ସରକାର ଚଳିତ ବଜେଟ୍ ଅଧିବେଶନରେ ଏହି ପ୍ରସଙ୍ଗକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବରେ ବିଚାର କରିବା ଉଚିତ, ସାମ୍ବାଦିକମାନଙ୍କୁ ଏକ ସ୍ୱତନ୍ତ୍ର ବର୍ଗ ଭାବରେ ବିବେଚନା କରିବା ଉଚିତ ଏବଂ ସଂସଦର ବଜେଟ୍ ଅଧିବେଶନ ଶେଷ ହେବା ପୂର୍ବରୁ ସେମାନଙ୍କ ପାଇଁ ପାସ୍ ନବୀକରଣ ତୁରନ୍ତ ଘୋଷଣା କରିବା ଉଚିତ ବୋଲି ଏଆଇଏନ୍‌ଇଏଫ୍‌ର ବରିଷ୍ଠ ଉପାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ରାଓ ଦାବି କରିଛନ୍ତି।



ସମ୍ପାଦକୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
ମାର୍ଚ୍ଚ ପହିଲାରୁ ନିୟନ୍ତ୍ରଣ ବାହାରେ ବନାଗ୍ନି
ଯୁଦ୍ଧ ଯୋଗୁଁ ପାକିସ୍ତାନରେ ତୈଳ ସଙ୍କଟର ପ୍ରଭାବ : ମନ୍ତ୍ରୀଙ୍କୁ ମିଳିବନି ଦରମା

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଫସିଥିବା ଲକ୍ଷାଧିକ ପ୍ରବାସୀ ଓଡ଼ିଆଙ୍କୁ ଫେରାଇ ଆଣିବାକୁ ନବୀନଙ୍କ ଅପିଲ୍

**ଭୁବନେଶ୍ୱର, ୧୦/୦୯**
**ନ୍ୟୁଜ ବ୍ୟୁରୋ**

ମଧ୍ୟପ୍ରାଚ୍ୟ ଦେଶରେ ଯୁଦ୍ଧ ଘନଘଟା ପ୍ରଖର ହେବାରେ ଲାଗିଛି । ଯୁଦ୍ଧ ପ୍ରଭାବିତ ବିଭିନ୍ନ ଦେଶରେ ଫସି ରହିଛନ୍ତି ଲକ୍ଷ ଲକ୍ଷ ପ୍ରବାସୀ ଓଡ଼ିଆ । ସେମାନଙ୍କୁ ଫେରାଇ ଆଣିବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି ବିରୋଧୀ ନେତା ନବୀନ ପଟ୍ଟନାୟକ। ଏପଟେ ବିଗତ ଦିନ ଭଳି ଏଥର ମଧ୍ୟ କେନ୍ଦ୍ର ସରକାର ପଦକ୍ଷେପ ନେବେ ବୋଲି କହିଛନ୍ତି ଓଡିଶା ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ।

ଇରାନ ଏବଂ ଆମେରିକା ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧ ଭୟଙ୍କର ହେବାରେ ଲାଗିଛି । ଉଭୟ ପକ୍ଷ ପରସ୍ପରର ସହଯୋଗୀ ରାଷ୍ଟ୍ରଙ୍କୁ କ୍ଷେପଣାସ୍ତ୍ର, ଡ୍ରୋନ ଆକ୍ରମଣ କରୁଛନ୍ତି। ଫଳରେ ମଧ୍ୟପ୍ରାଚ୍ୟ ଦେଶରେ ଯୁଦ୍ଧ ପରିସ୍ଥିତି ଜଟିଳ ହେବାରେ ଲାଗିଛି । ମିଜାଇଲ ମାଡ଼ରେ ଥରି ଉଠୁଛି ଅତ୍ୟାଧୁନିକ ଅଟ୍ଟାଳିକା। ଭୁଶୁଡ଼ି ପଡୁଛି ସୁଉଚ୍ଚ ବିଲ୍ଡିଂ । ମଧ୍ୟପ୍ରାଚ୍ୟ ଦେଶରେ ଫସି ରହିଛନ୍ତି କୋଟି କୋଟି ଭାରତୀୟ । ସେମାନଙ୍କ ମଧ୍ୟରେ ଲକ୍ଷାଧିକ ପ୍ରବାସୀ ଓଡ଼ିଆ ରହିଛନ୍ତି । ବିଶେଷ କରି ଦୁବାଇ, ସାଉଦି ଆରବ, ବାହାରିନ ଭଳି ଦେଶରେ ଅଧିକାଂଶ ପ୍ରବାସୀ ଓଡ଼ିଆ ଅବସ୍ଥାନ କରୁଛନ୍ତି। ସେମାନେ ଭୟରେ କାଳାତିପାତ କରୁଛନ୍ତି । ପରିବାର ଲୋକ ମଧ୍ୟ ଅନିଶ୍ଚିତତା ମଧ୍ୟରେ ଗତି କରୁଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରୁ ଓଡ଼ିଆଙ୍କ ଫସିରହିଥିବା ଖବର ସାମ୍ନାକୁ



ଆସୁଛି । ଯୁଦ୍ଧ ଦିନକୁ ଦିନ ତୀବ୍ରତର ହେଉଥିବାରୁ ପ୍ରବାସୀ ଓଡ଼ିଆଙ୍କ ସୁରକ୍ଷା ଚିନ୍ତାର ବିଷୟ ପାଲଟିଛି । ମଧ୍ୟପ୍ରାଚ୍ୟ ଦେଶ ଗୁଡ଼ିକରେ ବସବାସ କରୁଥିବା ପ୍ରବାସୀ ଓଡ଼ିଆ ଭିଡିଓ ବାର୍ତ୍ତା ମାଧ୍ୟମରେ ସେମାନଙ୍କୁ ସୁରକ୍ଷିତ ଫେରାଇ ଆଣିବାକୁ ନିବେଦନ କରିଛନ୍ତି । ସେମାନଙ୍କ ପ୍ରିୟଜନକୁ ନିଜ ଘରକୁ ଫେରାଇ ଆଣିବାକୁ ପରିବାର ଲୋକ ମଧ୍ୟ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି । ମଧ୍ୟପ୍ରାଚ୍ୟ ଦେଶରେ ଅବସ୍ଥାପିତ ପ୍ରବାସୀ ଓଡ଼ିଆଙ୍କ ସୁରକ୍ଷା ବାବଦରେ ଚିନ୍ତିତ ଅଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସେଥିପାଇଁ ଶ୍ରୀ ପଟ୍ଟନାୟକ ମଙ୍ଗଳବାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ କହିଛନ୍ତି, 'ମଧ୍ୟପ୍ରାଚ୍ୟର ଭୟଙ୍କର ଯୁଦ୍ଧ ମଧ୍ୟରେ ଫସି ରହିଥିବା ଲକ୍ଷ ଲକ୍ଷ ଓଡ଼ିଆଙ୍କ ଭୟ ଓ ଭାବାବେଗକୁ ଅନୁଭବ କରିପାରୁଛି । ଶ୍ରମିକଙ୍କଠୁ ଆରମ୍ଭ କରି ଛାତ୍ରଛାତ୍ରୀ, ପେଷାଦାର, ପର୍ଯ୍ୟଟକ ତଥା ଭ୍ରମଣକାରୀମାନେ ଅତ୍ୟନ୍ତ ଭୟଭୀତ ଅଛନ୍ତି । ଏପଟେ ଓଡ଼ିଶାରେ ଥିବା ସେମାନଙ୍କ ପରିବାର, ପ୍ରିୟଜନ ସେମାନଙ୍କ ଫେରିବା ବାଟକୁ ଅନାଇ ବସିଛନ୍ତି। ଆକାଶ ପଥ ବନ୍ଦ । ବିମାନ ବାତିଲ ହେଉଛି। ବର୍ଡର ମଧ୍ୟ ବନ୍ଦ। ଏପରି ଅସମୟରେ ସମସ୍ତ ଓଡ଼ିଆଙ୍କୁ ସୁରକ୍ଷିତ ଫେରାଇ ଆଣିବା ରାଜ୍ୟ ସରକାରଙ୍କ କର୍ତ୍ତବ୍ୟ । ହେଲେ ସରକାର ସେମିତି କୌଣସି ତତ୍ପରତା ଦେଖାଇ ନାହାନ୍ତି। ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ନ ନେବା ପ୍ରବାସୀଙ୍କ ଦୁର୍ଦ୍ଦଶାକୁ ଆହୁରି କଠିନ କରିଦେଉଛି । ତ୍ୱରିତ ଓ ସମୟୋଚିତ ପଦକ୍ଷେପ ପ୍ରତିଟି ଓଡ଼ିଆଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ । ଅନେକ ପ୍ରବାସୀଙ୍କ ଜୀବନ ସୁରକ୍ଷିତ କରିବ ।' ଜବାବରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି, 'ସମସ୍ତ ଓଡ଼ିଆ ଫେରି ଆସିବେ। ବିଗତ ଦିନରେ ସରକାର ଯେମିତି ପଦକ୍ଷେପ ନେଇଥିଲେ, ଏଥର ମଧ୍ୟ ସେମିତି ନେବେ । ଟୋଲଫ୍ରୀ ନମ୍ବର ଜାରି ହୋଇଛି। ଲୋକେ ଯୋଗାଯୋଗ କରିବେ। ଲୋକେ ସୁରକ୍ଷିତ ସ୍ଥାନରେ ରହିବେ। ବାହାରକୁ ବାହାରିବେ ନାହିଁ । କାରଣ କ୍ଷେପଣାସ୍ତ୍ର ଓ ବୋମା ମାଡ଼ ହେଉଛି।' ସେହିପରି ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖି ଗତ ୨ ତାରିଖରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରବାସୀ ଓଡ଼ିଆଙ୍କ ସୁରକ୍ଷା ସଂପର୍କିତ ଆଲୋଚନା ହୋଇଛି । ପରିସ୍ଥିତିକୁ ନଜର କରି ପ୍ରସ୍ତୁତି ଓ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି । ପ୍ରବାସୀଙ୍କୁ ସହଯୋଗ ପାଇଁ ଭାରତର ବୈଦେଶିକ ମନ୍ତ୍ରଣାଳୟ ଦ୍ୱାରା ଏକ ୨୪ ଘଣ୍ଟିଆ ଟୋଲଫ୍ରି ନମ୍ବର କରିଛନ୍ତି । ଏହି ନମ୍ବର ହେଉଛି ୮୦୦-୪୬୩୪୨ ଓ ହ୍ୱାଟ୍ସଆପ ନଂ- ୯୭୧୫୪୩୦୯୦୫୭୧ ରହିଛି । ଓଡ଼ିଶା ସରକାରଙ୍କ ପକ୍ଷରୁ ସହାୟତା ଓ ସୂଚନା ନେଇ ଓଡ଼ିଶା ମୋ ପରିବାର, ରାଜ୍ୟ ଗୃହ ବିଭାଗ, ରାଜ୍ୟ ଶ୍ରମ ନିର୍ଦ୍ଦେଶାଳୟ, ପ୍ରବାସୀ ଭାରତୀୟଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ସଂସ୍ଥା ବା ପ୍ରୋଟେକ୍ଟର ଅଫ ଏମିଗ୍ରାଣ୍ଟର୍ସଙ୍କ ସହ ମିଳିତ ଭାବେ ଏକ ୱାର୍କିଂ ଗ୍ରୁପ ଗଠନ କରାଯାଇଛି । ଓଡ଼ିଶା ପରିବାର ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀଙ୍କୁ ପ୍ରିତୀଶ ପଣ୍ଡା ନୋଡାଲ ଅଧିକାରୀ ଭାବେ ସୂଚନା ଓ ସହାୟତା ପାଇଁ କାର୍ଯ୍ୟରତ ଅଛନ୍ତି। ସ୍ୱତନ୍ତ୍ର ଅଧିକାରୀଙ୍କ ଦୂରଭାଷ ନମ୍ବର - ୯୫୮୩୩୨୧୯୬୪ ରହିଛି।

ଫେବୃୟାରୀ ୨୮ ତାରିଖରେ ଇରାନରେ ଆମେରିକା-ଇସ୍ରାଏଲର ମିଳିତ ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ପାଉଥିବା ବେଳେ ବିଧାନସଭା ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟର ଦ୍ୱିତୀୟ ଦିନରେ ଶ୍ରୀ ପଟ୍ଟନାୟକ ଏହି ନିବେଦନ କରିଛନ୍ତି । ମଙ୍ଗଳବାର ଦିନ ମହାଯୁଦ୍ଧ ସଂଘର୍ଷ ୧୧ ତମ ଦିନରେ ପହଞ୍ଚିଛି । ଯାହା ଏହି ଅଞ୍ଚଳରେ ଭାରତୀୟ ପ୍ରବାସୀମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ତେବେ ଯୁଦ୍ଧ ଦିନକୁ ଦିନ ତୀବ୍ରତର ରୂପ ନେଉଥିବା ବେଳେ ପ୍ରବାସୀ ଓଡ଼ିଆଙ୍କ ସୁରକ୍ଷା ଚିନ୍ତାର ବିଷୟ ପାଲଟିଛି । ମଧ୍ୟପ୍ରାଚ୍ୟ ଦେଶ ଗୁଡିକରେ ବସବାସ କରୁଥିବା ପ୍ରବାସୀ ଓଡ଼ିଆ ଭିଡିଓ ବାର୍ତ୍ତା ମାଧ୍ୟମରେ ସେମାନଙ୍କୁ ସରକ୍ଷିତ ଫେରାଇ ଆଣିବାକୁ ନିବେଦନ କରିଛନ୍ତି । ଏପଟେ ପରିବାର ଲୋକ ମଧ୍ୟ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି । ସେମାନଙ୍କ ପ୍ରିୟଜନକୁ ନିଜ ଘରକୁ ଫେରାଇ ଆଣିବାକୁ ।